NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-


www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 30 JULY 2025
ବୁଧବାର ୩୦ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 76 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୭୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ସହକାରୀ ଯନ୍ତ୍ରୀଙ୍କ ବିପୁଳ ସମ୍ପତ୍ତି ଠାବ

### ଏକକାଳୀନ ୧୦ ସ୍ଥାନରେ ଚଢ଼ଉ



**କଟକ,ନୟାଗଡ଼,୨୯।୭/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଆର୍ ଆଣ୍ଡ୍ ବି ଡିଭିଜନ୍-୨ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ପୈତୃକ ଘର ସମେତ ୧୦ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ଉ କରୁଛି। ଏପରିକି ନୟାଗଡ଼ରେ ୧୩ ମୂଲ୍ୟବାନ ପ୍ଲଟ୍ ସହିତ ବହୁ ବେନାମୀ ସମ୍ପତ୍ତି ଠାବ କରିଛି। ଭୁବନେଶ୍ୱରର ୮ ଏବଂ ନୟାଗଡ଼ର ୨ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏଗୁଡ଼ିକ ମଧ୍ୟରେ ନୀଳାଦ୍ରି ବିହାର ସେକ୍ଟର୍-୫ ପ୍ଲଟ୍ ନମ୍ବର ୨୨୬ରେ ଥିବା ତିନିମହଲା କୋଠା, କସ୍ମୋପଲିସ୍ ଅଷ୍ଟମ ମହଲାରେ ଫ୍ଲାଟ୍ ନମ୍ବର ଇ-୦୮୩, ପାହାଳସ୍ଥିତ ସିମ୍ଫନି ମଲ୍‌ରେ ଦୋକାନ ନମ୍ବର ୧୬, ନୟାଗଡ଼ ଜଗନ୍ନାଥପ୍ରସାଦରେ ଅବସ୍ଥିତ ପୈତୃକ ଘର, ଶ୍ରୀ ଜେନାଙ୍କ କାର୍ଯ୍ୟାଳୟ ଚାମ୍ବର, ପଟିଆରେ ଥିବା ତାଙ୍କ ଶ୍ୱଶୁରଙ୍କ ଘର, ନୟାଗଡ଼ର ଶିବାଜୀନଗରରେ ଥିବା ତାଙ୍କ ଅନ୍ୟ ଜଣେ ଶ୍ୱଶୁରଙ୍କ ଘର, ଟାୱାର ଏଚ୍ କସ୍ମୋପଲିସ୍‌ର ଫ୍ଲାଟ୍ ନମ୍ବର ଏଚ୍-୧୬୪, ଡୁମଡୁମାସ୍ଥିତ ପ୍ଲଟ୍ ନମ୍ବର୍ ୫୪୯/୩୧୭୭/୩୩୬୮ ଏବଂ ଜାଗମରାରେ ୬୧୭ ନଂ ପ୍ଲଟ୍‌ସ୍ଥିତ ମେସର୍ସ ଏଏସ୍ଏନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଏକକାଳୀନ ଚଢ଼ଉ କରାଯାଇଛି। ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସୁନା ଗହଣା ଜବତ ହୋଇଛି। ତେବେ ଜଣେ ଯନ୍ତ୍ରୀ କିପରି କୋଟି କୋଟି ଟଙ୍କାର ମାଲିକ ଓ ସିମ୍ଫୋନି ମଲ୍ ଭଳି ବଡ଼ ବଡ଼ ମଲ୍‌ରେ ବ୍ୟବସାୟ କରୁଥିଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି। ଭୁବନେଶ୍ୱର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୭ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୧୧ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଉଛି।

## ୪ ବ୍ଲକ୍‌କୁ ସ୍ୱର୍ଣ୍ଣ, ୭କୁ ରୌପ୍ୟ, ୩କୁ କାଂସ୍ୟ ଓ ୧୧ ବ୍ଲକ୍‌କୁ ତାମ୍ରପଦକ

# ଆକାଂକ୍ଷୀ ଜିଲ୍ଲାରେ ପୂରଣ ହେବ ଆକାଂକ୍ଷା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ୍ ସାବ୍ୟସ୍ତ ହୋଇଛି। ଏଥିସହିତ ଆଗାମୀ ଦିନଗୁଡ଼ିକରେ ଆକାଂକ୍ଷୀ ଜିଲ୍ଲାର ଆକାଂକ୍ଷା ପୂରଣହେବ। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ କନ୍‌ଭେନସନ୍ କେନ୍ଦ୍ରଠାରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଏକସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩-'ସି' ଯଥା- କନ୍‌ଭର୍‌ଜେନ୍ସ ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କୋଲାବରେସନ୍ ଅର୍ଥାତ୍- କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରତିଯୋଗିତା ଅର୍ଥାତ୍- ପ୍ରମୁଖ



ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ୍‌ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ- 'ଭୋକାଲ୍ ଫର୍ ଲୋକାଲ୍' ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପଦେବା ନିମନ୍ତେ ୨୦୨୪ ମସିହାରେ 'ଆକାଂକ୍ଷା ବ୍ରାଣ୍ଡ୍'ର ଶୁଭାରମ୍ଭ କରାଯାଇଛି। ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି। ଏହି ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଉପଲବ୍ଧତା ବୃଦ୍ଧିପାଇବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳିପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ୍ ଇ-ବଜାରଗୁଡ଼ିକରେ ମଧ୍ୟ ଉପଲବ୍ଧ କରାଯିବ। ଏହା ଦ୍ୱାରା ଏହି ଉତ୍ପାଦଗିଡ୍କର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇପାରିବ। ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି

**ଦୁର୍ଗମ ଜିଲ୍ଲାକୁ ଯୋଗାଯୋଗ, ପରିବହନକୁ ପ୍ରାଥମିକତା**

**ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସଫଳ ମଡେଲ୍**

ନିମନ୍ତେ ଆକାଂକ୍ଷା ବ୍ରାଣ୍ଡ୍‌ର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ▶▶ ୫

### ମୟୂରଭଞ୍ଜରେ ଡବଲ୍ ମର୍ଡର୍

## ମାଟି ତଳୁ ୨ ମୃତଦେହ ଉଦ୍ଧାର



**ବାରିପଦା,୨୯।୭/ଏନ୍ଏନ୍ଏସ୍:**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ବଡ଼ ନୂଆଗାଁରେ ଶିହରଣ ସୃଷ୍ଟି କରିବା ଭଳି ଘଟଣା ଘଟିଛି। ସ୍ତ୍ରୀ, ଶାଶୂଙ୍କୁ ଅତି ଜଘନ୍ୟ ଭାବେ ହତ୍ୟାକରି ଜ୍ୱାଇଁ ବାଡ଼ିରେ ପୋତିଦେବା ସହ ସେଠାରେ କଦଳୀଗଛ ଲଗାଇଥିଲା ବେଳେ ପୁଲିସ ପହଞ୍ଚି ମୃତଦେହ ଦୁଇଟି ଉଦ୍ଧାର

**ସ୍ତ୍ରୀ, ଶାଶୂଙ୍କୁ ପୋତି କଦଳୀଗଛ ଲଗାଇଲା ଜ୍ୱାଇଁ**

କରିଛି। ମୃତ ମା' ଓ ଝିଅ ହେଲେ ସୋନାଲି ଦଲେଇ (୨୩) ଓ ସୁମତି ଦଲେଇ (୫୫)। ଅଭିଯୁକ୍ତ ଜ୍ୱାଇଁ ଦେବାଶିଷ ପାତ୍ର ବୋଲି ଜଣାପଡ଼ିଛି।

ସୂଚନା ମୁତାବକ ଦେବାଶିଷ ପାତ୍ର ଆମ୍ବଡୁବି ଗ୍ରାମର ଲକ୍ଷ୍ମୀଧର ଦଲେଇଙ୍କ ଝିଅ ସୋନାଲି ଦଲେଇଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଗୋଟିଏ ଏକବର୍ଷର ପୁତ୍ର ସନ୍ତାନ ରହିଛି। ଦେବାଶିଷ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କୁଆବୁଡ଼ା ସବ୍‌ସେଣ୍ଟର୍‌ରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି। କୌଣସି ଘରୋଇ କଳହ କାରଣ ପାଇଁ ଦେବାଶିଷ ସ୍ତ୍ରୀ ସୋନାଲି ଓ ଶାଶୂ ସୁମତି ଦଲେଇ ଦୁଇଜଣଙ୍କୁ ଗତ ୧୯ ତାରିଖ ଦିନ ପଥରରେ ଛେଚି ହତ୍ୟା କରିଥିଲା। ପରେ ନିଜ ଲେମ୍ବୁବାଡ଼ିରେ ଗାତ ଖୋଳି ମୃତଦେହ ଦୁଇଟିକୁ ପୋତି ଦେଇଥିଲା। ତେବେ ଲୋକଙ୍କ ସନ୍ଦେହ ଏଡ଼ାଇବା ପାଇଁ ପୋତା ସ୍ଥାନ ଉପରେ କଦଳୀଗଛ ଲଗାଇଥିଲା। ତେବେ କିଛିଦିନ ଧରି ହତ୍ୟାକାରୀଙ୍କ ସ୍ତ୍ରୀ ନିଖୋଜ ଥିବାରୁ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ବାଡ଼ିରେ ଗାତ ଖୋଳି ପୋତା ଯାଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାତଖୋଳି ମୃତଦେହ ଦୁଇଟିକୁ ଉଦ୍ଧାର କରିଛି। ଥାନା ଆଇଆଇସି ମଧୁମିତା ମହାନ୍ତି, ମାଜିଷ୍ଟ୍ରେଟ୍ ଦୁର୍ଗା ଚରଣ ମୁର୍ମୁଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତ ପୁଲିସ ଆଗରେ ହତ୍ୟାକରି ପୋତି ଦେଇଥିବା କଥା ସ୍ୱୀକାର କରିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

## ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା

**ପୁରୀ,୨୯।୭/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା। ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପୁଲିସ ହାତରେ ଧରାପଡ଼ିଛନ୍ତି। ସିଂହଦ୍ୱାର ଥାନା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ କ୍ୟାମେରା ଓ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି।

ସୂଚନା ମୁତାବକ, ଅଟକ ଯୁବକ ଜଣକ ପୁରୀ ଗଜପତି ନଗରର ଅଭିସିତ୍ କର ବୋଲି ଜଣାପଡ଼ିଛି। ତେବେ ତାଙ୍କ ସହ କେଉଁ ସେବକ ଯାଇଥିଲେ, ସେନେଇ ସିଂହଦ୍ୱାର ଥାନା ପୁଲିସ ତଦନ୍ତ କରୁଛି। ତେବେ ସମ୍ପୃକ୍ତ ଯୁବକ ଜଣକ ଅଭିନବ ଉପାୟରେ ଶ୍ରୀମନ୍ଦିର ଭିତରେ ଫଟୋ ଓ ଭିଡିଓ ହିଡେନ୍ କ୍ୟାମେରା ମାଧ୍ୟମରେ କଏଦ କରିଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ନିଜ ଚଷମାରେ ହିଡେନ୍ କ୍ୟାମେରା ଲେନ୍ସ ଲଗାଇ ଶ୍ରୀମନ୍ଦିରର ଭିତର ଭିଜୁଆଲ୍ ଉତ୍ତୋଳନ କରୁଥିଲେ। ଚଷମାରେ ଲାଗିଥିବା ଲେନ୍ସରୁ ଫଟୋ ଓ ଭିଡିଓ ସିଧାସଳଖ ମୋବାଇଲ୍‌କୁ ଟ୍ରାନ୍ସଫର୍ ହେବାର ସୁବିଧା ରହିଛି ଏହି କ୍ୟାମେରାରେ। ତେବେ ବେହରଣ ଦ୍ୱାର ନିକଟରେ



- **ପଚରାଉଚରା ପରେ ନୋଟିସ୍ ଦେଇ ଅଭିଯୁକ୍ତକୁ ଛାଡ଼ିଲା ପୁଲିସ**
- **ତଦନ୍ତ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଏସ୍‌ପି**

ପୁଲିସ ସନ୍ଦେହ କରିବାରୁ ସମ୍ପୃକ୍ତ ଯୁବକଙ୍କୁ ଧରି ସିଂହଦ୍ୱାର ଥାନାକୁ ନେଇଥିଲା। ସେପଟେ ଶ୍ରୀମନ୍ଦିର ଚାରି ଦ୍ୱାରରେ କଡ଼ା ସୁରକ୍ଷା ଏବଂ ଚେକିଂ ସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଏହି ଯୁବକ ଜଣକ କ୍ୟାମେରା ଓ ମୋବାଇଲ୍ ଫୋନ୍ ନେବାକୁ କିଭଳି ସାହାସ କଲେ ତାକୁ ନେଇ ଏବେ ସୁରକ୍ଷା ବ୍ୟବସ୍ଥା ଉପରେ ▶▶ ୫

## ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି କଲ୍ୟାଣ କମିଟି ଅଧକ୍ଷ ସମ୍ମିଳନୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ଅଗଷ୍ଟ ମାସ ୨୯ ଓ ୩୦ତାରିଖରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଆଲୋଚନା ଅନୁଯାୟୀ ଏହି ଜାତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧକ୍ଷ ▶▶ ୫


**ଯୋଗଦେବେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି**

### ଟ୍ରକ୍‌କୁ ଧକ୍କା ଦେଲା ବସ୍

## ୧୮ କାଉଡ଼ିଆ ମୃତ, ୨୦ ଆହତ

**ରାଞ୍ଚି,୨୯।୭/ଏଜେନ୍ସି:**

ଝାଡ଼ଖଣ୍ଡର ଡୁମ୍‌କା ଜିଲ୍ଲାରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୧୮ଜଣ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ କିଛି କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଗ୍ୟାସ୍ ସିଲିଣ୍ଡର୍ ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଇନ୍ସପେକ୍ଟର୍ ଜେନେରାଲ୍ (ଡୁମ୍‌କା ଜୋନ୍) ଶୈଳେନ୍ଦ୍ର କୁମାର ସିହ୍ନା ପିଟିଆଇକୁ ସୂଚନା ଦେଇ କହିଛନ୍ତି ଯେ ଦେଓଘରର ମୋହନପୁର ଥାନା ଅନ୍ତର୍ଗତ ଜାମୁନିଆ ଜଙ୍ଗଲ ନିକଟରେ କାଉଡ଼ିଆଙ୍କୁ ନେଇଯାଉଥିବା ଏକ ୩୨ ସିଟ୍ ବିଶିଷ୍ଟ ବସ୍ ଏକ ଟ୍ରକ୍ ସହିତ



ଧକ୍କା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀ ପୁଲିସ୍‌କୁ ଦେଇଥିବା ବୟାନ୍ ଅନୁସାରେ ବସ୍‌ଟି ଅତ୍ୟଧିକ ବେଗରେ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଏହି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ମଙ୍ଗଳବାର ଭୋର୍ ପ୍ରାୟ ୪.୩୦ ସମୟରେ ଘଟିଥିବା କୁହାଯାଉଛି।

ସ୍ଥାନୀୟ ପୁଲିସ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ▶▶ ୫

### ଅପରେସନ୍ ସିନ୍ଦୂର' ଉପରେ ଚର୍ଚ୍ଚା ଜାରି: ପ୍ରଧାନମନ୍ତ୍ରୀ ରଖିଲେ ବିବୃତି

## '୨୨ ମିନିଟ୍‌ରେ ନେଇଛୁ ପହଲଗାମ୍‌ର ପ୍ରତିଶୋଧ'

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:**

ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଲୋକସଭାରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର' ସମ୍ପର୍କୀତ ଆଲୋଚନାଚକ୍ରରେ ସାମିଲ ହୋଇଛନ୍ତି। ମୋଦୀ ନିଜ ଭାଷଣରେ କହିଛନ୍ତି, ୨୨ ଏପ୍ରିଲ୍‌ର ଆକ୍ରମଣର ପ୍ରତିଶୋଧ ୨୨ ମିନିଟ୍ ମଧ୍ୟରେ ନିଆଯାଇଥିଲା। ୬ ମେ' ରାତି ଓ ୭ ମେ' ସକାଳେ ଭାରତୀୟ ସେନା ନିର୍ଦ୍ଧାରିତ ଲକ୍ଷ୍ୟ ସହିତ ୯ଟି ଆତଙ୍କବାଦୀ ଶିବିର ସମେତ ପାକିସ୍ତାନର ଅନେକ ଏୟାରବେସ୍‌କୁ ଉଡାଇ



ଦେଇଥିଲା। ଭାରତୀୟ ସେନାର ପ୍ରଚଣ୍ଡ ପରାକ୍ରମ ତଥା ଆକ୍ରମଣରେ ଧୂଳିସାତ୍ ହୋଇଯାଇଥିବା ପାକିସ୍ତାନର ଅନେକ ସାମରିକ ଆଡ୍ଡା ଆଜି ବି ଆଇସିୟୁରେ ପଡ଼ିରହିଛି। ପାକିସ୍ତାନ ଭାରତର ଏପ୍ରକାର ଆକ୍ରମଣକୁ କଦାପି ଭୁଲିପାରିବ ନାହିଁ। ଭାରତୀୟ ସେନା ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ କେବଳ ନଷ୍ଟ କରିଛି ତାହା ନୁହେଁ ପାକିସ୍ତାନରେ ନିର୍ଭୟରେ ବିଚରଣ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ମଧ୍ୟ ନିପାତ କରି ପାକିସ୍ତାନର ଅଣ୍ଟା ଭାଙ୍ଗିଦେଇଛି। ଆଜି ସେ ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ଭାରତର ପକ୍ଷ ରଖିବା ପାଇଁ ଏବଂ ଯେଉଁମାନେ ▶▶ ୫

### ଆଉ ୨ ଦିନ ପ୍ରବଳ ବର୍ଷା

## ୨୪ ଘଣ୍ଟାରେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ୨ ଦିନ ଓଡ଼ିଶାରେ ପ୍ରବଳ ବର୍ଷିବ। ଦକ୍ଷିଣ ବାଂଲାଦେଶ ଏବଂ ଏହାର ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ବିଶେଷ କରି ଉତ୍ତର ଆଭ୍ୟନ୍ତରଣ, ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କରିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୫ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା



**ରାଜ୍ୟରେ ଏପର୍ଯ୍ୟନ୍ତ ୫୯୬.୯ ମିମି ବର୍ଷା ରେକର୍ଡ**

ସହ ବିଜୁଳି ଘଡ଼ଘଡ଼ି ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ▶▶ ୫

### ଜମି ଅଧିଗ୍ରହଣରେ ବିଳମ୍ବ

# ଜାମୁହତାକୁ ନିର୍ମାଣ ହୋଇପାରୁନି ସଂଯୋଗ ରାସ୍ତା

**ପ୍ରଶାସନ ପଦକ୍ଷେପ ନେବାକୁ ଦାବି**



**କେନ୍ଦୁଝର,୨୯।୭/ଏନ୍ଏନ୍ଏସ୍:** ଜମି ଅଧିଗ୍ରହଣ ହୋଇପାରୁନଥିବାରୁ ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ହୋଇପାରୁନି। କେନ୍ଦୁଝର ସହର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ନେଇ ବହୁବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ଥାନୀୟ ଲୋକ ଅଭିଯୋଗ ଜଣାଇଛନ୍ତି। ତେବେ ବେଲଦା-ଜୁଡ଼ିଆ ରାସ୍ତାର ଜାମୁହତାକୁ ସଂଯୋଗ ହେଉଥିବା ସ୍ଥାନଠାରୁ ୩୦୦ ମିଟର୍ ରାସ୍ତା ଲଗାଣ ବର୍ଷାରେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଏକ ମାଟି ରାସ୍ତା ହୋଇଥିବାରୁ ଏଠାରେ ଦୈନିକ ଶହ ଶହ ଗାଡ଼ିମଟର ଯିବା ଆସିବା କରିବା ଯୋଗୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରତିଦିନ ଉକ୍ତ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଦମକଳ, ଆମ୍ବୁଲାନ୍ସ, ପୁଲିସ ପାଟ୍ରୋଲିଂ ଯାନ, ସ୍କୁଲ୍ ବସ୍, ମଧ୍ୟାହ୍ନଭୋଜନ ଯାନ ଓ ପିଡିଏସ୍ ସାମଗ୍ରୀ ବୋଝେଇ ଗାଡ଼ି ଗୁଡ଼ିକ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଯାତାୟତରେ ହଇରାଣ ହେଉଛନ୍ତି।

ଏହି ରାସ୍ତାଟି ଏକ ମୁଖ୍ୟ ରାସ୍ତା। ଏହି ରାସ୍ତା ଉପରେ ନ୍ୟୁ କଲୋନୀ, ମାଇନିଂ ରୋଡ୍ ଓ ଗୋବିନ୍ଦପୁର ଲୋକ ନିର୍ଭର କରିଥାନ୍ତି। ମାଇନିଂ ରୋଡ୍‌ରେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, ସିଟିଜି କଲେଜ, ନିର୍ମଳା କନଭେଣ୍ଟ ସ୍କୁଲ୍ ଓ ସିଟି କିଡସ୍ ସ୍କୁଲ୍ ସହ ଛୋଟ ବଡ଼ ବହୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବାଆସିବା କରିବା ସହ ସ୍କୁଲ୍ ବସ୍ ଓ ଅଟୋ ଯାତାୟତ କରିଥାଏ। ଜାମୁହତା ସଂଯୋଗ ସ୍ଥାନଠାରୁ ୩୦୦ ମିଟର୍ ପର୍ଯ୍ୟନ୍ତ ରାସ୍ତା ବେସରକାରୀ ଜମି ଉପରେ ହୋଇଥିବାରୁ ପୌରପାଳିକା ନୂତନ ରାସ୍ତା ନିର୍ମାଣ କରିପାରୁ ନାହିଁ। ଦୀର୍ଘ ବର୍ଷ ହେବ କେନ୍ଦୁଝର ମୁଖ୍ୟାଳୟରେ ଏହି ରାସ୍ତା ସମସ୍ୟା ଦୂର ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ। ଜମି ଅଧିଗ୍ରହଣ କରାଯାଇ ରାସ୍ତା ନିର୍ମାଣ କରାଗଲେ ଲୋକଙ୍କ ବହୁ ଦିନର ସମସ୍ୟା ଦୂର ହେବ। ନ୍ୟୁ କଲୋନୀ ରାସ୍ତାକୁ ସଂଯୋଗ ହୋଇଥିବା ଯୋଗୁ ଏହି ରାସ୍ତା ଏକ ମୁଖ୍ୟ ରାସ୍ତାରେ ପରିଣତ ହୋଇଛି। କିନ୍ତୁ ଦୁଃଖର ବିଷୟ ଏହି ମୁଖ୍ୟ ରାସ୍ତାଟି ଆଜିପର୍ଯ୍ୟନ୍ତ ଅବହେଳିତ ହୋଇପଡ଼ିଛି। ବର୍ଷା ଦିନେ ରାସ୍ତାର ଅବସ୍ଥା ଏମିତି ଖରାପ ହୋଇପଡ଼ିଛି ଯେ ରୋଗୀଟିଏ ଡାକ୍ତରଖାନା ଏବଂ ଛାତ୍ରଛାତ୍ରୀମାନେ ସ୍କୁଲ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଖରାପ ରାସ୍ତା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଆଦିବାସୀ ଲୋକଙ୍କ ଜମିରେ ଗାଡ଼ି ଚଳାଚଳ ହେଉଥିବାବେଳେ ସେମାନେ ମଧ୍ୟ କ୍ଷତିପୂରଣ ରାଶି ମିଳିଲେ ଜମି ଦେବାକୁ ରାଜିଥିବା କହିଛନ୍ତି। ତେଣୁ ପ୍ରଶାସନ ଅତିଶୀଘ୍ର ଏହି ରାସ୍ତା ଉପରେ ଦୃଷ୍ଟି ଦେଇ ଜମି ଅଧିଗ୍ରହଣ କାର୍ଯ୍ୟ ପରେ ରାସ୍ତାକୁ ଏକ କଂକ୍ରିଟ୍ ରାସ୍ତା କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଗଣେଶ ମନ୍ଦିର ଚୋରି ମାମଲା, ୬ ଗିରଫ



**ବାରିପଦା,୨୯।୭/ଏନ୍ଏନ୍ଏସ୍:** ବାରିପଦା ସଦର ପୁଲିସ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ୪ ଜଣ ଚୋର ସହିତ ଚୋରୀ ସାମଗ୍ରୀ କିଣିଥିବା ଅଭିଯୋଗରେ ୨ ଜଣ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଆନସାର୍ ଖାନ୍ (୨୨), ନାଜୀମ ଖାନ୍ (୨୨), ସେକ୍ କାଲା ଓରଫ ସେକ୍ ସୁଲତାନ (୨୧), ନୁର ହୁସେନ ଓରଫ ତାପରିକ (୨୨) ଏବଂ ଚୋରୀ ସାମଗ୍ରୀ କିଣିଥିବା ୨ ଜଣ ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସେକ ଆଜାଦ୍ (୨୯) ଏବଂ ବାଲେଶ୍ୱର ଥାନା ଅନ୍ତର୍ଗତ ସୁନହଟ୍‌ର ସେକ୍ ଇମ୍ରାନ୍ ଖାନ୍ (୨୩)। ଘଟଣାରୁ ପ୍ରକାଶ, ଗତ ଜୁନ୍ ୨୫ ତାରିଖ ମଧ୍ୟରାତ୍ରିରେ ବାଙ୍କୀଶୋଳ ପଞ୍ଚାୟତ ଅଫିସ୍‌ରୁ ଇନଭେଟର୍, ବେଟେରୀ, ଡେସ୍କଟପ୍, ଲାପଟପ୍, ପ୍ରିଣ୍ଟର୍ସ, ୟୁଏସ୍‌ବି, କମ୍ପ୍ୟୁଟର, ସିଲିଂ ଫେନ୍, ୱାଲଫେନ୍ ଓ ଚେୟାର୍ ଆଦି ଚୋରି ହୋଇଥିଲା। ଏନେଇ ସରପଞ୍ଚ ଫୁଲମଣୀ ମାରାଣ୍ଡି ବାରିପଦା ସଦର ଥାନାରେ ଏତଲା ଦେଇଥିଲେ। ସେହିପରି ଜୁଲାଇ ୨୬ ତାରିଖ ମଧ୍ୟରାତ୍ରିରେ ବାରିପଦା ୱାର୍ଡ ନଂ ୮ର ଦୀପକ କୁମାର ଅଗ୍ରୱାଲ ମଞ୍ଚବନ୍ଧା ଗଣେଶ ମନ୍ଦିରରୁ ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ବାରିପଦା ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ ବାରିପଦା ସଦର ଥାନା ପୁଲିସ ତଦନ୍ତ କରୁଥିବା ବେଳେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେବାସହ ଚୋରି ଜିନିଷ, ୩ଟି ବାଇକ୍, ୫ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୨୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଥିବା ଜଣାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏପରି ଚୋରି ମାମଲା ମଧ୍ୟ ରହିଛି ବୋଲି ବାରିପଦା ସଦର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଡିଏସ୍‌ପି ମମତା ସାହୁ ଓ ବାରିପଦା ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ରେ କାର୍ଗିଲ୍ ବିଜୟ ଦିବସ



**ସୋର,୨୯।୭/ଏନ୍ଏନ୍ଏସ୍:** ସୋର ଉତ୍ତରେଶ୍ୱରରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ରେ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଗିଲ୍ ଯୁଦ୍ଧରେ ଲଢ଼େଇ କରି ଫେରିଥିବା ସୈନିକ କାହ୍ନୁଚରଣ ମିଶ୍ର ଯୋଗଦେଇ ତାଙ୍କର ଯୁଦ୍ଧ ଅନୁଭୂତି ପିଲାଙ୍କ ଆଗରେ ବଖାଣିଥିଲେ। ୧୯୯୯ ମସିହାରେ ପାକିସ୍ତାନ ସେନା ଏହି ପାହାଡ଼ିଆ ଘାଟି ଅଞ୍ଚଳରେ ଲୁଚିଛପି କବ୍‌ଜା କରିବାକୁ ଚେଷ୍ଟା କରୁଥିବା ସମୟରେ ଭାରତୀୟ ସେନା ଏହାର କଡ଼ା ଜବାବ ଦେବାକୁ ଯାଇ ବୀରତ୍ୱର ସହିତ ଯୁଦ୍ଧକରି ଶତ୍ରୁ ସୈନ୍ୟଙ୍କୁ ଭାରତ ମାଟିରୁ ହଟାଇବା ସହ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ଏହି ଯୁଦ୍ଧରେ ପ୍ରତ୍ୟେକ୍ଷ ଭାବେ ସାମିଲ ହୋଇଥିବା ଶ୍ରୀ ମିଶ୍ର କଙ୍କରିତ ଗିରିପଥରେ ତାଙ୍କର ଦୁଃସାହସିକ ଲୋମହର୍ଷଣକାରୀ ଯୁଦ୍ଧକଥା ପିଲାଙ୍କ ଆଗରେ ଅମୂଳଚୂଳ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି, ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଉପାଧ୍ୟକ୍ଷ ପର୍ଶୁରମା ବେହେରା, ଶିକ୍ଷକ ଦୀପ୍ତିକାନ୍ତ ନାୟକ, ଶିକ୍ଷୟିତ୍ରୀ ଝିନ୍ନରାଣୀ ପତି, ମାଧବୀଲାତା ଦାସ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଯୁଦ୍ଧକାଳୀନ ଭିତ୍ତିରେ ଧସିଥିବା ନଦୀବନ୍ଧ କାର୍ଯ୍ୟ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଧାମନଗର,୨୯।୭/ଏନ୍ଏନ୍ଏସ୍:** ଲଘୁଚାପ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ବୈତରଣୀ ଓ ଏହାର ଶାଖା ନଦୀ କୋଚିଲାରେ ବନ୍ୟା ଜଳ କମିବାରେ ଲାଗିଛି। ତେବେ ବଡ଼ ବନ୍ୟା ହୋଇଥିଲେ ମଧ୍ୟ ଲୋକଙ୍କର କୌଣସି କ୍ଷତି ହୋଇନାହିଁ କି ବନ୍ଧ ବାଡ଼ କେଉଁଠି ସେମିତି କ୍ଷତି ହୋଇନି। ତେବେ ବନ୍ୟା ଛାଡ଼ିବା ପରେ ପଧାନି ପଞ୍ଚାୟତ ରାମରାକୁଳରେ କୋଚିଲା ନଦୀର ବାମପାର୍ଶ୍ୱ ପଠା ୨୦ ଫୁଟ୍ ଧଶି ଯାଇଛି। ଏନେଇ ରାମରାକୁଳ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହି ସ୍ଥାନଠାରୁ ଟିକେ ଦୂରକୁ ଲାଗି କୋଚିଲା ମୁହଁ ରହିଛି। ବୈତରଣୀ ନଦୀରେ ପାଣି ହେବା କ୍ଷଣକେ କୋଚିଲା ନଦୀ ଫୁଲିଥାଏ। ଯେଉଁ ସ୍ଥାନରେ ପଠା ଧସିଛି। ସେଠାରେ ୩ରୁ ୪ ଫୁଟ୍ ପଠା ରହିଛି। ସେହି ପଠା ସମ୍ପୂର୍ଣ୍ଣ ନଦୀକୁ ଧସିଯାଇଥିବାରୁ ବନ୍ଧ ପ୍ରତି ବିପଦ ରହିଛି। ଘଟଣା ସମ୍ପର୍କରେ ରବିନାରାୟଣ ଜେନା, ତପନ ସାହୁ ଓ ସୁରେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ତୁରନ୍ତ ପହଞ୍ଚି ପ୍ରଶାସନକୁ ଖବର ଦେଇଥିଲେ। ପରେ ଘଟଣା ସମ୍ପର୍କରେ ଖବରପାଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ସରପଞ୍ଚ ତଥା ମନ୍ତ୍ରୀଙ୍କ ଧାମନଗର ପ୍ରତିନିଧି ଅଶୋକ ପୁହାଣ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ ଓ ଏସ୍‌ଡିଓ କିଶୋର ଦାସ ପହଞ୍ଚି ଦେଖିବା ସହ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବା ନେଇ କହିଥିଲେ। ତେବେ ଆସନ୍ତାକାଲିଠାରୁ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ପୁହାଣ କହିଛନ୍ତି। ତୁରନ୍ତ ଉକ୍ତ ପଠାରେ ମରାମତି କରାଯିବ ବୋଲି ଏସ୍‌ଡିଓ ଶ୍ରୀ ଦାସ କହିଛନ୍ତି।

## ଓଲଟିଲା କୋଇଲା ବୋଝେଇ ଟ୍ରଲର୍



**ଯୋଡ଼ା,୨୯।୭/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କଳାପାହାଡ଼ ଘାଟିରେ ନିୟନ୍ତ୍ରଣ ହରାଇ ଏକ କୋଇଲା ବୋଝେଇ ଟ୍ରଲର୍ ଓଲଟି ପଡ଼ିଛି। ସୁନ୍ଦରଗଡ଼ରୁ କୋଇଲା ବୋଝେଇ କରି ଓଡ଼ିଶା ସ୍ପଞ୍ଜ ପ୍ଲାଣ୍ଟ ପଲାଶପଙ୍ଗା ଅଭିମୁଖେ ୫୨୦ ନମ୍ବର ଜାତୀୟ ରାଜପଥରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଟ୍ରଲର୍‌ଟି ଓଲଟି ପଡ଼ିଥିଲା। ତେବେ ଦୁର୍ଘଟଣାରେ ଡ୍ରାଇଭର୍ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର୍‌ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ମେଡିକାଲ୍‌କୁ ସ୍ଥାନାନ୍ତରିତ କରିଥିଲେ।

## ଓରମାସ୍ ପକ୍ଷରୁ ରାଖୀ ଷ୍ଟଲ୍ ଉଦ୍‌ଘାଟିତ



**ବାରିପଦା,୨୯।୭/ଏନ୍ଏନ୍ଏସ୍:** ବାରିପଦା ଷ୍ଟାଡିୟମ୍ ଗୋଲେଇ ନିକଟସ୍ଥ ମୟୂର ଶିଳ୍ପ ଆଉଟଲେଟ୍ ସମ୍ମୁଖରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍) ପକ୍ଷରୁ ଏକ ରାଖୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଏହି ନିଆରା ରାଖୀ ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ୍‌ର ବିଶେଷତ୍ୱ ହେଲା ଏଠାରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତ ତିଆରି ମନଲୋଭା ରାଖୀ ଜନସାଧାରଣଙ୍କ ପାଇଁ ମାତ୍ର ୪୦ରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ ହେବ। ଏହି ଷ୍ଟଲ୍‌ଟି ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମୀଣ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାରେ ନିଜର ସହଭାଗିତାକୁ ସୁନିଶ୍ଚିତ କରିବା ପାଇଁ ହସ୍ତକଳାରେ ପ୍ରସ୍ତୁତ ରାଖୀ କ୍ରୟ କରିବା ପାଇଁ ଜନସାଧାରଣଙ୍କୁ ଓରମାସ୍ ପକ୍ଷରୁ ଅନୁରୋଧ କରାଯାଉଛି।

ଓରମାସର୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିପିସି ମିଶନଶକ୍ତି ନିରଞ୍ଜନ ପଣ୍ଡା, ଡିପିମ ଓଡ଼ିଶା ଜୀବିକା ମିଶନ୍ ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ପ୍ରୋଗ୍ରାମ୍ ମ୍ୟାନେଜର୍ (ଜୀବିକା) ମଧୁସ୍ମିତା ଭୂୟାଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଓରମାସ୍‌ର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶୀଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା, ଫାର୍ମର୍ ପ୍ରଡ୍ୟୁସର୍, କମ୍ପାନୀର କର୍ମକର୍ତ୍ତାଙ୍କ ସହ ମୟୂରଭଞ୍ଜର ବିଭିନ୍ନ ବ୍ଲକ୍‌ର ସ୍ୱୟଂ ସହାୟକ ଗୋଷ୍ଠୀର ୫୦ରୁ ଅଧିକ ସଦସ୍ୟା ଉପସ୍ଥିତ ଥିଲେ।

## ଗୋପବନ୍ଧୁ ସେବକ ସେନା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା



**ତିହିଡ,୨୯।୭/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର ଅଗ୍ରଣୀ ସାମାଜିକ ସଂଗଠନ ଗୋପବନ୍ଧୁ ସେବକ ସେନା ପକ୍ଷରୁ ଧାମନଗର ବ୍ଲକ୍ ହାସନାବାଦ ପଞ୍ଚାୟତର ଅସ୍ତକ ଗ୍ରାମର ବନ୍ୟା ଘେରରେ ଥିବା ଶତାଧିକ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଗୋପବନ୍ଧୁ ସେବକ ସେନାର ସଭାପତି ରାଜୀବ କୁମାର ନାୟକ, ଅଭିରାମ ଦାସ, ଅଶୋକ ନାୟକ, ବୀରେନ ସେନାପତି, ମଧୁସୂଦନ ପାଢ଼ୀ, ଦୀପକ ନାୟକ, ଧନେଶ୍ୱର ପଣ୍ଡା, ଅଶୋକ କୁମାର ଜେନା, ସେକ୍ ଲିଆକତ, ବାବୁରାମ ଗାରିଡ଼ି, ତ୍ରିଲୋଚନ ସାହୁ ଓ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ସାମାଜିକ ସଂଗଠନ ନବଜୀବନ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜେଡିର 'ଜିଲ୍ଲାପାଳ ଅଫିସ୍ ଚାଲ' କାର୍ଯ୍ୟକ୍ରମ

### ମହିଳା ଓ ଛାତ୍ରୀ ସୁରକ୍ଷା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଭଦ୍ରକ,୨୯।୭/ଏନ୍ଏନ୍ଏସ୍:** ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ନେତୃତ୍ୱ ଏବଂ ବିଜୁ ମହିଳା ଜନତା ଦଳର ଭଦ୍ରକ ବ୍ଲକ୍ ସଭାନେତ୍ରୀ ଦେବୀଦତ୍ତା ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ ନିର୍ବାଚନମଣ୍ଡଳୀର ବିଜୁ ମହିଳା ଜନତା ଦଳ ପକ୍ଷରୁ 'ଭଦ୍ରକ ଜିଲ୍ଲାପାଳ ଅଫିସ୍ ଚାଲ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳ ୧୦ଟାରୁ ଟାଉନ୍ ହଲ୍ ଛକରୁ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ଜିଲ୍ଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଶ୍ରୀମତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟରେ ମହିଳା, ଛାତ୍ରୀ ଓ ଶିଶୁମାନେ ଅସୁରକ୍ଷିତ। ରାଜ୍ୟରେ ନାରୀ ନିର୍ଯାତନା ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପ୍ରସଙ୍ଗକୁ ନେଇ ବିଜେଡି ମହିଳା କର୍ମୀମାନେ ସରକାରଙ୍କୁ ଦାୟୀ କରି ଭାଷଣ ରଖିଥିଲେ। ରାଜ୍ୟପାଳଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ଦାବିରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କି ହବିବ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ, ବିଜେଡି ଭଦ୍ରକ ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ଟାଉନ୍ ସଭାପତି ଏମଡି ଜକାଉଲ୍ଲା, ସରପଞ୍ଚ ତିଲୋତ୍ତମା ମହାପାତ୍ର, ପଦ୍ମାବତୀ ପୃଷ୍ଟି, ମୀନାରାଣୀ ମହାଳିକ, ଅନୁସୁୟା ସେଠୀ, ବାସନ୍ତୀ ଜେନା ଓ ଜିତନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

### ଛାତ୍ରୀଙ୍କୁ ଅସଦାଚରଣ ଘଟଣା

## ଏତଲା ଦାୟର, ଶିକ୍ଷକ ଫେରାର୍

**ବୈଶିଙ୍ଗା,୨୯।୭/ଏନ୍ଏନ୍ଏସ୍:** ବେତନଟୀ ବ୍ଲକ୍ ଅନ୍ତର୍ଗତ ପ୍ରତିମାଦେଇପୁର ପ୍ରାଥମିକ ବିଦ୍ୟାଳୟରେ ଗେହ୍ଲା କରିବା ବାହାନାରେ ଛାତ୍ରୀଙ୍କୁ ଅସଦାଚରଣ କରିବା ଭଳି ଅଶୋଭନୀୟ ଘଟଣା ସାରା ଜିଲ୍ଲା ସମେତ ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି। ୨୧ ତାରିଖରେ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଏବଂ ଏକ ଭାଇରାଲ୍ ଭିଡିଓକୁ ଆଧାର କରି ବେତନଟୀ ବ୍ଲକ୍ ଶିକ୍ଷାଧିକାରୀ ବିପ୍ଳବ କର ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ନିଲମ୍ବନ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ସୁଦ୍ଧା ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନଥିଲା। ବୁଧବାର ରାତି ୧୦ଟାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଶିଙ୍ଗା ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତାଙ୍କ ଘରେ ଚଢ଼ଉ କରିଥିଲେ ସୁଦ୍ଧା ସେ ଫେରାର୍ ରହିଥିବା ଜଣାଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଫେରାର୍ ଅଭିଯୁକ୍ତଙ୍କ ପତ୍ତା ମିଳି ନଥିବାବେଳେ ବୈଶିଙ୍ଗା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିବା ସହ ତଦନ୍ତ ଚଳାଇଛି।

## ବନ୍ୟାରେ ବୈଦ୍ୟୁତିକ ସୁରକ୍ଷାକୁ ଟିପିଏନ୍‌ଓଡିଏଲ୍‌ର ଗୁରୁତ୍ୱ



କଠିନ ପରିସ୍ଥିତିରେ କାର୍ଯ୍ୟରତ କର୍ମଚାରୀ

**ବାଲେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଉତ୍ତର ଓଡ଼ିଶାରେ ଜାରି ରହିଥିବା ବନ୍ୟା ପରିସ୍ଥିତିରେ ମଧ୍ୟ ଟିପିଏନ୍‌ଓଡିଏଲ୍ ବୈଦ୍ୟୁତିକ ସୁରକ୍ଷାକୁ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଛି। ଏଭଳି କଠିନ ପରିସ୍ଥିତିରେ କର୍ମଚାରୀମାନେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ପ୍ରଭାବିତ ବିଦ୍ୟୁତ୍ ଭିତ୍ତିଭୂମି ସ୍ୱାଭାବିକ କରିବା ପାଇଁ ଅହୋରାତ୍ର ପ୍ରୟାସ ଜାରି ରଖିଛନ୍ତି। ସୂଚନାନୁସାରେ ଲଗାଣ ବର୍ଷା ଯୋଗୁ ଜଳାର୍ଣ୍ଣବ ତଳିଆ ଅଞ୍ଚଳ ଓ ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପାଦେ ପାଦେ ବିପଦ ରହିଥିବାବେଳେ ଏପରି ସ୍ଥିତିରେ ବି ଓଜନିଆ ବିଦ୍ୟୁତ୍ ଖୁଣ୍ଟି ବୁହା ହେଉଛି। ତାର ଓ ଶଙ୍ଖ ଭଳି ଭାରି ସାମଗ୍ରୀ କର୍ମଚାରୀ କାନ୍ଧେଇ ମରାମତିରେ ମାତିଛନ୍ତି। ବିଶେଷତଃ ଜଳମଗ୍ନ ଅଞ୍ଚଳକୁ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବାବେଳେ ସ୍ଥିତି ସ୍ୱାଭାବିକ ହେବାକ୍ଷଣି ବିଦ୍ୟୁତ୍ ପୁନଃ ସଂଯୋଗ କରାଯାଉଛି। ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେବା ସହ ଉପଭୋକ୍ତା ଓ କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ବନ୍ୟା ପରିସ୍ଥିତିରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାକୁ ଦୃଷ୍ଟିରେ ରଖି କେତେକ ସରଳ ଓ ପ୍ରତିଷେଧମୂଳକ ପଦକ୍ଷେପ ପ୍ରତି ଧ୍ୟାନ ଦେବାକୁ ମଧ୍ୟ ଟିପିଏନ୍‌ଓଡିଏଲ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଳମଗ୍ନ କିମ୍ବା ମିଟର୍ କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍‌ସ୍ୱିଚ୍ ବନ୍ଦ କରିବା, ଓ୍ୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା ଓ ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା ତାହା ପରିକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନକରିବା ଏବଂ ଅନୁମୋଦିତ ଲୋଡ୍‌ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନକରିବାକୁ ମଧ୍ୟ କୁହାଯାଇଛି। ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଲାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି ଓ ତେବେ ତାକୁ ସ୍ପର୍ଶ ନକରି ଉପଭୋକ୍ତା ସହାୟତା ନମ୍ବର୍‌ରେ ଯୋଗାଯୋଗ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ପରାମର୍ଶ ଦର୍ଶାଯାଇଛି। ବିଦ୍ୟୁତ୍ ସେବା ସମ୍ପର୍କିତ ଯେକୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ କୁହାଯାଇଛି। ଫଳସ୍ୱରୂପ ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହିପାରିବ ବୋଲି ଟିପିଏନ୍‌ଓଡିଏଲ୍ ଦର୍ଶାଇଛି।

## ବିଭିନ୍ନ ସମସ୍ୟାକୁ ନେଇ ଦଳିତ ସଂଗଠନ ପକ୍ଷରୁ ଦାବିପତ୍ର

**ସୋର,୨୯।୭/ଏନ୍ଏନ୍ଏସ୍:** ସୋର ସହରର ବିଭିନ୍ନ ସମସ୍ୟାକୁ ନେଇ ଦଳିତ ସଂଗଠନମାନଙ୍କ ପକ୍ଷରୁ ୯ ଦଫା ବିଶିଷ୍ଟ ଏକ ଦାବିପତ୍ର ସୋର ତହସିଲଦାର୍‌ଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ସୋରରେ ଡ୍ରେନେଜ୍ ସମସ୍ୟା ପାଇଁ ସମସ୍ତଙ୍କ ଘରେ ପାଣି ପଶୁଥିବାରୁ ଭୋଟର୍ କାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବସ ପ୍ରଦାନ, ସୋର ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ରକ୍ତ ଭଣ୍ଡାର ଖୋଲାଯାଉ, ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ, ଉତ୍ତରେଶ୍ୱର ଗଳାପୋଲକୁ ଭାଙ୍ଗି ନୂତନ ଗଳାପୋଲ ଓ ଡାକବଙ୍ଗଳାରୁ ବାଙ୍ଗିଛକ ମଧ୍ୟରେ ଏକ ଉଡ଼ନ୍ତା ପୋଲ ନିର୍ମାଣ, ସୋରରେ ତୁରନ୍ତ ବସଷ୍ଟାଣ୍ଡ ନିର୍ମାଣ, ସୋର ମ୍ୟୁନିସିପାଲିଟିରେ ହରିଜନ ଚେୟାରମ୍ୟାନ୍ ନିର୍ବାଚନ, ସୋର ଆହାର କେନ୍ଦ୍ରରେ ପ୍ରତିଦିନ ୭ ଶହ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଣ, ସୋର ରେଳ ଷ୍ଟେସନ୍‌ରେ ସୁପରଫାଷ୍ଟ ଏକ୍ସପ୍ରେସ୍ ରହଣୀ ଓ ଆଦିବାସୀ ହରିଜନଙ୍କ ଜମିକୁ ସୁରକ୍ଷା ଆଦି ୯ ଦଫା ସମ୍ମିଳିତ ଏକ ଦାବିପତ୍ରକୁ ସୋର ଅତିରିକ୍ତ ତହସିଲଦାର୍ କୃଷ୍ଣମୋହନ ସିଂହଙ୍କୁ ପ୍ରଦାନ କରିଥିଲେ। ଏହି ଦଳିତ ସଂଗଠନଙ୍କ ମଧ୍ୟରେ ସୋର ଆମ୍ବେଦକର୍ ଚେତନା ବିକାଶ ପରିଷଦ, ବାଲେଶ୍ୱର ଆମ୍ବେଦକର୍ ବିକାଶ ପରିଷଦ ଓ ରାଜ୍ୟ ଆଦିବାସୀ ହରିଜନ ସମାଜ କଲ୍ୟାଣ ସମିତିର ସୋର ଶାଖା ପକ୍ଷରୁ ସୁଶାନ୍ତ ସାହୁ, ଜିତେନ୍ଦ୍ର ସେଠୀ, ଜୟନ୍ତୀ ପାଣିଗ୍ରାହୀ, ରେବତୀ ବେହେରା, ଲାବର୍ଣ୍ଣ ବେହେରା ଓ ଅଶୋକ ମଳିକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ପ୍ରଥମେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ ଓ ପରେ ଦାବିପତ୍ର ପ୍ରଦାନ କରିଥିଲେ।

# ଦେଶ ବିଦେଶରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସନ୍ଦୀପ ଚୌଧୁରୀ, ଜୁଲାଇ ୩୦ରେ ଭଗବାନ ଜଗନ୍ନାଥଙ୍କ ଭୂମି ଓଡ଼ିଶାର ଭୁବନେଶ୍ୱରରୁ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ।

**ସନ୍ଦୀପ ଚୌଧୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଠାରୁ ପାଇଥିବା ପ୍ରେରଣାକୁ ତାଙ୍କ ସଫଳତାର ଆଧାର ବୋଲି ବର୍ଣ୍ଣନା କରନ୍ତି। 'ଏକ ପେଡ୍ ମା' କେ ନାମ୍' ମିଶନ ସହିତ ସୃଷ୍ଟି କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡକୁ ସେ ନୂତନ ଶକ୍ତି ସହିତ ଭାରତ ମା' ପାଇଁ ସମର୍ପିତ କରିଛନ୍ତି।**



'ସେଭ୍ ଆର୍ଥ ମିଶନ୍' ଅନ୍ତର୍ଗତ ଇଣ୍ଡିଆ ଚାପ୍ଟରର ଅଧ୍ୟକ୍ଷ ସନ୍ଦୀପ ଚୌଧୁରୀ ଗୋଟିଏ ଘଣ୍ଟାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛନ୍ତି। ସେ 'ଦି ଅନ୍‌ଏଭିଲ୍' ନାମକ ଏକ ପରିବେଶ-ଆଧ୍ୟାତ୍ମିକ ପ୍ରଯୁକ୍ତି ଢାଞ୍ଚା ଉପସ୍ଥାପନ କରିଥିଲେ, ଯେଉଁଥିରେ ସେ ମାତ୍ର ତିନି ମିନିଟ୍ ମଧ୍ୟରେ ନ୍ୟୁମେରୋଲୋଜି ମାଧ୍ୟମରେ ଏୟାରଇଣ୍ଡିଆ ଫ୍ଲାଇଟ୍ ଏଆଇ-୧୭୧ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ #SandeepDecodedAI171 ଅଭିଯାନ ଆରମ୍ଭ କରିଥିଲେ; ଗ୍ଲୋବାଲ୍ ଭିଜନ୍ ଉନ୍ମୋଚନରେ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଅଭିବୃଦ୍ଧି ରଣନୀତି, ବ୍ଲକଚେନ୍-ଆଧାରିତ ସବୁଜ କ୍ରେଡିଟ୍ ମଡେଲ୍, ଏଆଇ-ଆଧାରିତ ଟ୍ରାକିଂ, ଜିଓ-ଟ୍ୟାଗ୍ ହୋଇଥିବା ପୁନରୁଦ୍ଧାର ଏବଂ ଡିଜିଟାଲ୍ ସଚେତନତା ପଦକ୍ଷେପ ଘୋଷଣା କରିଥିଲେ - ଏହିପରି ସନ୍ଦୀପ ବିଶ୍ୱ ଜଳବାୟୁ ବିପ୍ଳବ ପାଇଁ ତାଙ୍କ ଯୋଜନା ଏବଂ ମାନସିକତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

## ପରିଚୟ: ଚାଷୀ ପରିବାରରୁ ଜଣେ ପରିବେଶ କର୍ମୀ ସାଜିବା ପର୍ଯ୍ୟନ୍ତ

ସନ୍ଦୀପ ଚୌଧୁରୀ ରାଜସ୍ଥାନର ଝୁନ୍‌ଝୁନୁ ଜିଲ୍ଲାର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏକ ସାଧାରଣ ପୃଷ୍ଠଭୂମିରୁ ଆସି, ସେ ଆଇଟି, ଇଲେକ୍ଟ୍ରୋନିକ୍ସ, ରିଅଲ୍ ଇଷ୍ଟେଟ୍ ଏବଂ ଫିନ୍‌ଟେକ୍ କ୍ଷେତ୍ରରେ ସଫଳତା ହାସଲ କରିଥିଲେ। ସେ ଭିସି-ଫଣ୍ଡେଡ୍ (ପ୍ରାୟ ବହୁ ନିୟୁତ ଡଲାର)ର ବ୍ୟାଙ୍କସାଥୀ ଟେକ୍ନୋଲୋଜି ଛାଡି ମାନବତା ସେବା ପାଇଁ ପରିବେଶ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ହୋଇଥିଲେ। ସେ ଇନଫ୍ଲୁଏନ୍ସର୍ ଇଣ୍ଡିଆ ଏବଂ ୟେସ୍ ୱାର୍ଲ୍ଡ କ୍ଲାଇମେଟ୍ ଟେକ୍‌ର ସହ-ପ୍ରତିଷ୍ଠାତା ମଧ୍ୟ ଅଟନ୍ତି, ଯାହାକି କାର୍ବନ ନିର୍ଗମନ ହ୍ରାସ ଏବଂ ଜଳବାୟୁ ପ୍ରଯୁକ୍ତିବିଦ୍ୟାରେ ଅଧିକ ରୁଚି ରଖିଥାଏ।



ସନ୍ଦୀପ ଚୌଧୁରୀ ଭାରତକୁ ଆତ୍ମନିର୍ଭରଶୀଳ କରିବାର ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ସାରା ଦେଶରେ ୧୦୧ରୁ ଅଧିକ ଷ୍ଟାର୍ଟଅପ୍ ଆରମ୍ଭ କରି ନିବେଶ, ନିଯୁକ୍ତି ଏବଂ ନବସୃଜନକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ସେ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରୁ ସଫଳ କରିବାରେ ନିରନ୍ତର ଯୋଗଦାନ ଦେଇଥିଲେ। ପ୍ରତ୍ୟେକ ଷ୍ଟାର୍ଟଅପ୍ ସହିତ ସାମାଜିକ ଏବଂ ପରିବେଶଗତ ଚିନ୍ତା ଜଡିତ ଥିଲା। ଏବେ ସେ 'ଏକ ପେଡ୍ ମା' କେ ନାମ୍' ଅଭିଯାନ ସହ ଯୋଡ଼ି ହୋଇ ପୃଥିବୀକୁ ରକ୍ଷା କରିବା ପାଇଁ ଐତିହାସିକ କାର୍ଯ୍ୟ କରୁଛନ୍ତି। ସନ୍ଦୀପ ଚୌଧୁରୀ ଆଜିର ଭାରତରେ ଉଦ୍ୟୋଗ, ସେବା ଏବଂ ପରିବେଶ ସଚେତନତାର ପ୍ରତୀକ ପାଲଟିଛନ୍ତି।

### ୧୦୧ ଷ୍ଟାର୍ଟଅପ୍ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ଓଡ଼ିଶାରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ, ଯାହା ସେଭ୍ ଆର୍ଥ ମିଶନ୍ ପାଇଁ ଉତ୍ସର୍ଗୀକୃତ।

ଦେଶ ଏବଂ ବିଦେଶରେ ଷ୍ଟାର୍ଟଅପ୍ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ଶୁଭାରମ୍ଭ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ବିଶେଷ କଥା ହେଉଛି ଏହି ଷ୍ଟାର୍ଟଅପ୍‌କୁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ଧ୍ୟାନରେ ରଖି 'ସେଭ୍ ଆର୍ଥ ମିଶନ୍' ଅଧୀନରେ ଆରମ୍ଭ କରାଯାଉଛି।

ସନ୍ଦୀପଙ୍କର ଲକ୍ଷ୍ୟ ହେଉଛି ୨୦୪୦ ସୁଦ୍ଧା ଭାରତ ସମେତ ବିଶ୍ୱରେ ୩୦୦୦ କୋଟି ଗଛ ଲଗାଇବା, ଯାହାଦ୍ୱାରା ପୃଥିବୀକୁ ପୁଣିଥରେ ସବୁଜ ଏବଂ ବାସଯୋଗ୍ୟ କରାଯାଇପାରିବ।

## 'ସେଭ୍ ଆର୍ଥ ମିଶନ୍'ର ଉଦ୍ଦେଶ୍ୟ ଏବଂ ପରିସର



ସେଭ୍ ଆର୍ଥ ମିଶନ୍ ହେଉଛି ଏକ ବିଶ୍ୱ ସମ୍ପ୍ରଦାୟ ପଦକ୍ଷେପ ଯେଉଁଥିରେ ୬୮ଟି ଦେଶର ପ୍ରାୟ ୧ କୋଟିରୁ ଅଧିକ ଲୋକ ସାମିଲ ହୋଇଛନ୍ତି। ଏହାର ଉଦ୍ଦେଶ୍ୟ ୨୦୪୦ ସୁଦ୍ଧା ପୃଥିବୀକୁ କାର୍ବନ୍-ନ୍ୟୁଟ୍ରାଲ୍ କରିବାର ଲକ୍ଷ୍ୟ ରଖିଛି। ଏହି ମିଶନରେ ନବୀକରଣୀୟ ଶକ୍ତିର ପ୍ରୋତ୍ସାହନ, ବୃକ୍ଷରୋପଣ ଅଭିଯାନ, ପ୍ଲାଷ୍ଟିକ୍-ମୁକ୍ତ ପଦକ୍ଷେପ, ଡିଜିଟାଲ୍ ସଚେତନତା ଏବଂ ଜୀବନଶୈଳୀ ପରିବର୍ତ୍ତନ ଭଳି ଦିଗ ଅନ୍ତର୍ଭୁକ୍ତ ରହିଛି।



## ପ୍ରମୁଖ ସଫଳତା



### ୩.୧ ରେକର୍ଡ ଭଙ୍ଗ ବୃକ୍ଷରୋପଣ ଅଭିଯାନ

ସେଭ୍ ଆର୍ଥ ମିଶନ ଅନ୍ତର୍ଗତ 'ଭାରତ ଚାପ୍ଟର' କେବଳ ଗୋଟିଏ ଘଣ୍ଟାରେ ଭାରତ, ୟୁଏଇ, ଥାଇଲାଣ୍ଡ, କେନିଆ ଏବଂ ଆମେରିକା ଭଳିରେ ଏକକାଳୀନ ପ୍ରାୟ ୫ ଲକ୍ଷ ଗଛ ରୋପଣର ନେତୃତ୍ୱ ନେଇଥିଲା। ଜିଓ-ଟ୍ୟାଗିଂ ଏବଂ ରିଅଲ୍-ଟାଇମ୍ ଟ୍ରାକିଂ କୌଶଳ ଯୋଗୁଁ ଏହି ଅଭିଯାନ ସଫଳ ହୋଇଥିଲା, ଯାହା ମିଶନର ବିଶ୍ୱସନୀୟତା ଏବଂ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପଦକ୍ଷେପ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ରୋପଣ କରିବା ପାଇଁ ସେଭ୍ ଆର୍ଥ ମିଶନର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ୩.୨ 'ଦି ଅନ୍‌ଭିଲ୍' ଫ୍ରେମୱାର୍କର ଉଦଘାଟନ

ଅହମଦାବାଦର ଗିଫ୍ଟ ସିଟିରେ ଆୟୋଜିତ 'ଗ୍ଲୋବାଲ୍ ଭିଜନ୍ ଅନଭିଲିଂ' କାର୍ଯ୍ୟକ୍ରମରେ, ସନ୍ଦୀପ ଚୌଧୁରୀ 'ଦି ଅନଭିଲ୍' ନାମକ ଏକ ନୂତନ ବିଶ୍ୱ ପରିବେଶଗତ ଏବଂ ଆଧ୍ୟାତ୍ମିକ ଫ୍ରେମୱାର୍କ ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନା ଅନେକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ପ୍ରସାରିତ ହୋଇଥିଲା। ଏହି ଫ୍ରେମୱାର୍କ ପରିବେଶ ବିଜ୍ଞାନ, ଆଧ୍ୟାତ୍ମିକ ଜ୍ୟାମିତି ଏବଂ ନୂତନ ଜଳବାୟୁ ପ୍ରଯୁକ୍ତିର ଏକ ସମନ୍ୱୟ। ଏହି କାର୍ଯ୍ୟକ୍ରମରେ ସାରା ବିଶ୍ୱର ବୈଜ୍ଞାନିକ, ନିତି ନିର୍ମାତା ଏବଂ ପରିବେଶବିତ୍ ଅଂଶଗ୍ରହଣ କରିଥିଲେ।

### ୩.୩ ଏଆଇ ୧୭୧ ବିମାନ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ




ଗିଫ୍ଟ ସିଟିରେ ଆୟୋଜିତ ଗ୍ଲୋବାଲ୍ ଭିଜନ୍ ଅନଭିଲିଂରେ, ସନ୍ଦୀପ ଚୌଧୁରୀ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ ୧୭୧ ଦୁର୍ଘଟଣାର ବିଶ୍ଳେଷଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ମାତ୍ର ତିନି ମିନିଟ୍ ମଧ୍ୟରେ ସେ ଏହି ଦୁର୍ଘଟଣାର ପ୍ରକୃତ ସୂଚନା ଚିହ୍ନଟ କରିଥିଲେ। ଏହି ପ୍ରକାଶନ ୭୫ବଡୟରରକ୍ସଉରମକ୍ସୟରୟଇଓ୧୭୧ ହ୍ୟାସଟ୍ୟାଗ୍ ଅଧୀନରେ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଆଲୋଚନା ସୃଷ୍ଟି କରିଥିଲା। ଏହି ବିଷୟ କେବଳ ପରିବେଶ ଦୃଷ୍ଟିକୋଣରୁ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ଏବଂ ସ୍ୱଚ୍ଛତା ଦୃଷ୍ଟିକୋଣରୁ ମଧ୍ୟ ପ୍ରାସଙ୍ଗିକ ହୋଇଯାଇଥିଲା।

### ସାମାଜିକ ଗଣମାଧ୍ୟମ ଏବଂ ସଚେତନତା ଅଭିଯାନ

ସନ୍ଦୀପ ଚୌଧୁରୀଙ୍କ ନାମ ଭାରତ, ୟୁଏଇ ଏବଂ ଆମେରିକାରେ ଏକ୍ସ (ପୂର୍ବରୁ ଟ୍ୱିଟର)ରେ ଟ୍ରେଣ୍ଡ୍ କରିଥିଲା। ଶକ୍ତି, ଚେତନା ଏବଂ ପରିବେଶ ସମ୍ବନ୍ଧିତ ବିଚାରଧାରା ବାଣ୍ଟିବା ପାଇଁ ତାଙ୍କର ଦୃଷ୍ଟିକୋଣ ତାଙ୍କୁ ଜଣେ ବିଶ୍ୱ ଯୁବ ନେତା ଭାବରେ ପ୍ରତିଷ୍ଠା କରିଛି। ତାଙ୍କର ପୋଷ୍ଟ ଏବଂ ସାକ୍ଷାତକାର ବିଶେଷ ଭାବରେ ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ସାର୍ବଜନୀନ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରେ।

ଏହି ପରିପ୍ରେକ୍ଷୀରେ ସନ୍ଦୀପ ଏକ ବଡ଼କଥା କହିଛନ୍ତି। ସନ୍ଦୀପଙ୍କ କହିବାନୁସାରେ 'ଏଲୋନ୍ ମସ୍କ ମଙ୍ଗଳ ଗ୍ରହକୁ ଯିବାର ସ୍ୱପ୍ନ ଦେଖନ୍ତି, କିନ୍ତୁ ମୁଁ ପୃଥିବୀକୁ ଠିକ୍ କରିବାର ସ୍ୱପ୍ନ ଜିଉଁଛି। ଗୁଗଲ୍ ମୋତେ ଦ୍ୱିତୀୟ ଜୀବନ ଦେଇଥିଲା - ଏବେ ମୁଁ ପୃଥିବୀକୁ ଦ୍ୱିତୀୟ ସୁଯୋଗ ଦେବାକୁ ଚାହୁଁଛି।'

### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି।

ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।




## କିପରି ଏଲୋନ ମସ୍କଙ୍କ ପେପାଲ୍ ସନ୍ଦୀପ ଚୌଧୁରୀଙ୍କ ଅଫିସ୍ ଛଡ଼ାଇ ନେଇଗଲା - ଏବଂ ଗୁଗୁଲ୍ ତାଙ୍କ ଘର ବଞ୍ଚାଇଲା




**ଜୟପୁର, ଭାରତ**

ଏହି କାହାଣୀଟି କୌଣସି ନେଟ୍‌ଫ୍ଲିକ୍ସ ସିରିଜ୍‌ର ଏକ ସ୍କ୍ରିପ୍ଟ ଭଳି ଅନୁଭବ ହୋଇପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। ଭାରତର ଜଳବାୟୁ ଯୋଦ୍ଧା ଏବଂ ଉଦ୍ଭାବକ ସନ୍ଦୀପ ଚୌଧୁରୀଙ୍କ ସ୍ୱପ୍ନ ୨୦୦୭ରେ ସେସମୟରେ ଭାଙ୍ଗିଗଲା ନଷ୍ଟ ହୋଇଯାଇଥିଲା ଯେତେବେଳେ ଏଲୋନ୍ ମସ୍କଙ୍କ ସହପ୍ରତିଷ୍ଠିତ କମ୍ପାନୀ ପେପାଲ୍ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପେମେଣ୍ଟକୁ ରୋକି ଦେଇଥିଲା- ପରିଣାମସ୍ୱରୂପ ଦେଖୁ ଦେଖୁ ତାଙ୍କ ସନ୍ଦୀପ ଚୌଧୁରୀଙ୍କ ଜୟପୁରସ୍ଥିତ ଅଫିସ୍ ବନ୍ଦ ହୋଇଯାଇଥିଲା। ଜି-୩୪, ସିଟି ସେଣ୍ଟର, ସଂସାର ଚନ୍ଦ୍ର ରୋଡ୍, ଜୟପୁରରୁ ଚାଲୁଥିବା ସନ୍ଦୀପଙ୍କର ଏହି ଛୋଟ କିନ୍ତୁ ମହତ୍ୱାକାଂକ୍ଷୀ ଷ୍ଟାର୍ଟଅପ୍ ସେସମୟରେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପେପାଲ୍‌ରୁ ଦେୟ ଅଟକିଗଲା, ଋଣ ବୃଦ୍ଧି ପାଇଲା, ଅଫିସ୍ ଭଡ଼ା ଦିଆଯାଇପାରିଲା ନାହିଁ, ଏବଂ ଶେଷରେ ଅଫିସ୍ ବନ୍ଦ କରିବାକୁ ପଡିଥିଲା।

୨୦୦୮ରେ, ସନ୍ଦୀପ ଜୟପୁରର ସିଭିଲ୍ ଲାଇନ୍ସର ୧୦, ମହାପୁରା ଠାରେ ଏକ ଭଡା ଘରକୁ ସିଫ୍ଟ ହୋଇଥିଲେ, ଯେଉଁଠାରେ ପରିସ୍ଥିତି ଆହୁରି ଅଧିକ ଖରାପ ହୋଇଯାଇଥିଲା। ତାଙ୍କ ବାପା ତାଙ୍କୁ କହିଥିଲେ, 'ଯଦି ତୁମେ ଘର ଚଳାଇପାରୁନାହଁ, ତେବେ ଗାଁକୁ ଫେରିଯାଅ। ସିଲେଇ ଏବଂ କାରୁକାର୍ଯ୍ୟ ଶିଖ ଏବଂ ସ୍ୱପ୍ନ ଦେଖିବା ବନ୍ଦ କରିଦିଅ। ଏହି ଶବ୍ଦଗୁଡ଼ିକ ଯେକୌଣସି ବ୍ୟକ୍ତିଙ୍କୁ ଭିତରୁ ଭାଙ୍ଗିବା ପାଇଁ ଯଥେଷ୍ଟ କିନ୍ତୁ ଏହା ସନ୍ଦୀପଙ୍କୁ ଆହୁରି ଶକ୍ତିଶାଳୀ କରିଥିଲା। କିନ୍ତୁ ଏହାପରେ ଚମତ୍କାର ହେବା ଆରମ୍ଭ ହୋଇଥିଲା। ଆମେରିକାର ଗୁଗଲ୍ ଆଡସେନ୍ସରୁ ତାଙ୍କର ଏକ ମାମୁଲି ଚେକ୍ ଆସିଲା। ସନ୍ଦୀପଙ୍କ କହିବାନୁସାରେ ଏହି ଚେକ୍ ଏତେ ବଡ଼ ପରିମାଣର ନଥିଲା, କିନ୍ତୁ ଉକ୍ତ ଚେକ୍ ଏପରି ଏକ ସମୟରେ ତାଙ୍କ ପାଖକୁ ଆସିଥିଲା ଯେତେବେଳେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଥିଲା। ସିଧାସଳଖ ଭାବେ କହିଲେ ପେପାଲ୍ ତାଙ୍କୁ ତଳସ୍ତରକୁ ନେଇଆସିଥିବା ବେଳେ ଗୁଗୁଲ୍ କିନ୍ତୁ ତାଙ୍କୁ ସମ୍ଭାଳି ନେଇଥିଲା।

ଆଜି, ସନ୍ଦୀପ ଚୌଧୁରୀ କୋଟି କୋଟି ଡଲାର ମୂଲ୍ୟର ଷ୍ଟାର୍ଟଅପ୍ ଭାଲ୍ୟୁ ସହ 'ସେଭ୍ ଆର୍ଥ ମିଶନ'ର ଭାରତ ଚାପ୍ଟରର ଅଧ୍ୟକ୍ଷ ମଧ୍ୟ ଅଟନ୍ତି। ଏଥିସହ ତାଙ୍କ ଦଳ କେବଳ ଗୋଟିଏ ଘଣ୍ଟାରେ ବିଶ୍ୱସ୍ତରରେ ରେକର୍ଡ ପରିମାଣର ୫ ଲକ୍ଷରୁ ଅଧିକ ଗଛ ଲଗାଇ ଗିନିଜ୍ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।

ସନ୍ଦୀପଙ୍କୁ ଏବେ ଫୋର୍ବସ୍, ରଏଟର୍ସ, ଟେଡ୍‌ଏକ୍ସ, ବିଜନେସ୍ ଇନ୍‌ସାଇଡର, ଗ୍ଲୋବ୍ ଏବଂ ମେଲ୍ ଭଳି ଶୀର୍ଷ ଅନ୍ତର୍ଜାତୀୟ ପ୍ଲାଟଫର୍ମ ଦ୍ୱାରା ଜଣେ ବିଶ୍ୱ ପରିବେଶବିତ୍ ବା ପର୍ଯ୍ୟାବରଣ ନେତା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ତାଙ୍କର ନୂତନ ପଦକ୍ଷେପ, ' ଦି ଗ୍ରେଟେଷ୍ଟ କେସ୍ ଷ୍ଟଡି ଅନ୍ ଆର୍ଥ ', ଦ୍ୱାରା ସେ ଏବେ ବିଶ୍ୱବ୍ୟାପୀ ପଡ଼କାଷ୍ଟ, ପ୍ରକାଶନ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଯୁବପିଢ଼ିଙ୍କୁ ବଡ଼ ଚିନ୍ତା କରିବା, ନବସୃଜନ କରିବା ଏବଂ ନିଜ ଉପରେ ବିଶ୍ୱାସ କରିବାକୁ ପ୍ରେରଣା ଦେଉଛନ୍ତି।

### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।

### ଭବିଷ୍ୟତ ଦିଗଦର୍ଶନ ଏବଂ ମିଶନ୍ ବିସ୍ତାର

ସେଭ୍ ଆର୍ଥ ମିଶନ୍ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଲକ୍ଷ୍ୟ ରଖିଛି, ଯେଉଁଥିରେ ବୈଷୟିକ ଟ୍ରାକିଂ, ନାଗରିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା ଅନ୍ତର୍ଭୁକ୍ତ ରହିଛି। ଦି ଅନିଭିଲ୍ ଫ୍ରେମୱାର୍କ ପରିବେଶ, ଆଧ୍ୟାତ୍ମିକ ଚେତନା ଏବଂ ବିଜ୍ଞାନକୁ ସଂଯୋଗ କରି ସାମଗ୍ରିକ ପରିବର୍ତ୍ତନର ପଥ ଦେଖାଏ। ନାଗରିକ, ନୀତି ନିର୍ଦ୍ଧାରକ ଏବଂ ବ୍ୟବସାୟଗୁଡ଼ିକୁ ସଂଯୋଗ କରି ପରିବେଶ ନୀତି ଏବଂ ଆଚରଣଗତ ପରିବର୍ତ୍ତନ ପାଇଁ କାର୍ଯ୍ୟ କରାଯାଉଛି।

### ନିଷ୍କର୍ଷ: ଆଶା ଏବଂ ସମ୍ଭାବନା

ସନ୍ଦୀପ ଚୌଧୁରୀଙ୍କ କାହାଣୀ ପ୍ରେରଣାଦାୟକ - ଜଣେ ଚାଷୀ ପରିବାରରୁ ବିଶ୍ୱ ପରିବେଶ ଆନ୍ଦୋଳନର ନେତୃତ୍ୱ ନେବା ପର୍ଯ୍ୟନ୍ତ ତାଙ୍କ ସଫଳତା, ବୈଷୟିକ ସମାଧାନ ଏବଂ ବିଶାଳ ସାମୁଦାୟିକ ଯୋଗାଯୋଗ ପ୍ରଶଂସନୀୟ..

କିନ୍ତୁ ତାଙ୍କର ବର୍ତ୍ତମାନର ଲକ୍ଷ୍ୟ - 'ଦି ଅନଭିଲ୍', ୩୦ ବିଲିୟନ ବୃକ୍ଷ ଅଭିଯାନ, ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଚିନ୍ତାଧାରା ନେତୃତ୍ୱ - ସୂଚାଇ ଦିଏ ଯେ ତାଙ୍କର ଦୃଷ୍ଟିକୋଣ ବ୍ୟାପକ ଏବଂ ସୁଦୂରପ୍ରସାରୀ। ସେ ଏଆଇ ୧୭୧ ରହସ୍ୟର ଉନ୍ମୋଚନକୁ ପରିବେଶଗତ ରିପୋର୍ଟିଂ ସହିତ ମିଶ୍ରଣ କରିଥିଲେ, ଯାହା ଦର୍ଶାଇଥିଲା ଯେ ସେ ସମାଜରେ ସଚେତନତା-ନିର୍ମାଣ ଏବଂ ସତ୍ୟ-ଖୋଜିବାରେ ଆଗ୍ରହ ରଖୁଛନ୍ତି।

## ସନ୍ଦିପ ଚୌଧୁରୀଙ୍କର ସଫଳତାର ଫଟୋ ବିବରଣୀ



## ସାମ୍ବାଦିକଙ୍କୁ ରେଷ୍ଟୋ ମାଲିକଙ୍କ ହତ୍ୟା ଧମକ

**ହିଞ୍ଜିଳିକାଟୁ,୨୯।୭/ଏନ୍‌ଏନ୍‌ଏସ୍:** ହିଞ୍ଜିଳିକାଟୁ ଦୈନିକ ଖବରକାଗଜର ପ୍ରତିନିଧିଙ୍କୁ ଫୋନ ଜରିଆରେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରି ଗାଳି ଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି । ହିଞ୍ଜିଳି ଥାନା ସୋମପୁର ନିକଟରେ ଥିବା ଷ୍ଟାର ଇନ୍ ରେଷ୍ଟୋ ମାଲିକ ବୋଲି ଜଣାପଡିଛି । ସାମ୍ବାଦିକ ଜଣକ ରେଷ୍ଟୋ ମାଲିକଙ୍କ ବିରୋଧରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ପୁଲିସ୍ ହିଞ୍ଜିଳି ଥାନାରେ କେସ୍ ନଂ-୫୯୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଅଡିଓ ବାର୍ତ୍ତାଳାପ ବେଳେ ରେଷ୍ଟୋ ମାଲିକ ଗଣମାଧ୍ୟମର ସ୍ଥାନୀୟ ପ୍ରତିନିଧିଙ୍କୁ କୁତ୍ସିତ ଭାଷା ପ୍ରୟୋଗ କରି ଆକ୍ଷେପ କରିବା ସହ ସେମାନଙ୍କ କର୍ତ୍ତବ୍ୟ ଓ ସାମାଜିକ ମୁଲ୍ୟବୋଧକୁ ଅସମ୍ମାନ ପ୍ରଦର୍ଶନ ଓ ଅପମାନ କରିବା ଘଟଣାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ପୁଲିସ ସୁଚନା ଅନୁଯାୟୀ ଗତ ୨୬ ତାରିଖ ଶନିବାର ହିଞ୍ଜିଳିକାଟୁର ସାମ୍ବାଦିକ ବି. ରାଜେଶ ସୁବୁଦ୍ଧି ହିଞ୍ଜିଳି ଥାନା ସୋମପୁର ନିକଟ ତଥା ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଷ୍ଟାର ଇନ୍ ରେଷ୍ଟୋକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ । ରେଷ୍ଟୋରେ କିଛି ଶିଶୁ ଶ୍ରମିକ କାମ ନିୟୋଜିତ ଥିବା ତାଙ୍କ ନଜରକୁ ଆସିଥିଲା । ଏ ବିଷୟରେ ସେ ରବିବାର ରେଷ୍ଟୋ ମାଲିକ ମିଟୁ ବିଶ୍ୱାଳଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ । କିନ୍ତୁ ଏହାର କିଛି ସମୟ ପରେ ମାଲିକ ମିଟୁ ଉତ୍ତେଜିତ ହୋଇ ସାମ୍ବାଦିକ ରାଜେଶଙ୍କୁ ଆଶ୍ରାବ୍ୟ ଭାଷା ଓ କଟୁ ଶବ୍ଦ ପ୍ରୟୋଗ କରି ଅସାମାଜିକ ଢଙ୍ଗରେ ବିଭିନ୍ନ ପ୍ରକାରର ଗାଳି ଗୁଲଜ କରିଥିଲେ । ଏନେଇ ସାମ୍ବାଦିକ ରାଜେଶ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ କୁମାର ସେନାପତି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛନ୍ତି ।

## ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ



**ଫୁଲବାଣୀ,୨୯।୭/ଏନ୍‌ଏନ୍‌ଏସ୍:** ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରାୟ ସବୁ କିଛି ଅନିୟମିତତା ଭିତରେ ଗତିକରୁଥିବା ବେଳେ ବର୍ତ୍ତମାନ ଅଧିକରୁ ଅଧିକ ଗଛ ଲଗାଇବା ସବୁ ସ୍ତରରେ ନିତାନ୍ତ ଆବଶ୍ୟକତା ହୋଇ ପଡିଛି । ଏଣୁ ଜଙ୍ଗଲ ବିଭାଗ ତରଫରୁ ଜୁଲାଇ ମାସରେ ବନ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହାକୁ ଆଖିଆଗରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ କରିଛନ୍ତି । ଜିଲ୍ଲା ଜଙ୍ଗଲ ବିଭାଗଙ୍କ ଜରିଆରେ ପିଜୁଳି, ପଣସ, ଅଁଳା, ଅମୃତଭଣ୍ଡା ଓ ଜାମୁ ଇତ୍ୟାଦି ଚାରା ବିଦ୍ୟାଳୟରେ ଲଗାଇବା ପାଇଁ ଦିଆ ଯୋଗାଇ ଦିଆଯାଇ ବିଦ୍ୟାଳୟ ପରିବେଶକୁ ସୌନ୍ଦର୍ଯ୍ୟ କରିବା ସହିତ ଜୈବ ବିଭିଦତାର ସନ୍ତୁଳନ ରକ୍ଷା କରିବା ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମାଜରେ ପଡୁଥିବା କୁପ୍ରଭାବକୁ ରୋକିବାକୁ ଗୁରୁତ୍ୱ ଦିଆଯାଇଛି । ଆଜି ବଡିମୁଣ୍ଡା, ପିକରଡି ଓ କଟିମାହା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨୦୦ ରୁ ଅଧିକ ଫଳନ୍ତି ଚାରା ଗଛ ରୋପଣ କରିବା ସହିତ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଅର୍ପଣ କରିବା ଉଦ୍ଦ୍ୟେଶ୍ୟରେ କେତେକ ବିଦ୍ୟାଳୟକୁ କିଟ୍ ପ୍ରଦାନ କରାଯାଇଛି । ପରିଚାଳନାରେ ଗିରିଶଚନ୍ଦ୍ର ସାମଲ, ସ୍ୱଧର୍ମ ରାଉତ, କୁସ ସାନସେଠ୍, ଅନ' ଚରଣ ମଲ୍ଲିକ, ଦିପେସ ମହାକୁଡ ଓ ସହ ଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ନନ୍ଦକିଶୋର ବେହେରା, ସୁନିଲ କୁମାର ମହୁନି ଓ ମଧୁସୁଦନ ବେହେରା ଏବଂ ବିଦ୍ୟାଳୟର ଇକୋ କ୍ଲବ୍ ଶିକ୍ଷକ ଶ୍ରାବଣୀ ପଟ୍ଟନାୟକ, ଜିତେନ୍ଦ୍ର କୁମାର ମଲ୍ଲିକ ଓ ସହାକାରି ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଣତୀ ସାହୁ, ରଞ୍ଜିତ୍ କହଁର, ମାନଭଞ୍ଜନ ଦିଗାଲ ପ୍ରମୁଖ ସାମିଲ୍ ହୋଇଥିଲେ ।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକରେ ଶୋକ

**ବୁଗୁଡା,୨୯।୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର(୭୨)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଚାରି ବର୍ଷ ହେବ ଶାରୀରିକ ଅସୁସ୍ଥତା ଥିଲେ । ଗତ ରବିବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା । ଏ ଖବର ପ୍ରଚାରିତ ହେବା ପରେ ତାଙ୍କର ବି.କରଡ଼ାବାଡ଼ି ଗ୍ରାମସ୍ଥ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଛାତ୍ରଗଣଙ୍କ ସମେତ ଗ୍ରାମବାସୀ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ । ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ସେ ଗତ ୨୦୧୩ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ କ୍ରୀଡା ଶିକ୍ଷକ ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ । ସେ ଗତ ୨୦୧୫ ମସିହାରେ ଶରୀର ଦାନ ନିମନ୍ତେ ଚୁକ୍ତି କରିଥିଲେ । ଫଳରେ ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ବି.କରଡ଼ାବାଡ଼ି ଗ୍ରାମ ପରିକ୍ରମା ପରେ ବ୍ରହ୍ମପୁର ଏମକେସିଜି କଲେଜକୁ ପ୍ରଦାନ କରାଯାଇଥିଲା ।

## ବୁଗୁଡ଼ା ସହର ମୁଖ୍ୟ ସଡ଼କ ସମ୍ପ୍ରସାରଣରେ ବାଧକ ସାଜିଛି ଜବରଦଖଲ

# ଉଚ୍ଛେଦ ପାଇଁ ଚାଲିଛି ଚିହ୍ନଟ ପ୍ରକ୍ରିୟା

**ବୁଗୁଡା,୨୯।୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ସହର ମୁଖ୍ୟ ସଡକର ଉଭୟ ପାର୍ଶ୍ୱରେ ଡ୍ରେନ ଅତିକ୍ରମ ପୂର୍ବକ ଜବର ଦଖଲକୁ ଉଚ୍ଛେଦ କରାଯିବ । ଟ୍ରାଫିକ ସମସ୍ୟର ସମାଧାନ ସହ ମୁଖ୍ୟ ସଡକର ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୂର୍ବରୁ ଜନସାଧାରଣଙ୍କୁ ଅବଗତ କରାଇ ଗତ ୨୨ ତାରିଖ ଦିନ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ଉଚ୍ଛେଦ ପ୍ରକ୍ରିୟା ସ୍ଥାନୀୟ ଶକ୍ତିନଗରଠାରୁ ଆରମ୍ଭ ହୋଇ ହାଇସ୍କୁଲ ଛକ ଏବଂ ସେଠାରୁ ସିନେମା ହଲ ଛକ ପର୍ଯ୍ୟନ୍ତ ଯାଇନପାରି ମଦନ ମୋହନ ଛକ ନିକଟରେ ଅଟକି ଯାଇଥିଲା । ଏଭଳି ଦରଖଣ୍ଡିଆ ଉଚ୍ଛେଦ ପ୍ରକ୍ରିୟା ସାଙ୍ଗକୁ ଉଚ୍ଛେଦ ସମୟରେ ପ୍ରଶାସନ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ନେଇ ସାଧାରଣରେ ସମାଲୋଚନା ସହ ଅସନ୍ତୋଷ ଦେଖା ଦେଇଥିଲା । ଅନ୍ୟପକ୍ଷରେ ଗତ ୨୩ ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ କେତେକ ଶକ୍ତିନଗର ବାସିନ୍ଦାଙ୍କୁ ଜବର



ଦଖଲକାରୀ ଦର୍ଶାଇ ସେମାନଙ୍କୁ ୨୯ ତାରିଖରେ ହେବାକୁ ଥିବା ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କୁହାଯାଇଥିଲା । ଏହି ପ୍ରକାରେ ଆଜି ତହସିଲଦାର ତାପସ ରାଉତଙ୍କ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ମେଳି ହୋଇଥିବା ସାହି ବାସିନ୍ଦାଙ୍କ ସହଯୋଗରେ ମୁଖ୍ୟ ସଡକ ସମ୍ପ୍ରସାରଣ ଓ ଡ୍ରେନ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଜାଗାର ଚିହ୍ନଟ ପ୍ରକ୍ରିୟା ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଉତ୍ତେଜନାମୂଳକ ପରିସ୍ଥିତିକୁ ଉପଭୋଗ କରିବା ପାଇଁ ଅନ୍ୟ ସାହିର ଦେଖଣାହାରୀଙ୍କ ଭିଡ ଜମିଥିଲା । ତେବେ କେତେ ପ୍ରସ୍ଥର ସଡକ ନିର୍ମାଣ ହେବ ଏବଂ ଉଭୟ ପାର୍ଶ୍ୱରେ କେତେ ଦୂରତାରେ ଡ୍ରେନ ନିର୍ମାଣ ହେବ ସେନେଇ ତହସିଲ ପ୍ରଶାସନ ପକ୍ଷରୁ କୌଣସି ସଠିକ୍ ଉତ୍ତର ପ୍ରଦାନ କରାଯାଇନାହିଁ । ସ୍ଥାନୀୟ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀଙ୍କ ଠିକଣା ସମୟରେ ଦେଖା ମିଳୁନଥିବାରୁ ସାଧାରଣରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ ମୁଖ୍ୟ ସଡକର ସମ୍ପ୍ରସାରଣ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ସାଙ୍ଗକୁ ସଡକ କଡସ୍ଥ ଟ୍ରାନ୍ସଫର୍ମର ଉଚ୍ଛେଦ କେବେ ହେବ ଏବଂ ଡିଭାଇଡର ନିର୍ମାଣ ସୁନିଶ୍ଚିତ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ପରିପ୍ରେକ୍ଷୀରେ ଜବର ଦଖଲ ଉଚ୍ଛେଦ ପରେ ମଦନ ମୋହନ ଛକରୁ ବଡଶଙ୍ଖ ପର୍ଯ୍ୟନ୍ତ ଡିଭାଇଡର ହେବ । ଏଥି ନିମନ୍ତେ ମୁଖ୍ୟ ରାସ୍ତା କଡସ୍ଥ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମରର ହଟାଇବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ବିଦ୍ୟୁତ୍ ବିଭାଗକୁ ଦୁଇ ମାସ ହେଲା ଏଷ୍ଟିମେଟ୍ ମଗାଯାଇଥିଲେ ମଧ ବିଦ୍ୟୁତ ବିଭାଗ ଏ ପର୍ଯ୍ୟନ୍ତ ଦେଇ ନଥିବା କଥା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଲମ୍ବୋଦର ବେହରା କହିଛନ୍ତି । ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭାଗ ଏସଡିଓ ସ୍ମୃତି ରଞ୍ଜନ ଦାସ କହିଛନ୍ତି ଯେ ଏଷ୍ଟିମେଟ୍ ପାଇଁ ପଠାଯାଇଛି ଏବଂ ତାହା ଖୁବ୍ ଶୀଘ୍ର ପ୍ରଦାନ କରାଯିବ । ତେବେ ବିଦ୍ୟୁତ୍ ଖମ୍ଭ ଓ ଟ୍ରାନ୍ସଫର୍ମର ହଟିବା ପରେ ହିଁ ଡିଭାଇଡର କାମ ଆରମ୍ଭ ହେବ ବୋଲି ଜଣାପଡିଛି ।

## ମହିଳା ଓ ଶିଶୁବିକାଶ ସଚିବଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ

**ଆସିକା,୨୯।୭/ଏନ୍‌ଏନ୍‌ଏସ୍:** ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଶୋଭା ଶର୍ମା ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନରେ ଆସି ବିଭିନ୍ନ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ବିଷୟରେ ବିଭାଗୀୟ ପଦାଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରି ଫେରିଥିବା ଲକ୍ଷ୍ୟ କରାଯାଇଛି । ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଶୋଭା ଶର୍ମା ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିବା ପରେ ମେଡିକାଲର ଅଧୀକ୍ଷକ ଡାକ୍ତର ବାଲ୍‌ଗୋପାଳ ବେହେରା ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଶୋଭା ଶର୍ମା ଆସିକା ଉପଖଣ୍ଡ ଚିକିତ୍ସାଳୟର ରକ୍ତ ପରୀକ୍ଷାଗାର, ପୁଷ୍ଟିପୁନର୍ବାସ କେନ୍ଦ୍ର, ଡାଏଲିସିସ୍ ସେବାକେନ୍ଦ୍ର ସମେତ ବିଭିନ୍ନ ପ୍ରକୋଷ୍ଠକୁ ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସୁବିଧା ଅସୁବିଧା ଓ ଭିତ୍ତିଭୂମୀ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଗଞ୍ଜାମ ଜିଲ୍ଲାର ତଥା ଦକ୍ଷିଣ ଓଡିଶାର ପ୍ରାଣକେନ୍ଦ୍ର ରୂପେ ପରିଚିତ ଥିବା ଆସିକା ଉପଖଣ୍ଡ ଚିକିତ୍ସାଳୟ ଉପରେ ଆସିକା ତଥା ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଜନତା ନିର୍ଭର କରିଚାଲୁଥିଲା ବେଳେ ଏହି ମେଡିକାଲରେ ଖାଲି ପଡିଥିବା ଡାକ୍ତର ଓ ନର୍ସିଂ କର୍ମଚାରୀ ପଦବୀ ପୂରଣ, ରୋଗୀ ଏବଂ ସେମାନଙ୍କ ସଂପର୍କୀୟଙ୍କୁ ଆହୁରି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇଦେବା,



ମୃତଦେହ ନେବା ପାଇଁ ମହାପ୍ରୟାଣ ସେବା କାର୍ଯ୍ୟକାରୀ କରିବା, ସାମାନ୍ୟ ବର୍ଷାରେ ଜମାଟ ବାନ୍ଧି ରହୁଥିବା ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବା ସମେତ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଉପରେ ସୁବ୍ୟବସ୍ଥା କରିବାକୁ ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଶୋଭା ଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଦେଖିବାକୁ ମିଳିଥିଲା । ମହିଳା ଓ ଶିଶୁବିକାଶ ବିଭାଗର ସଚିବ ଶୋଭା ଶର୍ମାଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନ ସମୟରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା, ଡାକ୍ତର ଦୀପକ କୁମାର ସାମନ୍ତରାୟ, ଡାକ୍ତର ପି.ଶ୍ୟାମସୁନ୍ଦର, ଡାକ୍ତର ଗୋପାଳ ଚନ୍ଦ୍ର ପାତ୍ର, ଡାକ୍ତର ସଂଗ୍ରାମ ସାହୁ, ଡାକ୍ତର ଆଦିତ୍ୟ ଦାଶ, ଡାକ୍ତର ନିଶିକାନ୍ତ ପଣ୍ଡା, ଡାକ୍ତର ସୌମ୍ୟାଶ୍ରୀ ସାହୁ, ଡାକ୍ତର ଆଶୁତୋଷ ପଟ୍ଟନାୟକ, ଫାର୍ମାସିଷ୍ଟ କେଦାର ପାତ୍ର, ହସପିଟାଲ୍ ପରିଚାଳକ ବିଶ୍ୱଜିତ୍ ପ୍ରଧାନ, ବିଡିଏମ୍ ସୁନିଲ୍ କୁମାର ଘଡେଇ, ନିର୍ମଳ ପରିଦର୍ଶକ ଅମିତ୍ କୁମାର ଦାଶ, ସୁରକ୍ଷାକର୍ମୀ ପରିଦର୍ଶକ ଅଜିତ୍ ପ୍ରଧାନ, ନର୍ସିଂ କର୍ମଚାରୀ ମିତାଲି ମହାନ୍ତି, ସସ୍ମିତା ପାଣି, ବିରେନ୍ ଭୂୟାଁ, ଏଏନ୍‌ଏମ୍ ସରସ୍ୱତୀ ରାଓ, ସ୍ୱର୍ଣ୍ଣଲତା ଗୋଛାୟତ, ପୁଷ୍ଟି ପୁନର୍ବାସ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ସୁଚିତ୍ରା ବେହେରା, ଆଇସିଡିଏସ୍ କାଉନସିଲର୍ ଦୀପକ ରାଉତ ଓ ଲ୍ୟାବ ଟେକନିସିଆନ୍ ଶୁଭେନ୍ଦୁ ଦାଶଙ୍କ ସମେତ ଆସିକା ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଜାତୀୟ ମାତୃ ପିତୃ ଦିବସ ପାଳିତ

**ଫୁଲବାଣୀ,୨୯।୭/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ହାଟପଦା ସ୍ଥିତ ଯାତ୍ରା ପଡିଆ ସଭାଗୃହ ଠାରେ ସଂଘ ସଭାପତି ପଦ୍ମ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଜାତୀୟ ମାତୃପିତୃ ଦିବସ ପାଳିତ ହୋଇଯାଇଛି । ଏହି



ଅବସରରେ ସଂଘ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ, କାର୍ଯ୍ୟକାରୀ ସଭାପତି ନବ କିଶୋର ରଥ, ଉପସଭାପତି ପିତାମ୍ବର ମିଶ୍ର ଓ ମଞ୍ଜୁଳା ପାଣିଗ୍ରାହୀ, ବଂଶୀଧାର ପଣ୍ଡା, ଅମୀୟ କୁମାର ଦାସ ଓ ପ୍ରମୋଦ କୁମାର ସାହୁ, ବ୍ରଜ ପଟନାୟକ, କୋଷାଧକ୍ଷ ପି.ରଘୁନନ୍ଦନ ପାତ୍ର, ପ୍ରିୟନାଥ ଶର୍ମା, ନାରାୟଣ ସାହୁ, ଟି ରାଜ ଗୋପଳ ପାତ୍ର, କୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇ ଏ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ସଂଘର ସମସ୍ତ ସଦସ୍ୟ ଓ କୁନି କୁନି ପିଲାମାନେ ଉପସ୍ଥିତ ଥିଲେ ।

## ଦାୟିତ୍ୱ ଗ୍ରହଣ ପରେ ନୂତନ ଜିଲ୍ଲାପାଳଙ୍କ ବିଭିନ୍ନ କ୍ଷେତ୍ର ପରିଦର୍ଶନ

**କନ୍ଧମାଳ,ଫୁଲବାଣୀ,୨୯।୭/ଏନ୍‌ଏନ୍‌ଏସ୍:** ସୋମବାର ସକାଳେ ପ୍ରାୟ ୧୧ଟାରେ ନୂତନ ଜିଲାପାଳ ଭାବେ ଶ୍ରୀ ବେଦଭୂଷଣ ଯୋଗଦେବା ପରେ ପରେ ଅପରାହ୍ନରେ ସେ ବିଭିନ୍ନ ଅଂଚଳ କ୍ଷେତ୍ର ପରିଦର୍ଶନ କରି ବହୁ ହିତାଧିକାରୀ ମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଅଲୋଚନା କରିଛନ୍ତି । ଅପରାହ୍ନରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ଅଟାଗାମ୍ବୁ ଗ୍ରାମରେ ଫୁଲବାଣୀ ଆଇଟିଡିଏର ପକ୍ଷରୁ ଅନେକ ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଡ୍ରାଗନ୍ ଫଳ ବଗିଚାକୁ ଯାଇଥିଲେ । ସେଠାରେ ସଦସ୍ୟ ଏବଂ ସ୍ଥାନୀୟ ପିଆରଆଇ ସଦସ୍ୟମାନଙ୍କ ସହିତ ବଗିଚା ଏବଂ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ । ପରେ ନେଡିପଦର ଗ୍ରାମରେ ମନରେଗା ଅଧୀନରେ ନିର୍ମିତ ୨ଟି ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ, ଫିରିଙ୍ଗିଆ ବ୍ଲକର କାସିନିପଦର ପଞ୍ଚାୟତର ଥିବା ସ୍ୱାସ୍ଥ୍ୟ ସବ୍ ସେଣ୍ଟର ପରିଦର୍ଶନ କରିଥିଲେ ଏବଂ ପିଏଚ୍‌ଓଙ୍କ ସହିତ ଆଇଏମଆର, ଏମ୍‌ଏମ୍‌ଆର, ଅନୁଷ୍ଠାନିକ ପ୍ରସବ ବିଷୟରେ ଆଲୋଚନା କରିଥିଲେ ଏବଂ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ସେଠାରୁ ଫେରି ନୂତନ ଭାବେ ଉଦ୍ ଘାଟିତ ହୋଇଥିବା ଫୁଲବାଣୀ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିଥିଲେ । ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଗସ୍ତକରି



ସେଠାରେ ଡ଼ାକ୍ତର , ରୋଗୀ ଓ ଅନ୍ୟମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ବିଭିନ୍ନ ଶଯ୍ୟାରେ ଥିବା ରୋଗୀ ମାନଙ୍କ ସହିତ ବିଭିନ୍ନ ସେବା ଏବଂ ସମସ୍ୟା ଉପେର ପଚାରିବୁଝିଥିଲେ । କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଗସ୍ତ ଅବସରରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଆଇ.ଟି.ଡ଼ି.ଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର , ଉପଜିଲାପାଳ ଭିକାରୀ ସାହୁ, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଷେକ ବେହେରା , ଅନ୍ୟ ଜିଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର କମର୍ଚାରୀମାନେ ସାମିଲ୍ ହୋଇଥିଲେ ।

## ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କ ମରଶରୀର ମେଡିକାଲ କଲେଜକୁ ଦାନ



**ବ୍ରହ୍ମପୁର,୨୯।୭/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ଅନ୍ତର୍ଗତ ମାଣିକ୍ୟପୁର ଗ୍ରାମର ଅବସରପ୍ରାପ୍ତ ଡାକ କର୍ମଚାରୀ ଦୁର୍ଯ୍ୟୋଧନ ନାୟକ(୭୮)ଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁଅ, ଝିଅ, ବୋହୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ । ଦୀର୍ଘ ବର୍ଷ ଧରି ନିଜ ଅଞ୍ଚଳରେ ଡାକସେବା କରିଥିବା ଦୁର୍ଯୋଧନ ନାୟକ ମୃତ୍ୟୁ ପରେ ନିଜର ଶରୀର ଦାନ କରି ସମାଜର କାମରେ ଲାଗିବାକୁ ଜୀବିତ ଥିବା ସମୟରେ ଇଛା ପ୍ରକାଶ କରିଥିଲେ । ତାଙ୍କର ଇଛାକୁ ସମ୍ମାନ ଜଣାଇ ତାଙ୍କର ପରିବାର ବର୍ଗ ଗତକାଲି ରାତିରେ ମରଶରୀରକୁ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜର ଆନାଟୋମୀ ବିଭାଗକୁ ଆଣିଥିଲେ । ପ୍ରଥମେ ଚକ୍ଷୁ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ତାଙ୍କର ଚକ୍ଷୁଦାନ କରାଯିବା ପରେ ମୃତ ଶରୀରକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ତଥା ଭେଷଜ ଗବେଷଣା ପାଇଁ ପ୍ରଦାନ କରାଯାଇଥିଲା । ଆନାଟୋମୀ ବିଭାଗ ପକ୍ଷରୁ ପ୍ରଫେସର ରାଜଲକ୍ଷ୍ମୀ ପଣ୍ଡା ମରଶରୀରକୁ ଗ୍ରହଣ କରି ପ୍ରାପ୍ତି ସ୍ୱୀକାରର ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏମକେସିଜି ମେଡିକାଲ କଲେଜରେ ଗତ ୨୦୧୩ ମସିହାରୁ ଆରମ୍ଭ ହୋଇଥିବା ଏହି ଶରୀରଦାନ ଅଭିଯାନରେ ଏହା ୩୦ ତମ ଦାନ ଅଟେ । ରାଜ୍ୟରେ ସବୁଠାରୁ ଅଧିକ ଶରୀରଦାନ କରାଇ ବ୍ରହ୍ମପୁର ଓ ଏମକେସିଜି ମେଡିକାଲ କଲେଜ ଏ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିପାରିଛନ୍ତି । ନିଜର ଆବଶ୍ୟକତା ପୂରଣ ହେବା ସହ ରାଜ୍ୟର ଅନ୍ୟ ମେଡିକାଲ କଲେଜକୁ ବି ମରଶରୀର ଦେବାରେ ସକ୍ଷମ ହୋଇପାରିଛି । ଶରୀରଦାନ ସମୟରେ ମୃତ ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ତଥା ଅଖିଳ ଭାରତ କିଶାନ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ସଗଠନର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ମାନବବାଦୀ ହେତୁବାଦୀ ସଗଠନର ଜିଲ୍ଲା ସମ୍ପାଦକ କେ. ନାଦେଶୁ ସେନାପତି, ଲେଖିକା ଡ. ବିଧୁପ୍ରଭା ରଥ, କିଶୋର ମିଶ୍ର, ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ଆଇଏଫଟିୟୁ ସଭାପତି ପ୍ରତାପ ପ୍ରଧାନ, ସାମାଜିକ କର୍ମୀ ଆଦିତ୍ୟ ରଥ, ବାସବରାଜୁ, ଜାମୁଲା ସୁରେଶ, ଯୁବନେତା ଧରମବୀର, ଉଲ୍ଲା ନାୟକ, ଛାତ୍ରନେତା କାହ୍ନୁ ପ୍ରଧାନ, ପ୍ରଦୀପ ପ୍ରଧାନ, ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବର ସଭାପତି ସତ୍ୟକାମ ପାତ୍ର, ଉପ ସଭାପତି ପି . ଶ୍ରୀନିବାସ ରାଓ, ପି କିରଣ କୁମାର, କେ. ପୁରୁଷୋତ୍ତମ ସୁବୁଦ୍ଧି, ମେଡିକାଲ ସିକ୍ୟୁରିଟୀ କର୍ମଚାରୀ ୟୁନିୟନର ବହୁ ସଦସ୍ୟ ଯୋଗ ଦେଇଥିଲେ ।

## ବଡ଼ଶଙ୍ଖ ନଦୀକୂଳ ରାସ୍ତା ବିପଦରେ

# ଅଧିକ ବର୍ଷା ହେଲେ ୧୦ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ସମ୍ଭାବନା

**ଦାରିଙ୍ଗବାଡ଼ି,ଫୁଲବାଣୀ,୨୯।୭/ଏନ୍‌ଏନ୍‌ଏସ୍:** ଅଧିକ ବର୍ଷା ହେଲେ କିଛି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ସମ୍ଭାବନା ରହିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ନିକଟ ବଡ଼ଶଙ୍ଖ ନଦୀ ତଟ ଦେଇ ଯାଇଥିବା କିରାମାହା ରାସ୍ତାରେ । ପ୍ରକାଶ ଯୋଗ୍ୟ ଯେ ଗଜପତି ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଶଙ୍ଖ ଠାରୁ କିରାମାହା ଦେଇ ଗଡମା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଂଯୋଗ ହୋଇଛି । ଏହି ରାସ୍ତା ନିର୍ମାଣ ସମୟରେ ନଦୀ ତଟରେ ସୁଦୃଢ଼ ଭାବେ ଗାର୍ଡ ୱାଲ୍ ନିର୍ମାଣ କରିବା ସହ ଉକ୍ତ ଛକରେ ପୂର୍ତ୍ତ ବିଭାଗ ରାସ୍ତା ସହ ସମାନ୍ତରାଳ ଭାବେ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ଦାବି ରହିଥିଲା । ସଂପୃକ୍ତ ଠିକାଦାରଙ୍କ ଖାମଖିଆଲି ମନୋଭାବ ଓ ବିଭାଗୀୟ ଅଧିକାରୀ ମାନଙ୍କ ଦୂର ଦୃଷ୍ଟିର ଅଭାବ ହେତୁ ଉକ୍ତ କାର୍ଯ୍ୟକୁ



କାମଚଳା ଭାବେ ଛାଡ଼ି ଦେଇଥିଲେ ସେହି ସମୟରେ । ଉକ୍ତ ନଦୀର ରାସ୍ତା ତଟରେ ପଥର ୱାଲ୍ ଦିଆ ଯାଇଥିବା ବେଳେ କେତେକ ବଡ଼ ବଡ ବୃକ୍ଷ ମାନ ରହିଅଛି । ବୃକ୍ଷ ଥିବା ସ୍ଥାନରେ ସଠିକ୍ ଭାବେ ପଥର ୱାଲ୍ କରାଯାଇ ନାହିଁ, ଯାହାରି ଫଳରେ ବର୍ଷା ହେଲେ କିମ୍ବା ନଦୀରେ ପାଣି ବଢ଼ିଲେ ଧୀରେ ଧୀରେ କୁଳରୁ ମାଟି ଅତଡ଼ା ସହ ପଥର ୱାଲ୍ ମଧ ଭୁଶୁଡ଼ିବାରେ ଲାଗିଛି । ବର୍ତ୍ତମାନ ସେହି ରାସ୍ତାର ଏକାଧିକ ସ୍ଥାନରେ ପଥର ୱାଲ୍ ଭୁଶୁଡି ଗର୍ତ୍ତ ସୃଷ୍ଟି ହୋଇ ଥିବା ଦେଖିବାକୁ ମିଳୁଛି । ସେହି ରାସ୍ତା ଦେଇ ଶତାଧିକ ଯାନବାହାନ ଚଳାଚଳ କରୁଥିବା ବେଳେ ଭାରି ଯାନ ଯିବା ଆସିବାରେ ବିପଦ ସୃଷ୍ଟି କରୁଛି । ଧାରାବାହିକ ଭାବେ ଭାରୀ ବର୍ଷା ହେଲେ କିରାମାହା ଠାରୁ ଗଡମା ମଧ୍ୟରେ ରହିଥିବା ପ୍ରାୟ ୧୦ଗୋଟି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା କରୁଛନ୍ତି ଅଞ୍ଚଳବାସୀ । ଜରୁରୀ କାଳୀନ ପରିସ୍ଥିତି ରେ ଆମ୍ବୁଲାନ୍ସ ସେବା ମଧ ପହଞ୍ଚି ପାରିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି ।ଏଣୁ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷ ଜରୁରୀ କାଳୀନ ଭିତ୍ତିରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଉକ୍ତ ରାସ୍ତାର ମରାମତି କରିବାକୁ ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ଆରନ୍ ନାୟକ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ଅଭିଯୋଗ

**ବ୍ରହ୍ମପୁର,୨୯/୭/ଏନ୍‌ଏନ୍‌ଏସ୍:** ମର୍ଣ୍ଣିଂ ୱାକରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ପୁଣି ସୁନା ଅଳଙ୍କାର ଝାମ୍ପି ଦୁର୍ବୃତ୍ତ ଚମ୍ପଟ ମାରିଥିବା ନେଇ ଅଭିଯୋଗ ହୋଇଛି । ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଛକ ନିକଟରେ ଘଟିଛି ଏଭଳି ଘଟଣା । ପୂର୍ବରୁ ଆମ୍ବପୁଆ ସ୍ଥିତ ଇନ୍‌କମ୍ ଟେକ୍ସ ଅଫିସ୍ ସମ୍ମୁଖରେ ଘଟିଥିବା ସମାନ ଘଟଣାରେ ପୁଲିସ୍ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଧରିନଥିବା ବେଳେ ଆଜି ଆଉ ଏକ ଘଟଣା ପୁଲିସ୍ ପାଇଁ ଚିନ୍ତାର କାରଣ ହୋଇଛି । ମହିଳାଙ୍କ ପରିଚୟ ମିଳିନଥିବା ବେଳେ ଅଭିଯୋଗ ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରୁଥିବା ଜଣାପଡିଛି । ମିଳିଥିବା ସୂଚନା ପ୍ରକାରେ ଆଜି ସକାଳ ପ୍ରାୟ ୬ଟା ସମୟରେ ଲୁଟ୍‌ର ଶିକାର ମହିଳା ଜଣକ ମର୍ଣ୍ଣିଂ ୱାକରେ ଯାଉଥିଲେ । ଆମ୍ବପୁଆ ଛକ ନିକଟରେ ମହିଳା ଜଣକ ଚାଲି ଚାଲି ଯାଉଥିବା ବେଳେ ତାଙ୍କ ପିଛା କରି ବାଇକ୍‌ରେ ଆସୁଥିବା ଦୁଇଜଣ ବ୍ୟକ୍ତି ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ଦ୍ରୁତ ଗତିରେ ପଳାଇଥିଲେ । ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ଯାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଜଣାପଡିଛି । ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ବାରମ୍ବାର ଲୁଟ୍ ଘଟଣା ଘଟାଇ ପୁଲିସ୍‌କୁ ଦୁର୍ବୃତ୍ତ ଖୋଲା ଚ୍ୟାଲେଞ୍ଜ ଦେଇଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୂର୍ବରୁ ଆମ୍ବପୁଆ ସ୍ଥିତ ଇନ୍‌କମ୍ ଟେକ୍ସ ଅଫିସ୍ ସମ୍ମୁଖରେ ଜଣେ ମହିଳାଙ୍କୁ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ । ପରେ ସମ୍ପୃକ୍ତ ମହିଳାଙ୍କ ବେକରୁ ସୁନାଚେନ ଲୁଟିନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଅଞ୍ଚଳରେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୁଲିସ୍ ତଦନ୍ତକୁ ତ୍ୱରାନ୍ୱିତ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



**ଛତ୍ରପୁର,୨୯/୭/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଛତ୍ରପୁର ସ୍ଥିତ ପୋଲିସ୍ ପ୍ୟାରେଡ୍ ପଡିଆଠାରେ ମହାସମାରୋହର ସହିତ ପାଳନ କରାଯିବ । ଏହି ଜାତୀୟ ଉତ୍ସବଟିକୁ କିଭଳି ସରସ ସୁନ୍ଦର ଭାବେ ପାଳନ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ପ୍ରସ୍ତୁତି ବୈଠକର ଅଧ୍ୟକ୍ଷତା କରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ବୈଠକରେ ପୂର୍ବ ବର୍ଷ ମାନଙ୍କରେ ଯେଉଁ ଭଳି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଚଳିତ ବର୍ଷ ମଧ୍ୟ ପ୍ରଭାତ ଫେରି ରାମଧୂନ୍ ଗାନ ପୂର୍ବକ ଛତ୍ରପୁର ସହର ପରିକ୍ରମା କରିବେ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ସ୍ୱାଧୀନତା ଦିବସ ଦିନ ସକାଳ ଘ. ୭.୩୦ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରିବେ । ପୂର୍ବାହ୍ନ ଘ.୦୮.୦୦ମି. ସମୟରେ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଏବଂ ପୂର୍ବାହ୍ନ ଘ.୯.୧୫ମି. ସମୟରେ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ୍ ପଡିଆ ଠାରେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିବେ । ଅପରାହ୍ନ ଘ.୦୩.୦୦ମି. ସମୟରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ସ୍ଥିତ ଜଉଗଡ ସମ୍ମିଳନୀ କକ୍ଷରେ ଦେଶାତ୍ମବୋଧକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଅପରାହ୍ନ ଘ.୦୪.୦୦ମି. ସମୟରେ ଛତ୍ରପୁର ସ୍ଥିତ ଖେଳ ପଡିଆ ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ଛତ୍ରପୁର ଟାଉନ୍ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସଂଧ୍ୟା ସମୟରେ ଜିଲ୍ଲା ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ୟାରେଡ୍ ଅଭ୍ୟାସ, ପ୍ୟାରେଡ୍ ପଡିଆ ପ୍ରସ୍ତୁତି, ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ସୁବିସ୍ତୃତ ଆଲୋଚନା ହୋଇଯାଇଛି ।

# ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ଆସିକା,୨୯/୭/ଏନ୍‌ଏନ୍‌ଏସ୍:** ଆସିକା ବିଚାରବିଭାଗୀୟ ଅଦାଲତରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୂପେ ଜେ.ମୋହିନୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସିକାର ଅଦାଲତରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜେ.ମୋହିନୀଙ୍କୁ ଆସିକା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସଂଘ ସଭାପତି ଅଜିତ୍ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଜର୍ଜ ମନୋଜ କୁମାର, ବରିଷ୍ଠ ଦେୱାନୀ ବିଚାରପତି ସୁକାନ୍ତକିଶୋର ଜେନା, କନିଷ୍ଠ ଦେୱାନୀ ଜର୍ଜ ଝିଲିଲୀନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏ.ଗୀତାଞ୍ଜଳୀ ନାଇଡୁ, ଦ୍ୱିତୀୟ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତୃପ୍ତି ଦାଶ, ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜେ.ମୋହିନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ଓକିଲ ସଂଘର ସଭାପତି ଅଜିତ୍ କୁମାର ଚୌଧୁରୀ ଓ ସଂପାଦକ ନାରାୟଣ ମୁନି ପ୍ରମୁଖ ଯୋଗଦେଇ ଆସିକାର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଓକିଲ ସଂଘ ପକ୍ଷରୁ ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜେ.ମୋହିନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜେ.ମୋହିନୀ ଓକିଲ ସଂଘ କାର୍ଯ୍ୟାଳୟ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆସିକା ଓକିଲ ସଂଘର ଉପସଭାପତି ଛବିଳରାମ ମିଶ୍ର, କୋଷାଧ୍ୟକ୍ଷ ରାଘବ କୁମାର ନାହାକ, ଯୁଗ୍ମ ସଂପାଦକ ସନ୍ତୋଷ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ସୁରେନ୍ଦ୍ରନାଥ ପଣ୍ଡା, ସୁଧାଂଶୁ କୁମାର ପଣ୍ଡା, ରୁଦ୍ର ପ୍ରସାଦ ମହାପାତ୍ର, ରୁଦ୍ର ପ୍ରସାଦ ପାଣିଗ୍ରାହୀ, ସରୋଜ କୁମାର ତ୍ରିପାଠୀ, ଶରତେନ୍ଦୁ ପଣ୍ଡା, ପି.ଚନ୍ଦ୍ରଶେଖର ପାତ୍ର, ପି.ଶିବଶଙ୍କର ପାତ୍ର,ଜି.ସୂର୍ଯ୍ୟପ୍ରକାଶ ରାଓ, ସଂଜୀବ କୁମାର ପାଣିଗ୍ରାହୀ, ଦ୍ୱାରିକାନାଥ ପରିଡା, ବିଦେଶୀ ନାହାକ, କେ.ବ୍ରହ୍ମାନନ୍ଦ ରାଓ, ମଧୁସ୍ମିତା ନାୟକ, ସଂଯୁକ୍ତା ପୃଷ୍ଟି, ଶିବଶଙ୍କର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ପି.ରବିନ୍ଦ୍ର କୁମାର ପାତ୍ର, ସୁଧାଂଶୁ କୁମାର ପାଣିଗ୍ରାହୀ, ପି.ଅନନ୍ତ ଶୟନମ୍, ନାରାୟଣ ବେହେରା, ମହେଶ୍ୱର ବେହେରା, ପ୍ରଭାତ କୁମାର ପାଢୀ, ପ୍ରିୟାଂଶୁ ଶେଖର ପରିଡା, ଅଜିତ୍ କୁମାର ମୁନି, ଜିତେନ୍ଦ୍ର ଆଚାରୀ, ଭି.ଖୋକନ୍ ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

**ଧାନ ତଳିରେ ବିଷାକ୍ତ ଔଷଧ ପକାଇ ଚାଷ ନଷ୍ଟ**

## ପୁଅ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ମା’



**କୁକୁଡାଖଣ୍ଡି,୨୯/୭/ଏନ୍‌ଏନ୍‌ଏସ୍:** ସଦର ଥାନା ଅନ୍ତର୍ଗତ ରୋହିଗାଁ ପଞ୍ଚାୟତ ନଳିହାଡ ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ପ୍ରତିଶୋଧ ପରାୟଣ ହୋଇ ଜଣେ ପୁଅ ମାଆଙ୍କ ଦ୍ୱାରା ହୋଇଥିବା ଧାନ ଚାଷକୁ ଘାଷ ମରା ଔଷଧ ପକାଇ ନଷ୍ଟ କରିଥିବା ନେଇ ଅଭିଯୋଗ ହୋଇଛି । ନଳିହାଡ ଗ୍ରାମର ବାବୁଲା ନାମକ ବ୍ୟକ୍ତି ଏଭଳି କାଣ୍ଡ ଘଟାଇଥିବା ନେଇ ତାଙ୍କ ମାଆ ସୁଦକ୍ଷା ଜେନା ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ମାଆ ସୁଦକ୍ଷା ପ୍ରାୟ ଏକର ଏକର ଜମିରେ ଚଳିତ ବର୍ଷ ଖରିପ ଋତୁରେ ଧାନ ଚାଷ କରିଛନ୍ତି । ତେବେ ସାନ ପୁଅ ବାବୁଲା ଜମି ଭାଗବଣ୍ଟାକୁ ନେଇ ପୂର୍ବରୁ ଅଭିମାନ କରିଥିବା ବେଳେ ବର୍ତ୍ତମାନ ମାଆ ଚାଷ କରିଥିବା ଧାନ କ୍ଷେତରେ ପ୍ରତିଶୋଧ ପରାୟଣ ହୋଇ ବିଷାକ୍ତ ଘାସ ମରା ଔଷଧ ପକାଇ ଚାଷ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ବାବୁଲା ବିଷାକ୍ତ ଔଷଧ ପକେଇବା ସମୟରେ ଗ୍ରାମର କିଛି ମହିଳା ଓ ପୁରୁଷ ମଞ୍ଜୁଳା ବିଷୋୟୀ, ନମିତା ଗୌଡ଼, ବୁଦ୍ଧିଆ ପଳେଇ, ସୁଶାନ୍ତ ଜେନା ସହ ବହୁ ମହିଳା ଦେଖିଥିବା ପ୍ରକାଶ କରିଛନ୍ତି । ଖବର ପାଇ ସୁଦକ୍ଷା ଚାଷ ଜମିରେ ପହଞ୍ଚିଥିଲେ । ସାନ ପୁଅ ବାବୁଲା ନାମରେ ସଦର ଥାନା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ମଙ୍ଗଳବାର ସକାଳେ ସଦର ଥାନା ପୁଲିସ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଦୀର୍ଘ ୨୫ ବର୍ଷ ଧରି ସାନପୁଅ ବାବୁଲା ମାନସିକ ନିର୍ଯାତନା ଦେଇଆସୁଥିବା ନେଇ ମା ସୁଦକ୍ଷା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ପୁଅ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିବା ଜଣାପଡ଼ିଛି ।

## ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଶିବିର




**ଆସିକା,୨୯/୭/ଏନ୍‌ଏନ୍‌ଏସ୍:** ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆଜି ଆମ କଲେଜ ଆମ ଗୌରବ କାର୍ଯ୍ୟକ୍ରମ ଅଧୀନସ୍ଥ ପ୍ଲାଷ୍ଟିକମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସରୋଜ କୁମାର ଜେନା, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପିକା ଡ. ନନ୍ଦିତା ଦାଶ, ଆମ କଲେଜ ଆମ ଗୌରବ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଡ. କେ.ଓମ୍ ନାରାୟଣ ରାଓ, ଶିକ୍ଷାନୁଷ୍ଠାର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ତଥା ଅଧ୍ୟାପିକା ଡ. ଜୟପ୍ରଦା ମହାପାତ୍ର, ଯୁବ ରେଡକ୍ରସର ସଂଯୋଜିକା ଅଧ୍ୟାପିକା ଡ. ଲୀନା ଲିଲିୟାନ୍, ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ମାଝୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରଶିକ୍ଷିକା ଡ. ସୁପ୍ରିୟା ଦାଶ ପ୍ରମୁଖ ଯୋଗ ଦେଇଥିଲେ । ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ପ୍ଲାଷ୍ଟିକ୍ ଓ ପଲିଥିନ୍ ହୋଇଥିବା ବେଳେ ଅଧିକାଂଶ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁଁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେଉଥିବା ନେଇ ଅତିଥିମାନେ କହିଥିଲେ । ପରିବେଶ ନଷ୍ଟ ହେଉଥିବାରୁ ଦିନକୁ ଦିନ ଅନେକ ପ୍ରଜାତିର ପକ୍ଷୀ ଲୋପ ପାଇଗଲେଣି । ପୂର୍ବପରି ଘରଚଟିଆ, ଶଙ୍ଖଚିଲ୍ଲ ହୁଅନ୍ତୁ କି ଶାଗୁଣା ପକ୍ଷୀ ପ୍ରାୟତଃ ଦେଖିବାକୁ ମିଳୁନାହିଁ । ପରିବେଶ ସହ ଖାପ ଖୁଆଇ ନପାରି ଅନେକ ଜୀବ ଏହି ଧରାପୃଷ୍ଠରୁ ଦିନକୁ ଦିନ ଲୋପ ପାଇବାରେ ଲାଗିଛନ୍ତି । ତେଣୁ ସମସ୍ତେ ମିଳିମିଶି ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ କଲେଜ କ୍ୟାମ୍ପସକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜୁଆ ଆଡ୍ଡାରୁ ୧ ଲକ୍ଷ ୬୫ ହଜାର ଜବତ, ୧୦ ଗିରଫ


**ଛତ୍ରପୁର,୨୯/୭/ଏନ୍‌ଏନ୍‌ଏସ୍:** ଛତ୍ରପୁର ଥାନା ପୋଲିସ୍ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢଉ ହୋଇଛି । ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଏଏସଆଇ ସବିତା ଖୁଣ୍ଟିଆ ଥାନା କର୍ମଚାରୀଙ୍କ ସହ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଛତ୍ରପୁର ସ୍ଥିତ ପଞ୍ଚ ନାୟକ କଲୋନୀରେ ଜୁଆ ଆଡ୍ଡା ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଖବର ପାଇବା ମାତ୍ରେ ଶ୍ରୀମତୀ ଖୁଣ୍ଟିଆ ତାଙ୍କ ସହ ଉକ୍ତ ଜୁଆ ଆଡ୍ଡା ଉପରେ ଚଢଉ କରିଥିଲେ । ଚଢଉ ବେଳେ ୧୦ ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ୧ ଲକ୍ଷ ୬୫ ହଜାର ୧୫୦ ଟଙ୍କା ସହ ଦୁଇ ବାଇକ୍ ଓ ୧୦ ମୋବାଇଲ ଫୋନ, ତାସ୍ କାଟା ଆଜି ଜବତ ହୋଇଥିବା ନେଇ ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି । ଛି । ଏ ସଂକ୍ରାନ୍ତରେ କେସ୍ ନମ୍ବର ୪୯୯/୨୫ ଏକ ମାମଲା ରୁଜୁ ହୋଇଛି ।

## ହାଣ୍ଡିଘର ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ ଗିରଫ



**ପୁରୁଷୋତ୍ତମପୁର,୨୯/୭/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ହାଣ୍ଡିଘର ଗ୍ରାମରେ ଗତକାଲି ରାତିରେ ଗାଁ ଦାଣ୍ଡରେ ହୋଇଥିବା ଚାରିଜଣଙ୍କୁ ଆକ୍ରମଣ ଘଟଣାରେ ପୁଲିସକୁ ମିଳିଛି ସଫଳତା । ଗୋଟିଏ ଖଣ୍ଡା ସହ ତିନି ଜଣଙ୍କୁ ଗିରଫ କରିଛି ପୁଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଚରଣ ମହାନ୍ତି, ସାନ୍ତୁନୁ ମହାନ୍ତି, କର୍ଣ୍ଣ ମହାନ୍ତି । ସମସ୍ତେ ଗୋଟିଏ ପରିବାରର ବାପା ଓ ଦୁଇ ପୁଅ ବୋଲି ଜଣାପଡିଛି । ଜମିଜୁମା ବିବାଦକୁ କେନ୍ଦ୍ରକରି ଗତ ରାତିରେ କର୍ଣ୍ଣ ଓ ତାଙ୍କ ଦୁଇ ପୁଅ ଗୋଟିଏ ଖଣ୍ଡାରେ ସମ୍ପର୍କୀୟ ଭାଗିରଥି ମହାନ୍ତି, ଗୋପାଳ ମହାନ୍ତି, କାହ୍ନୁ ମହାନ୍ତି ଏବଂ ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସମସ୍ତେ ଗୁରୁତର ହୋଇଥିବା ବେଳେ ଚିକିତ୍ସା ନିମନ୍ତେ ପ୍ରଥମେ ପୁରୁଷୋତ୍ତମପୁର ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ । ବର୍ତ୍ତମାନ ତିନି ଜଣ ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଆକ୍ରମଣକାରୀ ଏବଂ ଗୁରୁତର ସମସ୍ତେ ଗୋଟିଏ ପରିବାର । ସେମାନଙ୍କ ମଧ୍ୟରେ ଜମି ଜୁମା ବିବାଦକୁ କେନ୍ଦ୍ରକରି ଦୀର୍ଘ ବର୍ଷ ଧରୀ ଲାଗି ରହିଥିବା ବିବାଦ କେନ୍ଦ୍ରକରି ଏଭଳି କାଣ୍ଡ ଘଟାଇଥିଲେ ବୋଲି ପୁରୁଷୋତ୍ତମପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୁଜିତ କୁମାର ନାୟକ ସୂଚନା ଦେଇଥିଲେ ।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଜନଅସନ୍ତୋଷ ବୃଦ୍ଧି



**ଆସିକା,୨୯/୭/ଏନ୍‌ଏନ୍‌ଏସ୍:** ଆସିକା ଏନ୍‌ଏସି ଅଧୀନସ୍ଥ ବ୍ୟସ୍ତବହୁଳ ବିନାୟକ ବଜାର ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଓ ଉଦାସୀନ ମନୋବୃତ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆସିକା ଏନ୍‌ଏସି ଅଧୀନସ୍ଥ ୧୮ଟି ୱାର୍ଡର ପ୍ରାୟ ଶତାଧୀକ ସାହିବସ୍ତିର ସଫେଇ ଦାୟିତ୍ୱ ଘରୋଇ ସଂସ୍ଥା ଉପରେ ନ୍ୟସ୍ତ କରାଯାଇଥିଲା ବେଳେ ବ୍ୟସ୍ତବହୁଳ ବିନାୟକ ବଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ପ୍ରତ୍ୟୁଷରୁ ପୂର୍ବାହ୍ନ ପ୍ରାୟ ୯ ଘଟିକା ପର୍ଯ୍ୟନ୍ତ କୁଢକୁଢ ଆବର୍ଜନା ରାସ୍ତାପାର୍ଶ୍ୱରେ ଜମାଟ ବାନ୍ଧି ପଡିରହୁଥିଲେ ମଧ୍ୟ ପଥଚାରୀମାନଙ୍କ ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସେଗୁଡିକୁ ତ୍ୱରିତ୍ ଅପସାରଣ କରିବା ଦିଗରେ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ଆସିକା ସହରର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା କାର୍ଯ୍ୟର ତଦାରଖ କରିବା ଲାଗି ଦାୟିତ୍ୱରେ ଥିବା କେତେକ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଓ ଉଦାସୀନ ମନୋବୃତ୍ତି ସାଙ୍ଗକୁ ଅନ୍ୟ କେତେକ କର୍ମଚାରୀଙ୍କ ଲୋକ ଦେଖାଣିଆ ଫଟୋଉଠା ନୀତି ଯୋଗୁଁ କେତେକ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡକୁ ଗତି କରୁଛି ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି । ଆସିକା ଏନ୍‌ଏସିର ବିଭିନ୍ନ ସାହିବସ୍ତିରୁ ଅଳିଆ ଆବର୍ଜନା ସଫେଇ ସାଙ୍ଗକୁ ଅନ୍ୟାନ୍ୟ ସ୍ୱଚ୍ଛତା କାର୍ଯ୍ୟ ପାଇଁ ଘରୋଇ ଏଜେନ୍ସିକୁ ମାସିକ ଲକ୍ଷ ଲକ୍ଷ ଟଙ୍କା ଦିଆଯାଉଥିଲେ ମଧ୍ୟ ସଠିକ୍ ଭାବେ କାର୍ଯ୍ୟ ସଂପାଦନ ହେଉନଥିବା ଅଭିଯୋଗ ହେଉଛି । ଯାହାରି ଫଳରେ ପରିବେଶ ଦୂଷିତ ଓ ଆବର୍ଜନାମୟ କେତେକ ଅଞ୍ଚଳରେ ହେବାରେ ଲାଗିଛି । ଆସିକା ଏନ୍‌ଏସି ଅଧୀନସ୍ଥ ୧୩ ନମ୍ବର ୱାର୍ଡର ବିନାୟକ ବଜାର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ସତ୍ୟ ନାରାୟଣ ମନ୍ଦିରର ମୁଖଶାଳା ନିକଟରେ ଘଣ୍ଟା ଘଣ୍ଟା ଧରି କୁଢ କୁଢ ଅଳିଆ ଆବର୍ଜନା ଜମାଟ ବାନ୍ଧି ପଡିରହୁଥିବାରୁ ଏହା ଡେଙ୍ଗୁ ଓ ମ୍ୟାଲେରିଆ ରୋଗକୁ ଆମନ୍ତ୍ରଣ କରିବାରେ ବେଶ୍ ସହାୟକ ହେବ ବୋଲି ସଚେତନ ନାଗରିକ ମହଲରେ ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ସହରର ବ୍ୟସ୍ତବହୁଳ ବିନାୟକ ବଜାର ଅଞ୍ଚଳରେ ଲାଗି ରହିଥିବା ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି ।

## କିଶୋରି ବାଳିକା ଶିକ୍ଷା ଆଲୋଚନାଚକ୍ର



**ବୁଗୁଡ଼ା,୨୯/୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭାମଶିଆଳି ସରକାରୀ ଉଚ୍ଚ ବିଦ୍ୟାଳୟ ର ସଭା କକ୍ଷ ଠାରେ ସମଗ୍ର ଶିକ୍ଷା ଅଭିଯାନ ର ମିଳିତ ସହଯୋଗ ରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ଡାକ୍ତରଖାନା ର ଡାକ୍ତର ଚିନ୍ମୟୀ ସାମନ୍ତରା ଓ ଡାକ୍ତର ପଦରାବିନ୍ଦ୍ ଷଡ଼ଙ୍ଗୀ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ । କିଶୋରି ବାଳିକାଙ୍କ ବୌଦ୍ଧିକ , ମାନସିକ ଓ ଶାରିରୀକ ଶିକ୍ଷା ର ବିକାଶ ଉପରେ ଗୁରୁତ୍ୱ ଦେବା ସହ ସୁସ୍ଥ ସଭ୍ୟ ସମାଜ ଗଠନ ରେ କିଶୋରି ଙ୍କ ଅବଦାନ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯକ୍ରମ ରେ କିଶୋରୀମାନେ ଯୋଗଦାନ କରିଥିଲେ । ଏହି ଆଲୋଚନା ଚକ୍ର ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଜି. ନାଗେଶ୍ୱର ରାଓ ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ପିତବାସ ସାହୁ ସ୍ୱାଗତ ତଥା କାର୍ଯକ୍ରମ ର ଲକ୍ଷ ଓ ଉଦ୍ଦ୍ୟେଶ୍ ଉପରେ ଆଲୋକପାତ କରିଥିଲେ । ଉକ୍ତ ଆଲୋଚନା ଚକ୍ର କୁ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନ , ସୁଜିତ୍ କହଁର ଓ କ୍ରୀଡା ଶିକ୍ଷକ ଲକ୍ଷ୍ମଣ କୁମାର ବେହେରା ପରିଚାଳନା କରିଥିବା ବେଳେ ସୁବଳ କହଁର ଧନ୍ୟବାଦ ଅର୍ପଣ କରିଥିଲେ । ଡାକ୍ତର ସାମନ୍ତରା ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।

**ନିତି ଭାରତୀ** | ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରି ନେବା ଏବଂ ପସନ୍ଦ କରିବାର ମାନସିକତା । - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ବୁଧବାର, ୩୦ ଜୁଲାଇ, ୨୦୨୫

# ଗଣତନ୍ତ୍ର, ଆଡ଼ମ୍ବର ଓ ଅହଙ୍କାର



**ଛାୟାକାନ୍ତ ଷଡ଼ଙ୍ଗୀ**

ରାଜତନ୍ତ୍ରରେ ରାଜାଙ୍କ ଜୀବନ ଥିଲା ଆଡ଼ମ୍ବରପୂର୍ଣ୍ଣ । ରାଜା ନିଜକୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ବିବେଚନା କରୁଥିଲେ । ରାଜା ଓ ପ୍ରଜାଙ୍କ ମଧ୍ୟରେ ଥିଲା ଏକ ବିରାଟ ପ୍ରାଚୀର । ରାଜାଙ୍କ ସ୍ଥାନ ଥିଲା ସର୍ବଦା ଉଚ୍ଚରେ । ମାତ୍ର ଗଣତନ୍ତ୍ରରେ ଶାସକ ଓ ଶାସିତ ମଧ୍ୟରେ କୌଣସି ଦୂରତା ନଥାଏ । ଗଣତନ୍ତ୍ର ସମାନତା ଉପରେ ଆଧାରିତ । ଗଣ ହିଁ ଶାସକ ଚୟନ କରେ । ନିର୍ବାଚନ ସମୟରେ ବିଧାୟକ/ସାଂସଦ ପ୍ରାର୍ଥୀମାନେ ନିରାଡ଼ମ୍ବର ଭାବେ ଗାଁ, ସହର ସର୍ବତ୍ର ଦ୍ୱାରକୁ ଦ୍ୱାର ବୁଲି ଭୋଟ୍ ଭିକ୍ଷା କରନ୍ତି । ସେତେବେଳେ ସେମାନେ ଅତ୍ୟନ୍ତ ନମ୍ର ଓ ଭଦ୍ର ବ୍ୟବହାର ପ୍ରଦର୍ଶନ କରନ୍ତି । ଭୋଟରମାନଙ୍କୁ ହାତ ଯୋଡ଼ି ନମସ୍କାର କରନ୍ତି । ମାତ୍ର ନିର୍ବାଚନ ଜିଣି ସାରିବା ପରେ ଦୃଶ୍ୟପଟ ବଦଳି ଯାଏ । ଆରମ୍ଭ ହୁଏ ରାଜକୀୟ ଥାଟ । ତା' ପରେ ସେମାନଙ୍କୁ ଆଉ ଜନସାଧାରଣଙ୍କୁ ନମସ୍କାର କରିବାକୁ ପଡ଼େନାହିଁ । ଜନସାଧାରଣ ନିର୍ବାଚନ ପୂର୍ବରୁ ପାଇଥିବା ଗୋଟିଏ ନମସ୍କାର ପ୍ରତିଦାନରେ ପାଞ୍ଚ ବର୍ଷ ଧରି ଶତାଧିକ ଥର ନମସ୍କାର କରନ୍ତି । ତା' ପରେ ପ୍ରମାଣିତ ହୁଏ ସମସ୍ତେ ସମାନ, ହେଲେ ଶାସକମାନେ ଅନ୍ୟମାନଙ୍କଠାରୁ ବେଶୀ ସମାନ (All are equal, but some are more equal than others- George Orwell) ।

ଗଣଦ୍ୱାରା ନିର୍ବାଚିତ ସରକାର ଗଣ ପାଇଁ ହିତକର କାର୍ଯ୍ୟ କରିବା ସ୍ୱାଭାବିକ କଥା । ସରକାର ଯେଉଁସବୁ ହିତକର କାର୍ଯ୍ୟ କରନ୍ତି, ତାହା ଗଣଠାରୁ ସଂଗୃହୀତ ବିଭିନ୍ନ ଟିକସ ଅର୍ଥରେ ହିଁ ସଂପାଦିତ ହୋଇଥାଏ । ଜାତୀୟ ରାଜପଥ ନିର୍ମିତ ହୁଏ । ତା' ପରେ ଟୋଲ୍‌ଗେଟ୍ ସ୍ଥାପନ କରି ଜନସାଧାରଣଙ୍କ ପାଖରୁ ଟିକସ ଆଦାୟ କରି ସମସ୍ତ ଖର୍ଚ୍ଚ ପୂରଣ କରାଯାଏ । ସ୍କୁଲ, କଲେଜ, ଗାଁ, ସହର- ସର୍ବତ୍ର ଯେଉଁସବୁ ପୋଲ, କୋଠା ଆଦି ନିର୍ମାଣ କରାଯାଏ, ସେଥିରେ ସାଂସଦ ବା ବିଧାୟକଙ୍କ ବ୍ୟକ୍ତିଗତ ଧନ ବ୍ୟୟିତ ହୁଏନାହିଁ । ମାତ୍ର ନିର୍ମାଣ ସରିଲେ ସେମାନେ ହିଁ ଶ୍ରେୟ ନେଇ ବ୍ୟୟବହୁଳ ଉଦ୍‌ଘାଟନ ସଭା କରନ୍ତି । ଫଳକରେ ନିଜ ନାମଟି ଅନ୍ତର୍ଭୁକ୍ତ କରନ୍ତି । ଅଥଚ ଯେଉଁମାନଙ୍କ କାରିଗରୀ କୌଶଳ ଓ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ସେସବୁ ସମ୍ଭବ ହୋଇଥାଏ, ସେମାନଙ୍କ କଥା କେହି ମନେ ପକାନ୍ତି ନାହିଁ । ଆମେରିକାର ସାନ୍ ଫ୍ରାନ୍‌ସିସ୍କୋ ସହରରେ ଗୋଟିଏ ନଦୀ ଉପରେ ଅଛି ଏକ ବିରାଟ ଝୁଲାପୋଲ । ତା'ର ନାଁ ହେଉଛି ଗୋଲଡେନ୍ ଗେଟ୍ ବ୍ରିଜ୍ । ଇଞ୍ଜିନିୟର ଜୋସେଫ୍ ବି ଷ୍ଟ୍ରସ୍‌ଙ୍କ ବୁଦ୍ଧି ଓ କୌଶଳରେ ଏହା ନିର୍ମିତ ହୋଇଥିବାରୁ ସେଠାରେ ତାଙ୍କର ଓ ତାଙ୍କ ସହଯୋଗୀମାନଙ୍କ ନାମ ଫଳକରେ ଖୋଦିତ ହୋଇଛି । ଏଭଳି ଚିତ୍ର ଭାରତରେ ଦେଖିବାକୁ ମିଳେନାହିଁ । ଭାରତୀୟ ଗଣତନ୍ତ୍ରରେ ସମସ୍ତ ଶ୍ରେୟ ବିଧାୟକ/ସାଂସଦ/ମନ୍ତ୍ରୀମାନଙ୍କର । ସବୁ ଫଳକରେ ଥାଏ ସେମାନଙ୍କ ନାମ ।

ସାଧାରଣ ଜୀବନରୁ ଆସିଥିବା ଲୋକେ ଏବେ ଶାସନ କଲେଣି, କିନ୍ତୁ ରାଜତନ୍ତ୍ରର ବିଳାସ ଯାଇନାହିଁ । ନେତାମାନଙ୍କ ଆଗମନ ସମୟରେ ଯେପରି ବାଦ୍ୟଯନ୍ତ୍ରର ବିକଟ ଧ୍ୱନି ଓ ନୃତ୍ୟ ମଧ୍ୟରେ ବ୍ୟୟବହୁଳ ଓ ଭଡ଼ାଟିଆ ସମର୍ଥକମାନଙ୍କ ଗହଣରେ ସମ୍ବର୍ଦ୍ଧନା ଦିଆଯାଉଛି, ତାହା ଦିନେ ରାଜତନ୍ତ୍ରରେ ମଧ୍ୟ ହେଉ ନଥିଲା । ଅତୀତରେ ରାଜା ରଥରେ ଗଲାବେଳେ ଯେପରି ମହାଡ଼ମ୍ବରରେ ପାତ୍ରମନ୍ତ୍ରୀ, ପାରିଷଦବର୍ଗଙ୍କ ଗହଣରେ ଯାଉଥିଲେ, ଆଜି ବି ଗଣତନ୍ତ୍ରର ଶାସକମାନେ ନିଜର ଅନୁଚରବର୍ଗ ଓ ଅଧୀନସ୍ଥ କର୍ମଚାରୀମାନଙ୍କ ଗହଣରେ ଯାଉଛନ୍ତି । ରଥ ସିନା ନାହିଁ, ତା'ର ଆକୃତି ବଦଳି ମୂଲ୍ୟବାନ କାର୍ ହୋଇଛି । ପୂର୍ବେ ଗଳାରେ ଫୁଲମାଳ ଦେଇ ରାଜାଙ୍କୁ ଅଭ୍ୟର୍ଥନା କରାଯାଉଥିଲା । ଏବେ ଆଉ ଗଳାରେ ଫୁଲମାଳ ଦିଆଯାଉ ନାହିଁ । ତିଆରି ହେଉଛି ହଜାର ହଜାର ଟଙ୍କା ବ୍ୟୟରେ ନିର୍ମିତ ଖୁବ୍ ମୋଟା ଓ ବିରାଟ ଫୁଲମାଳ । ନେତାମାନଙ୍କ ଅନୁଚରବର୍ଗ ତାକୁ ଟେକି ଧରୁଛନ୍ତି ଓ ନେତାମାନେ ଅର୍ଦ୍ଧବୃତ୍ତାକାର ଭଙ୍ଗୀରେ ଟେକି ଧରା ହୋଇଥିବା ଫୁଲମାଳ ପଛରେ ଠିଆହୋଇ ମୁଣ୍ଡଟିକୁ




ଫୁଲମାଳ ମଝିରେ ଗଳେଇ ସମ୍ବର୍ଦ୍ଧିତ ହେଉଛନ୍ତି । ଏଭଳି ଭବ୍ୟ ସମ୍ବର୍ଦ୍ଧନା ନେବା ପାଇଁ କେହି କେବେ ଅନିଚ୍ଛା ପ୍ରକାଶ କରି ନାହାନ୍ତି, ବରଂ ଏହା ପ୍ରାକ୍-ପ୍ରାୟୋଜିତ କାର୍ଯ୍ୟକ୍ରମ ହୋଇଥାଏ ।

ଆଜିକାଲି ଯେ କୌଣସି ସରକାର ଆସିଲେ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳିତ ହେଉଛି । ବର୍ଷକ ମଧ୍ୟରେ କରିଥିବା କୀର୍ତ୍ତିକୁ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହେଉଛି । ଏଥି ପାଇଁ କୋଟି କୋଟି ଟଙ୍କା ବ୍ୟୟିତ ହେଉଛି । ସରକାର କ'ଣ ସବୁ କରନ୍ତି, ତାହା ଜନସାଧାରଣ ତ ଜାଣିଥାନ୍ତି, ତାକୁ ପୁଣି ଗାନ କରିବା ପାଇଁ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାର କୌଣସି ଯଥାର୍ଥ୍ୟ ନାହିଁ । ସେହି ଅର୍ଥ ଅନ୍ୟ ଜନହିତକର କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା । ଏହି ପ୍ରକାର ପ୍ରଚାର ଉତ୍ସବ କେବଳ ସରକାରଙ୍କ ଅହଙ୍କାର ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ । ଏ ପ୍ରକାର କାର୍ଯ୍ୟକ୍ରମ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ସୀମିତ ହୋଇ ରହିନାହିଁ । ପ୍ରାୟ ସବୁ ରାଜନୈତିକ ଦଳ ଏହି ବ୍ୟାଧି ଦ୍ୱାରା ପୀଡ଼ିତ । ପୁନଶ୍ଚ, ଅତୀତରେ ଯେତେବେଳେ ଯୋଗ୍ୟ ମେଧାବୀ ଛାତ୍ରଛାତ୍ରୀ ଚାକିରି ପାଉଥିଲେ, ସରକାର ସେମାନଙ୍କୁ ନିଯୁକ୍ତି ପତ୍ର ପଠାଉ ଥିଲେ ଓ ସେମାନେ ସିଧାସଳଖ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗ ଦେଉଥିଲେ । ଆଜିକାଲି ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ସରକାର ନିଜ ହାତରେ ନିଯୁକ୍ତି ପତ୍ର ବାଣ୍ଟି ପ୍ରଚାର କରିବାକୁ ଚାହୁଁଛନ୍ତି ଯେ ସେମାନେ ନିଯୁକ୍ତି ଦେଇ ଦେଶରେ ବେକାରୀ ସମସ୍ୟା ସମାଧାନ କରୁଛନ୍ତି । ସତେ ଯେପରି ଏହା ସେମାନଙ୍କ ଦୟା । ଏହା ଅହଙ୍କାରର ଏକ ବିକଟ ପ୍ରଦର୍ଶନ । ମନେପଡ଼େ ଏକ କ୍ଷୁଦ୍ର କାହାଣୀ । ଦୁଇ ପହର ବେଳ । ଭିକାରିଟିଏ ଦୁଆରେ ଭିକ ମାଗୁଥାଏ । ବୋହୂ ବାହାରି ଆସି କହିଲା, 'ଆଜି ଘରେ ଚାଉଳ ନାହିଁ, କାଲି ଆସ ।' ଶାଶୂ ଶୁଣି ପକେଇଲେ । ସେ ସଙ୍ଗେ ସଙ୍ଗେ ବାହାରି ଆସି ଭିକାରିକୁ କହିଲେ, 'କାହିଁକି ଚାଲି ଯାଉଛ ?' ଭିକାରି କହିଲା, 'ବୋହୂ କହିଲେ, ଆଜି ଚାଉଳ ନାହିଁ କାଲି ଆସ ।' ଶାଶୂ କହିଲେ, 'ସେ କିଏ ଏ କଥା କହିବାକୁ ? ମାଲିକାଣୀ ମୁଁ । ବର୍ତ୍ତମାନ ମୁଁ କହୁଛି, ଆଜି ଚାଉଳ ନାହିଁ କାଲି ଆସ ।' ଠିକ୍ ସେହିପରି ମନ୍ତ୍ରୀମାନେ କହୁଛନ୍ତି, 'ବିଭାଗୀୟ ନିର୍ଦ୍ଦେଶକ କିଏ ? ସରକାର ଆମେ । ଏଣୁ ନିଯୁକ୍ତି ପତ୍ର ଆମେ ବାଣ୍ଟିବୁ ।'

ପ୍ରତ୍ୟେକ ସରକାର କ୍ଷମତାରେ ଥିବାବେଳେ କହୁଛନ୍ତି ଆମେ ବିକାଶ କରୁଛୁ । ସେହି ତଥାକଥିତ ବିକାଶର ଚିତ୍ର ବଖାଣି ପୁଣି କିପରି କ୍ଷମତା ହାସଲ କରିହେବ, ସେଥିପାଇଁ ଉଦ୍ୟମ କରୁଛନ୍ତି । ଦେଶର ହିତ କରିବା ପାଇଁ ସେମାନେ ରାଜନୀତିକୁ ଆସିଛନ୍ତି ବୋଲି କହନ୍ତି । ମାତ୍ର କ୍ଷମତାସୀନ ହେବା ପରେ ସେମାନେ ଭାବି ନିଅନ୍ତି, ସେମାନେ ନିଜର ଯୋଗ୍ୟତା ବଳରେ ସେଠାରେ ପହଞ୍ଚିଛନ୍ତି । ତା' ପରେ ଆରମ୍ଭ ହୁଏ ଅହମିକା ପ୍ରଦର୍ଶନ । ଥରେ ଜଣେ ଯୁବନେତା ବିଶିଷ୍ଟ ଲେଖକ ମନୋଜ ଦାସଙ୍କୁ କହିଲେ, କ୍ଷମତାର ଯାଦୁ ଏପରି, ସେ ଅଚିରେ ମୂଳ ଉଦ୍ଦେଶ୍ୟ ଭୁଲାଇ ଦିଏ ଓ ମଣିଷ ଗର୍ବବୋଧ ଦ୍ୱାରା ଆକ୍ରାନ୍ତ ହୋଇ ବିବେକଠାରୁ ଦୂରେଇ ଯାଏ । ମନୋଜ ଦାସ କହିଲେ, 'ଗର୍ବ ବା ଅହଂବୋଧ କ୍ଷମତାରେ ନଥାଏ, ଥାଏ ଆମ ଚେତନାରେ । କ୍ଷମତା ତା'ର ପରିପ୍ରକାଶ ଦିଗରେ ସୁଯୋଗ ଦିଏ । କ୍ଷମତା ଅହଂର ହେତୁ ନୁହେଁ କି ସ୍ରଷ୍ଟା ନୁହେଁ । କ୍ଷମତାରେ ଥାଇ ଗର୍ବରୁ ଦୂରେଇ ରହିବା ସମ୍ଭବ ଯଦି ଜୀବନରେ ମହତ୍ତର ଲକ୍ଷ୍ୟ ଥାଏ ।' ଏହି ପ୍ରସଙ୍ଗରେ ସେ ଆରବ୍ୟ ରଜନୀର ଏକ କାହାଣୀ ମନେ ପକାଇ ଦେଇଛନ୍ତି ।

ଜଣେ ସାଧୁ ଭଗବାନଙ୍କଠାରୁ ଏକ ବର ପାଇଥିଲେ, ସିଏ ଯୁଆଡ଼େ ଯିବେ, ତାକୁ ଖରାରୁ ରକ୍ଷା କରିବା ପାଇଁ ଖଣ୍ଡେ ମେଘ ତାଙ୍କ ମୁଣ୍ଡ ଉପରେ ଭାସୁଥିବ । ଲୋକେ ତାଙ୍କୁ ଡାକୁଥିଲେ ମେଘର ମୁନିବ । ଏହି ଡାକ ଶୁଣି ସାଧୁ ଜଣକ ପୁଲକିତ ହେଲେ । କ୍ରମେ ତାଙ୍କର ଗର୍ବ ହେଲା ଓ ସେ ଭାବିନେଲେ ଭଗବାନ ତାଙ୍କ ଭକ୍ତିରେ ଅଭିଭୂତ ହୋଇ ସିନା ଏହି ବରଟି ଦେଇଛନ୍ତି । ସାଧୁଙ୍କ ଗର୍ବଭାବ ଜାଣିପାରି ଭଗବାନ ମେଘ ଖଣ୍ଡିକ ପ୍ରତ୍ୟାହାର କରିନେଲେ । ସାଧୁ ନିଜର ଭୁଲ୍ ବୁଝିଲେ, ଅନୁତାପ କଲେ ଓ ବରଟିକୁ ପୁଣି ଫେରାଇ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ଭଗବାନ କହିଲେ, 'ଜଣେ ଗର୍ବଶୂନ୍ୟ ବ୍ୟକ୍ତି ଯଦି ତୁମ ତରଫରୁ ପ୍ରାର୍ଥନା କରନ୍ତି, ତୁମେ ପୁଣି ମେଘ ଖଣ୍ଡିକ ଫେରି ପାଇବ । ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ସେହି ରାଜ୍ୟର ରାଜା ।' ସାଧୁ ଚାଲିଲେ ସେହି ରାଜାଙ୍କୁ ଭେଟିବା ପାଇଁ । ରାଜଦ୍ୱାର ରକ୍ଷୀ କହିଲା, 'ରାଜା ସପ୍ତାହକୁ ଥରେ ଲୋକଙ୍କ ଗୁହାରି ଶୁଣନ୍ତି । ଆଜି ସେଦିନ ଥିଲା । ଏବେ ସମୟ ଗଡ଼ି ଗଲାଣି । ପୁଣି ଆସନ୍ତା ସପ୍ତାହକୁ ଆସନ୍ତୁ ।' ପର ସପ୍ତାହରେ ସାଧୁ ରାଜାଙ୍କୁ ସାକ୍ଷାତ କରନ୍ତେ ରାଜା ତାଙ୍କୁ ସ୍ୱାଗତ କଲେ ଓ ଅନ୍ୟ ସମସ୍ତଙ୍କ ଗୁହାରି ଶୁଣିସାରି ତାଙ୍କୁ ବିଶାଳ ରାଜପ୍ରାସାଦର ବାହାରେ ଥିବା ଏକ ନିର୍ଜନ ଅଞ୍ଚଳକୁ ନେଇଗଲେ । ସେଠି ଥାଏ ଏକ ଛୋଟ କୁଡ଼ିଆ । ରାଜାଙ୍କ ସହ ସାଧୁଙ୍କୁ ପାଛୋଟି ନେଲେ ସାଧାରଣ ବସ୍ତ୍ର ପରିହିତା ରାଣୀ । ସ୍ୱୟଂ ରାଜା ରାଜକୀୟ ବସ୍ତ୍ର ଉତାରି ସାଧାରଣ ବସ୍ତ୍ର ପିନ୍ଧିଲେ । ରାଜାରାଣୀ ସାଧୁଙ୍କୁ ପରଷି ଦେଲେ ଅତି ସାଧାରଣ ଖାଦ୍ୟ ।

ରାଜାଙ୍କ ଗର୍ବଶୂନ୍ୟ ବ୍ୟବହାର ଓ ସାଧାରଣ ଜୀବନଶୈଳୀ ଦେଖି ସାଧୁ ସ୍ତମ୍ଭୀଭୂତ ହେଲେ । ଏତେ ଐଶ୍ୱର୍ଯ୍ୟ ଓ କ୍ଷମତାର ଅଧିକାରୀ ଜଣେ ରାଜା ଏତେ ଅହମିକାଶୂନ୍ୟ ହୋଇପାରେ, ତାହା ସାଧୁଙ୍କ କଳ୍ପନା ବାହାରେ ଥିଲା । ସାଧୁ ଏ ପ୍ରକାର ଜୀବନଶୈଳୀର କାରଣ ପଚାରନ୍ତେ ରାଜା କହିଲେ, 'ବାଲ୍ୟକାଳରୁ ଈଶ୍ୱର ସନ୍ଧାନ କରିବା ଥିଲା ମୋର ଇଚ୍ଛା । ମୁଁ ଗୃହତ୍ୟାଗ କରି ଜଣେ ସାଧୁ ହେବାକୁ ଚାହିଁଥିଲି । ମାତ୍ର ବୟସ ବଢ଼ିବା ପରେ ମୁଁ ଭାବିଲି, ମୁଁ ଘରେ ରହି ଏକ ସାଧୁ ଭଳି ଜୀବନଯାପନ କରି ଈଶ୍ୱର ସନ୍ଧାନ କରି ପାରିବି ନାହିଁ କାହିଁକି ? ଏହିଭଳି ଚିନ୍ତାକରି ଜୀବନର ଚାକଚକ୍ୟରୁ ଦୂରେଇ ଯାଇ ଏକ ସାଧାରଣ ଜୀବନଯାପନ କଲି । ମୁଁ ଓ ମୋ ସ୍ତ୍ରୀ ସପ ବୁଣୁ ଏବଂ ସେହି ସପ ବଜାରରେ ବିକ୍ରି ହୁଏ । ସେହି ଧନରେ ଆମେ ଚଳୁ । ମୁଁ ରାଜଧନକୁ ନିଜ ପାଇଁ ବ୍ୟବହାର କରେନାହିଁ । ତାହା ପ୍ରଜାଙ୍କ ହିତରେ ବ୍ୟବହୃତ ହୁଏ ।' ସ୍ତବ୍ଧ ହେଲେ ସାଧୁ । ରାଜା ସାଧୁଙ୍କୁ ମେଘ ଖଣ୍ଡିକ ଫେରାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ସାଧୁଙ୍କୁ ବରଟି ପୁନଃପ୍ରାପ୍ତ ହେଲା । ଏହା ଏକ କାହାଣୀ ହୋଇପାରେ, ମାତ୍ର କଥାକାର ଯେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି, ତାହା ହେଲା- ନିରାଡ଼ମ୍ବର ଓ ନିରହଂକାର ଭାବରେ ଅତି ସାଧାରଣ ଜୀବନଯାପନ କରି ମଧ୍ୟ ପ୍ରଜାମାନଙ୍କୁ ଶାସନ କରିହୁଏ ।●

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି କଲେଜ**
**ଟିଟିଲାଗଡ଼, ମୋ: ୯୪୩୭୩୨୯୨୬୩**

# ହଜାରେ ପାଇଁ ଲକ୍ଷେ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ନିକଟରେ ଉତ୍ତରପ୍ରଦେଶର ବିଭିନ୍ନ ସଂସ୍ଥାରେ ୨ ହଜାର ପଦବୀ ପାଇଁ ୨୯ ଲକ୍ଷ ପିଲା ଆବେଦନ କରିଥିବାର ଖବର ଆସିଥିଲା । ପୁଣି ଏକ ଖବର ଅନୁଯାୟୀ ଆଇଆଇଟିରୁ ପାସ୍ କରିଥିବା ୩୮ ପ୍ରତିଶତ ଯୁବକଙ୍କୁ ନିଯୁକ୍ତି ମିଳିନାହିଁ । କିଛି ଦିନ ତଳେ ପ୍ରାତଃ ଭ୍ରମଣରୁ ଫେରୁଥିଲୁ । ବାଟରେ ଏକ ସରକାରୀ ଅଫିସ ସମ୍ମୁଖରେ ଶହ ଶହ ଯୁବକ ଯୁବତୀଙ୍କୁ ଦେଖି ପ୍ରଶ୍ନ କରି ଜାଣିଲୁ ଯେ ସେମାନେ ହୋମଗାର୍ଡ ଚାକିରିର ଆଶାୟୀ ପ୍ରାର୍ଥୀ । କିଏ ଗ୍ରାଜୁଏଟ୍ ତ କିଏ ବିଟେକ୍ ଡିଗ୍ରୀଧାରୀ । ପ୍ରାୟତଃ ଦେଖାଯାଏ, ଯେତେବେଳେ କୌଣସି ସରକାରୀ ପଦବୀ ପାଇଁ ନିଯୁକ୍ତି ବାହାରେ, ହଜାରେ ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସେ- ସେହି ପଦବୀ ଛୋଟ ହେଉ କି ବଡ଼ । ପଦବୀ ପାଇଁ ଯୋଗ୍ୟତାଠାରୁ ଅଧିକ ଯୋଗ୍ୟ ଆବେଦନକାରୀ ଆବେଦନ କରନ୍ତି । ଓଡ଼ିଶା, ବିହାର, ଉତ୍ତରପ୍ରଦେଶ କିମ୍ବା ଦେଶର ଅନ୍ୟ କୌଣସି ରାଜ୍ୟରେ ଯେତେବେଳେ କୌଣସି ପଦବୀ ପାଇଁ ଆଶାଠାରୁ ଅଧିକ ଆବେଦନ ମିଳେ, ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଏ । ଆଜି ସୋସିଆଲ ମିଡିଆରେ ଏପରି ଶହ ଶହ ସାକ୍ଷାତକାର ଦେଖିବାକୁ ମିଳେ, ଯାହା ବେକାରୀ ସମସ୍ୟା ସହିତ ସଂଘର୍ଷ କରୁଥିବା ଯୁବକଙ୍କ ହତାଶାକୁ ଦର୍ଶାଏ । ଯେତେବେଳେ ଯୁବକମାନେ ନିଯୁକ୍ତି ଦାବି କରି ରାସ୍ତାକୁ ଓହ୍ଲାନ୍ତି, ରାଜ୍ୟ ସରକାର ସେମାନଙ୍କୁ ମାଡ଼ ମାରିବା ପାଇଁ ପୁଲିସ ବ୍ୟବହାର କରନ୍ତି । ସରକାରୀ ଚାକିରିର ଆଶା ମରିଯିବା ପରେ ସେମାନେ ଘରୋଇ କ୍ଷେତ୍ରକୁ ଯାଆନ୍ତି । ସମସ୍ୟା ହେଉଛି, ଘରୋଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ମଧ୍ୟ ବେଶ୍ ଦ୍ରୁତ ଗତିରେ ହ୍ରାସ ପାଉଛି । ଚାକିରି ଆଶା ରଖି ଯୁବକମାନଙ୍କ ବୟସ ବଢ଼ିବାରେ ଲାଗିଛି । ସମାଜଶାସ୍ତ୍ର ଗବେଷକମାନେ ଏହି ବିଷୟରେ ଗବେଷଣା କରିବା ଉଚିତ ଯେ କୋଟି କୋଟି ବେକାର ଯୁବକଙ୍କ ହତାଶା ସମାଜ ଉପରେ କି ପ୍ରଭାବ ପକାଏ । ଦେଶର ଆର୍ଥିକ-ସାମାଜିକ ଗଠନକୁ ବିଚାରକୁ ନେଇ ସହରଗୁଡ଼ିକରେ ଅନୌପଚାରିକ ନିଯୁକ୍ତି ପରିମାଣ ଧୀରେ ଧୀରେ ହ୍ରାସ କରିବା ଏବଂ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯିବା ଉଚିତ । ଦେଶର ସଂକୁଚିତ ଅର୍ଥନୀତି ଯୋଗୁଁ ବେକାରୀ ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି । ଏକ ଗବେଷଣା ଅନୁଯାୟୀ, ନିର୍ମାଣ କ୍ଷେତ୍ରରେ ୫୦%, ବାଣିଜ୍ୟ, ହୋଟେଲ ଏବଂ ଅନ୍ୟାନ୍ୟ ସେବାରେ ୪୭%, ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩୯% ଏବଂ ଖଣି କ୍ଷେତ୍ରରେ ୨୩% ପର୍ଯ୍ୟନ୍ତ ବେରୋଜଗାରୀ ବ୍ୟାପିଛି । ଚିନ୍ତାର ବିଷୟ ହେଉଛି, ଏହି କ୍ଷେତ୍ରଗୁଡ଼ିକ ଦେଶକୁ ସର୍ବାଧିକ ନିଯୁକ୍ତି ପ୍ରଦାନ କରନ୍ତି । ତେଣୁ ଏହି ସଂଖ୍ୟାଗୁଡ଼ିକର ପ୍ରଭାବ ଭୟଙ୍କର ।

ଏହି କ୍ଷେତ୍ରଗୁଡ଼ିକ ଦ୍ରୁତ ଗତିରେ ସଂକୁଚିତ ହେଉଛି, ଯାହା ବେକାରୀ ବୃଦ୍ଧି କରୁଛି । ଲକ୍‌ଡାଉନ୍ ଆରମ୍ଭ ହେବା ମାତ୍ରେ ଲକ୍ଷ ଲକ୍ଷ ଶ୍ରମିକ ନିଜ ଗାଁ ଆଡ଼କୁ ମୁହାଁଇଲେ ।



ସେମାନେ ନିଜ ପାଇଁ ଦିନକୁ ଦୁଇଓଳି ଖାଇବାର ବ୍ୟବସ୍ଥା ମଧ୍ୟ କରି ପାରିଲେ ନାହିଁ । ଉଲ୍ଲେଖନୀୟ ଯେ ଭାରତ ଦକ୍ଷିଣ ଏସିଆ ଦେଶଗୁଡ଼ିକ ମଧ୍ୟରେ ଅନୌପଚାରିକ ନିଯୁକ୍ତି କ୍ଷେତ୍ରରେ ଶୀର୍ଷରେ, ଯାହାର ଅର୍ଥ ହେଉଛି, ଦେଶର କୋଟି କୋଟି ଶ୍ରମିକ କମ୍ ମଜୁରୀରେ କଠିନ ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯେଉଁଠାରେ ସେମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ମିଳେନାହିଁ । ନିଯୁକ୍ତିଦାତା ସେମାନଙ୍କୁ ଯେତେବେଳେ ଚାହିଁବେ, ରଖି ପାରିବେ କିମ୍ବା ବାହାର କରି ପାରିବେ । କାରଣ ସେମାନଙ୍କର ଟ୍ରେଡ୍ ୟୁନିଅନରେ କୌଣସି ପ୍ରତିନିଧିତ୍ୱ ନାହିଁ । ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ) ଅନୁଯାୟୀ, ଭାରତରେ ୫୩.୫ କୋଟି ଶ୍ରମିକଙ୍କ ମଧ୍ୟରୁ ୩୯.୮ କୋଟି ଦୟନୀୟ ଅବସ୍ଥାରେ କାମ କରନ୍ତି, ଯାହାଙ୍କର ଦୈନିକ ଆୟ ୨୦୦ ଟଙ୍କାରୁ କମ୍ । ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଦୁଇଟି ବଡ଼ ଚ୍ୟାଲେଞ୍ଜ । ପ୍ରଥମ, ଗତ ୭ ବର୍ଷ ଧରି ବେକାରୀର ପ୍ରତିଶତ ନିରନ୍ତର ବୃଦ୍ଧି ପାଉଥିବାରୁ ସହରଗୁଡ଼ିକରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା । ଦ୍ୱିତୀୟତଃ, ସହରାଞ୍ଚଳ ଶ୍ରମିକଙ୍କ ଆୟ କିପରି ବୃଦ୍ଧି କରାଯିବ, ଯାହାଦ୍ୱାରା ସେମାନଙ୍କୁ ଅମାନବୀୟ ପରିସ୍ଥିତିରୁ ବାହାର କରାଯାଇ ପାରିବ । ଏଥିପାଇଁ ଅନେକ କାମ କରିବାକୁ ହେବ । ସହରାଞ୍ଚଳ ନିଯୁକ୍ତି ବୃଦ୍ଧି ପାଇଁ ସ୍ଥାନୀୟ ସରକାରଙ୍କ ସହିତ ସମନ୍ୱୟରେ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ । ଏହାର ଲାଭ ସ୍ୱରୂପ ସହରୀକରଣ ଯୋଗୁଁ ଅବ୍ୟବସ୍ଥିତ ବିକାଶ ଏବଂ ବସ୍ତି ସୃଷ୍ଟିକୁ ବନ୍ଦ କରାଯାଇ ପାରିବ । ଏଥିପାଇଁ ସ୍ଥାନୀୟ ସରକାରଙ୍କୁ ଅଧିକ ସମ୍ବଳ ଦେବାକୁ ପଡ଼ିବ । ସ୍ଥାନୀୟ ସ୍ତରରେ ନିଯୁକ୍ତି ସୃଷ୍ଟି କରୁଥିବା ବିକାଶମୂଳକ ନୀତି କାର୍ଯ୍ୟକାରୀ କରିବାକୁ ହେବ । ସହରାଞ୍ଚଳ ଭିତ୍ତିଭୂମି ଉପରେ ଧ୍ୟାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସ୍ଥାନୀୟ ଅର୍ଥନୀତିରେ ମଧ୍ୟ ଉନ୍ନତି ହେବ । ଦେଖାଯାଇଛି ଯେ ବିକାଶ ପାଇଁ ଆବଣ୍ଟିତ ଟଙ୍କାର ଲାଭ କେବେ ବି ଶ୍ରମିକଙ୍କ ପାଖରେ ପହଞ୍ଚି ନପାରି ଉପର ସ୍ତରରେ ଥିବା ଲୋକଙ୍କ ପାଖରେ ଫସି ରହିଥାଏ । ତେଣୁ ପୌରପାଳିକାରେ ବିକାଶ ନାମରେ ଭାରି ମେସିନ କିଣାଯିବା ପରିବର୍ତ୍ତେ ମାନବ ଶ୍ରମ ଆଧାରିତ ସହରୀକରଣକୁ ପ୍ରୋତ୍ସାହିତ କରାଗଲେ ସହରଗୁଡ଼ିକରେ ନିଯୁକ୍ତି ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ଏବଂ ପରିମଳ ଭଳି କ୍ଷେତ୍ରରେ ଦ୍ରୁତ ବିକାଶ ଦ୍ୱାରା ସହରାଞ୍ଚଳ ନିଯୁକ୍ତି ଯୋଜନା ବୃଦ୍ଧି କରାଯାଇ ପାରିବ, କାରଣ ଆମର ଗ୍ରାମୀଣ ଅର୍ଥନୀତି ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରିବା ଅବସ୍ଥାରେ ନାହିଁ । ବର୍ତ୍ତମାନ ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଧନ୍ଦାମୂଳକ ଏପରି ଏକ ଯୋଜନା ଆଣିବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ନିଯୁକ୍ତି ପାଇ ପାରିବେ । ଏହା ପରେ ବି କୋଟି କୋଟି ବେକାରଙ୍କ ମଧ୍ୟରୁ ଏକ ଛୋଟ ଅଂଶ ରୋଜଗାର ପାଇବେ । ଚିନ୍ତାଜନକ କଥା ହେଉଛି, ବର୍ତ୍ତମାନ ଅଧିକାଂଶ ଯୁବକ ବଡ଼ ଡିଗ୍ରୀ ପାଇବା ସତ୍ତ୍ୱେ ବେକାର ଅଛନ୍ତି । ସେମାନଙ୍କ କ୍ରୋଧ ବୃଦ୍ଧି ପାଇଛି । ଚାକିରି ପରିବର୍ତ୍ତେ ସରକାରୀ କଳ ଦ୍ୱାରା ଲାଠିଚାର୍ଜ ନିଆଁରେ ଘିଅ ଢାଳୁଛି । କିଛି ବର୍ଷ ତଳେ (୧୭ ସେପ୍ଟେମ୍ବର, ୨୦୨୨) ବେକାର ଯୁବକ ଯୁବତୀମାନେ ସୋସିଆଲ ମିଡିଆରେ ଏକ ବିଶାଳ ଅଭିଯାନ ଚଳାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ 'ବେକାରୀ ଦିବସ' ବୋଲି ଦର୍ଶାଇ ଥିଲେ । ସେତେବେଳେ ବିପକ୍ଷ କହିଥିଲେ ଯେ ଏହା ଏକ ବିପଦପୂର୍ଣ୍ଣ ଆରମ୍ଭ, ଯାହାକୁ କେବଳ ପ୍ରତିଶ୍ରୁତି ନୁହେଁ, ବରଂ ବହୁ ସଂଖ୍ୟକ ଶିକ୍ଷିତ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ପ୍ରଦାନ କରି ବନ୍ଦ କରିହେବ । ଏହା ମଧ୍ୟ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ନିର୍ବାଚନ ପ୍ରଚାରରେ ବେକାରୀ ଦୂର କରିବାର ସ୍ୱପ୍ନ ଦେଖାଉ ଥିବା ରାଜନୈତିକ ଦଳଗୁଡ଼ିକ କ୍ଷମତାକୁ ଆସିବା ପରେ ନିଜର ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ । ତେଣୁ ସମସ୍ତ ରାଜନୈତିକ ଦଳକୁ ଏକାଠି ବସି ଏହି ସମସ୍ୟାର ସମାଧାନ ପାଇଁ ଏକ ନୂତନ ଅର୍ଥନୈତିକ ନୀତି ଉପରେ ସହମତ ହେବାକୁ ପଡ଼ିବ, ଯାହା ମାଧ୍ୟମରେ ଦେଶର ସମ୍ପତ୍ତି ଅଳ୍ପ କେତେକଙ୍କ ହାତରେ ସୀମିତ ନ ରହି ନ୍ୟାୟପୂର୍ଣ୍ଣ ଭାବରେ ବଣ୍ଟନ କରାଯାଇ ପାରିବ ।●

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

# ଚୋଳ ପରମ୍ପରା- ଇତିହାସ, ରାଜନୀତି

ଚିକିମିକିଆ ସିଲ୍‌କ ପୋଷାକ ପିନ୍ଧି ପବିତ୍ର ପାଣି ମାଠିଆଟିଏ ଛାତି ପାଖରେ ଦୁଇ ହାତରେ ଧରି ଗଙ୍ଗାଇକୋଣ୍ଡା ଚୋଳପୁରମ୍‌ର ସୁଶୋଭିତ ଉଚ୍ଚ ସ୍ତମ୍ଭ ପରିବେଷ୍ଟିତ ଇତିହାସ ପ୍ରସିଦ୍ଧ ବୃହଦୀଶ୍ୱରଙ୍କ ମନ୍ଦିର ପରିସର ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜଳାର୍ପଣ ନିମନ୍ତେ ଗମନ ସହିତ ଶବ୍ଦଚିତ୍ରର ସମାହାର ଅବଶ୍ୟ ଏକ ଉପଯୁକ୍ତ ଦୃଶ୍ୟ-ଶ୍ରାବ୍ୟ କାର୍ଯ୍ୟକ୍ରମ ଥିଲା । ଏହା ପାରମ୍ପରିକ ପୋଷାକରେ ଆବୃତ୍ତ ଠାକୁରଙ୍କ ଆଶୀର୍ବାଦକାମୀ ଜଣେ ଭକ୍ତଙ୍କର ଏକ ପ୍ରକୃଷ୍ଟ ଚିତ୍ର ଉପସ୍ଥାପନ କରୁଥିଲା । ତେବେ ଦୀର୍ଘ ବର୍ଷ ଧରି ମୋଦୀ ତାମିଲନାଡୁରେ ଯାହା ଘଟିବା ପାଇଁ କାମନା କରି ଆସୁଛନ୍ତି: ଏକ ରାଜନୀତିକ ସ୍ୱୀକୃତି, ଯାହା ତାଙ୍କ ଦଳ ବିଜେପି, ରାଜ୍ୟ ବିଧାନସଭାର ପରବର୍ତ୍ତୀ ନିର୍ବାଚନରେ ମେଣ୍ଟ କରି ପଛେ ହେଉ- ତାକୁ ଏହି ଚିତ୍ର ଜରିଆରେ ପ୍ରଦର୍ଶିତ ଭାବମୂର୍ତ୍ତି କେତେଦୂର ହାସଲ କରିବାରେ ସକ୍ଷମ ହେବ, ସେକଥା କେବଳ ସମୟ ହିଁ କହି ପାରିବ । ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ମାଳଦ୍ୱୀପରୁ ନିଜର ଗସ୍ତ କାର୍ଯ୍ୟକ୍ରମ ସାରି ବିମାନରେ ସିଧା ତାମିଲନାଡୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁର ଗଙ୍ଗାଇକୋଣ୍ଡାସ୍ଥିତ ଚୋଳପୁରମ୍‌ଠାରେ ଅନୁଷ୍ଠିତ ବାର୍ଷିକ ଆଦି ଥିରୁଭଥିରାଇ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦାନ କରି ପ୍ରାଚୀନ ରାଜା ରାଜେନ୍ଦ୍ର ଚୋଳଙ୍କ ପ୍ରତି ତାଙ୍କର ଶ୍ରଦ୍ଧାର୍ଘ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବ ଏକ ହଜାର ବର୍ଷ ପୂର୍ବେ ତାମିଲନାଡୁ ସହର ସହିତ ଉପରୋକ୍ତ ମନ୍ଦିର ଏବଂ ଏକ ବିଶାଳକାୟ ହ୍ରଦର ନିର୍ମାତା ତଥା ରାଜରାଜ ଚୋଳଙ୍କ ପିତା ରାଜେନ୍ଦ୍ର ଚୋଳଙ୍କ ଜନ୍ମବାର୍ଷିକୀକୁ ପାଳନ କରିବା ନିମନ୍ତେ ପ୍ରତି ବର୍ଷ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ତାମିଲନାଡୁବାସୀ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ପ୍ରାଚୀନ ସମ୍ରାଟଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ ସାମ୍ରାଜ୍ୟବାଦୀ ଚୋଳମାନଙ୍କ ଅଧୀନରେ ଭାରତ ଯେପରି ବ୍ୟବସାୟ ବାଣିଜ୍ୟ କାରବାରକୁ ସମ୍ପ୍ରସାରିତ କରି ତଥା ଭାରତର ସାର୍ବଭୌମତ୍ୱକୁ ସୁରକ୍ଷା ପ୍ରଦାନ କରି ସମୃଦ୍ଧି ଲାଭ କରିଥିଲା, ଠିକ୍ ସେହିପରି ସମସାମୟିକ ଭାରତ ନିଜର ଉଦ୍ୟମ ବଳରେ ସମୃଦ୍ଧି ହାସଲ କରିବ । ଏହି ଉତ୍ସବ ମଧ୍ୟ ରାଜେନ୍ଦ୍ର ଚୋଳଙ୍କ ଦକ୍ଷିଣ ଏସୀୟ ଅଞ୍ଚଳକୁ ସାମୁଦ୍ରିକ ଅଭିଯାନ ତଥା ଉପରୋକ୍ତ ବିଶାଳକାୟ ମନ୍ଦିର, ଯାହା ବର୍ତ୍ତମାନ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବରେ ଚିହ୍ନିତ, ତା'ର ନିର୍ମାଣର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିଲା । ଚୋଳ ରାଜ ବଂଶର ଗୌରବାବହ ଅତୀତ ଅବଶ୍ୟ ଅବିସ୍ମରଣୀୟ, କାରଣ ଜଳ ପରିଚାଳନା, ଟିକସ ଏବଂ ଭୂ-ରାଜସ୍ୱ ଆଦାୟ ବ୍ୟବସ୍ଥା ତଥା ଗଣତାନ୍ତ୍ରିକ ଶାସନ ପଦ୍ଧତି ଭଳି କେତେକ ବିଧି ବ୍ୟବସ୍ଥା ଆଧୁନିକ ସମୟରେ ମଧ୍ୟ ଅନୁକରଣୀୟ ଯାହା ଆଧୁନିକ ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାରେ ମାର୍ଗଦର୍ଶକ ସାଜିବାର ସାମର୍ଥ୍ୟ ରଖେ, ଯେଉଁସବୁର ଭୁରି ଭୁରି ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ ।


ତେବେ ତାମିଲ ରାଜାଙ୍କର ଏଭଳି ଭୂୟସୀ ପ୍ରଶଂସା ତାମିଲନାଡୁବାସୀଙ୍କ ମନରେ କିଛି ଭିନ୍ନ ଭାବାବେଗ ସୃଷ୍ଟି କରିବାରେ ସକ୍ଷମ ହେବ କି ଯାହା ଆଧୁନିକ ସମୟ ପରିପ୍ରେକ୍ଷୀରେ ବିଜେପି ସପକ୍ଷ ଭୋଟ୍‌ରେ ପରିବର୍ତ୍ତିତ ହୋଇ ପାରିବ, ବିଶେଷକରି ଯେତେବେଳେ କି ସମ୍ପୃକ୍ତ ରାଜ୍ୟର ବର୍ତ୍ତମାନର ଶାସକ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଅନେକ ସଂଖ୍ୟକ ଶାଣିତ ବାଣ ମାରିବାକୁ ଯାଇ କହିଛନ୍ତି ଯେ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀ ଅନେକଗୁଡ଼ିଏ ଦାବି ରଖିବା ସହିତ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ଅଧୀନରେ ତାମିଲନାଡୁ ପାଇଁ ବରାଦ ହୋଇଥିବା ଅର୍ଥକୁ ରାଜ୍ୟକୁ ପ୍ରଦାନ କରୁ ନାହାନ୍ତି ! ଯଦି ବି ଏହି କଥାକୁ ଜଣେ ଅସନ୍ତୁଷ୍ଟ ବିଜେପି ବିରୋଧୀ ନେତାଙ୍କ କଥା ଭାବରେ ଧରି ନିଆଯାଏ ଏବଂ ଏହା କେବଳ ଲୋକଙ୍କୁ ଭୁଲ୍ ବାଟରେ ପରିଚାଳନା କରିବାର କୌଶଳ ବିବେଚନା କରାଯାଏ, ତା'ହେଲେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି, ଯାହା ହେଉଛି ରାଜ୍ୟରେ ବିଜେପି ସହିତ ମେଣ୍ଟ କରିବାକୁ ଆଗ୍ରହୀ ଥିବା ଏକ ଦଳ ସହିତ ବୁଝାମଣା କରିବା ନିମନ୍ତେ ମୋଦୀ କିଛି କରୁ ନାହାନ୍ତି, ଯିଏକି ଏକ ଉତ୍ତର ଦାବି କରୁଛି । ଏଆଇଏଡିଏମ୍‌କେର ପ୍ରମୁଖ ନେତା ଏଡାପାଡି ପାଲାନିସ୍ୱାମୀ ଏକ ସ୍ପଷ୍ଟ ଉତ୍ତର ଆବଶ୍ୟକ କରୁଛନ୍ତି, ବିଶେଷକରି ବିଜେପି ସହିତ ତାଙ୍କ ଦଳର ରହିଥିବା ମେଣ୍ଟର ସ୍ୱଭାବକୁ ନେଇ ଉଠିଥିବା ପ୍ରଶ୍ନର ଯାହା ଆଉ ମାତ୍ର ବର୍ଷେ ପାଖାପାଖି ବାକି ରହିଥିବା ବିଧାନସଭା ନିର୍ବାଚନ ପୂର୍ବରୁ ସେ ଆରମ୍ଭ କରିଥିବା ରାଜ୍ୟବ୍ୟାପି ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଯଥେଷ୍ଟ ଅନିବାର୍ଯ୍ୟତାକୁ ବହନ କରେ । ଶତ୍ରୁମାନଙ୍କର ଥଟ୍ଟା ପରିହାସ ଭିତରେ, ଯେଉଁମାନେ କି ଆଶଙ୍କା କରନ୍ତି ଯେ ବିଧାନସଭା ନିର୍ବାଚନରେ ଏହି ଜାତୀୟ ସ୍ତରୀୟ ଦଳ ଯଦି କିଛି ଆସନ ଲାଭ କରିଯାଏ, ତା'ହେଲେ ତା' ପରେ ବଳଶାଳୀ ବଡ଼ ଦଳ ଭାବରେ ଏହା ଏଆଇଏଡିଏମ୍‌କେର ବିଲୟ ପାଇଁ ଉଦ୍ୟମ କରିବ, ଯାହାର ଏକ ସ୍ପଷ୍ଟୀକରଣ ଆବଶ୍ୟକ କରନ୍ତି ପାଲାନିସ୍ୱାମୀ ।

ଯେହେତୁ ପାଲାନିସ୍ୱାମୀ ଦାବି କରୁଛନ୍ତି ଯେ ଏଆଇଏଡିଏମ୍‌କେ ହିଁ ରାଜ୍ୟରେ ମେଣ୍ଟର ନେତୃତ୍ୱ ନେବ, ଯେଉଁଥିରେ ବିଜେପି ଏକ ଅଂଶ ରହିବ ଏବଂ ମେଣ୍ଟର ବିଜୟ ହେଲେ ସେ ହିଁ ମୁଖ୍ୟମନ୍ତ୍ରୀ ହେବେ, ଯାହାକି ବିରୋଧୀ ପକ୍ଷରୁ ଅନ୍ୟ ଏକ ନକାରାତ୍ମକତାକୁ ଜାଗ୍ରତ କରାଉଛି, ସେତେବେଳେ ସେ ଅମିତ୍ ଶାହଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଛନ୍ତି, ଯିଏକି ପ୍ରଥମେ ଏହି ମେଣ୍ଟର କଥା ଉଠାଇ ଥିଲେ ଏବଂ ଚେନ୍ନାଇ ଆସି ଏ ସମ୍ପର୍କରେ ଲୋକମାନଙ୍କ ସମ୍ମୁଖରେ ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିବେ ବୋଲି କହିଥିଲେ । ତେବେ ତାଙ୍କର ଏହି ବହୁ ପ୍ରତିକ୍ଷୀତ ଆଗମନକୁ ସାକାର କରାଇବାରେ ଶାହ ଅସମର୍ଥ ହୋଇଥିବା ବେଳେ ପାଲାନିସ୍ୱାମୀ ଅବଶ୍ୟ ଶ୍ରୀଯୁକ୍ତ ମୋଦୀ ତାଙ୍କର ଆଶଙ୍କାକୁ ଦୂର କରି ଏକ ସ୍ପଷ୍ଟ ଉତ୍ତର ପ୍ରଦାନ କରିବାର ଅପେକ୍ଷା ରଖନ୍ତି । କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ଯେ କେବଳ ପାଲାନିସ୍ୱାମୀଙ୍କ ସପକ୍ଷରେ ଗଲା ନାହିଁ, ତାହା ନୁହେଁ, ଏହା ମଧ୍ୟ ବିଜେପି ସପକ୍ଷରେ ଯାଇଛି ବୋଲି କ୍ୱଚିତ୍ କହିହେବ । ଜଣେ ପ୍ରଧାନମନ୍ତ୍ରୀଙ୍କର ଯେ ରାଜ୍ୟରେ ଏକ ସର୍ବପୁରାତନ ମନ୍ଦିରରେ ହଠାତ୍ ଭକ୍ତିଅର୍ଘ୍ୟ ନିବେଦନ କରିଦେବା ଯେ ଭୋଟରମାନଙ୍କ ମନକୁ ତାଙ୍କ ଆଡ଼କୁ ଢଳିବାରେ ବିଶେଷ ଭୂମିକା ନିର୍ବାହ କରିବ, ଏଭଳି ଭାବନାକୁ ଏକ ବୃଥା ଭାବନା କୁହାଯାଇପାରେ, ବିଶେଷକରି ସେହି ରାଜ୍ୟରେ ଯେଉଁଠି ଧାର୍ମିକ ଭାବନା ଏବଂ ତା' ସହିତ ମଧ୍ୟ ହେତୁବାଦ ବିନା କୌଣସି ବିବାଦରେ ଏକାଠି ଗତି କରିଥାନ୍ତି ।●

# ତାଙ୍କ ସ୍ମରଣ ହିଁ ସମ୍ପଦ

ଟିକିଏ ଆନନ୍ଦ ସକାଶେ ଆମର ଧାଁ ଦୌଡ଼ । ନାନାଦି ଯୋଜନା । କେବେ କୋଠା ବାଡ଼ିରେ ମାତୁ ତ କେବେ ଧନ ସମ୍ପତ୍ତିରେ । ଆଉ କେବେ ଗାଡ଼ିଘୋଡ଼ା, ପଦପ୍ରତିଷ୍ଠା ପଛରେ ପଡ଼ିଥାଉ । ସବୁ କିଛିର ଉଦ୍ଦେଶ୍ୟ ଆନନ୍ଦ ପାଇବା । ଟିକିଏ ସୁଖ-ଶାନ୍ତି ପାଇବା ପାଇଁ ମନ ବହୁତ ଭାର ବୁହେ । ବୁଝିବାକୁ ହେବ ସୁଖ ମିଳେ ଶରୀରକୁ । ଶାନ୍ତି ମିଳେ ମନକୁ । ଆଉ ଆନନ୍ଦ ଆତ୍ମିକ ସ୍ତରର କଥା । ସୁଖ-ଶାନ୍ତି ସକାଶେ ମନ ବହୁ ଭାର ବୁହେ । ଓଜନିଆ ହୋଇଯାଏ । ତା'ର ପ୍ରଭାବ ପଡ଼େ ଏ ଦେହ ଉପରେ । ମନ ଭାରାକ୍ରାନ୍ତ ଥିଲେ ମୁହଁ ଶୁଖିଯାଏ । ବିଷାଦ ଥିଲେ ଆଖି ଛଳଛଳ ହେଉଥାଏ । ପ୍ରତି ମୁହୂର୍ତ୍ତରେ ମନର ଚାପ ଶରୀରରେ ପ୍ରତିଫଳିତ ହୁଏ । ଜଳନ୍ତା ଚୁଲିରେ ବସିଥିବା ତାଓ୍ୱା ଗରମ ହେଲା ପରି ମନର ପ୍ରଭାବରେ ଶରୀର ପ୍ରଭାବିତ ହୁଏ । ଏମିତି ବି ହୁଏ, କିଛି ନଥାଇ ମଧ୍ୟ ଅଯଥା କଥା ମନ ଚିନ୍ତାକରେ । ଯୋଉ ମନ ଏତେଆଡୁ ଚିନ୍ତା କରୁଛି, ତାକୁ ଶିଖେଇ ଦିଆଯାଉ- ସେ ପରମାତ୍ମା, ଗୁରୁ ବା ନିଜର ଇଷ୍ଟଙ୍କୁ ସ୍ମରଣ କରୁ । ଭାର ଲାଘବ ହୋଇଯିବ । ଶରୀର ଉପରେ ସୁପ୍ରଭାବ ପଡ଼ିବ । ଅବଶ୍ୟ ଏକଥା ସତ୍ୟ ଯେ ଦୁଷ୍ଚିନ୍ତା ମନ ସିଂହାସନରେ ବସିଥିବା ବେଳେ ସେଠି ପରମାତ୍ମାଙ୍କୁ ଜାଗା ମିଳିବା କଷ୍ଟ । ତଥାପି ତାଙ୍କୁ ସ୍ମରଣ କରିବା ପାଇଁ ପୂର୍ବରୁ ଅଭ୍ୟାସ କରିବା ଉଚିତ୍ ।

ଏ ନେଇ ଉଦାହରଣଟିଏ । ଗୋଟିଏ ପରିବାରରେ ବିଶେଷ କାର୍ଯ୍ୟକ୍ରମ ପାଇଁ ବହୁତ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ । ମାଆଙ୍କ ସାଥୀରେ ସେମାନଙ୍କ ପିଲା ବି ଥିଲେ । ପିଲାମାନେ



ପବାରବିନ୍ଦ

ପରସ୍ପର ଭିତରେ ଖେଳ କୁଦରେ ମାତି ଯାଇଥିଲେ । ଖେଳ ଭିତରେ ପରସ୍ପର ମାଡ଼ ଗୋଳ ଆରମ୍ଭ କରିଦେଲେ । ଖଣ୍ଡିଆ ଖାବରା ହୋଇ କାନ୍ଦକଟା କଲେ । କାନ୍ଦକଟା ଶୁଣି ମାଆ ବାପା ଧାଇଁ ଆସିଲେ । ନିଜର ପିଲାଙ୍କୁ କୋଳେଇ ନେଲେ । ଲୁହ ପୋଛିଦେଲେ । ଦରକାରୀ ଔଷଧ ବି ଲଗେଇ ଦେଲେ । ସେମିତି ଆମ ମନ ସଂସାର ଅଗଣାରେ ଖେଳିଲା ବେଳେ କିଏ ନା କିଏ ଦୁଷ୍ଟ ପ୍ରବୃତ୍ତି ତାକୁ ମାରଧର କରେ । ମନକୁ ଭାରାକ୍ରାନ୍ତ କରିଦିଏ । ଏ ସ୍ଥିତିରେ ବୁଝିବାକୁ ହେବ ପରମାତ୍ମାଙ୍କୁ ସ୍ମରଣ କରିବାରେ ଅଭାବ ହୋଇଛି । ମାଆ ବାପା ପାଖରେ ଥିଲେ ପିଲାଙ୍କୁ ଆକଟ କରନ୍ତି । ପିଲା ଗଣ୍ଡଗୋଳ କରି ପାରନ୍ତିନି ।

ସେମିତି ମନ ଅଗଣାକୁ କେତେ ସମସ୍ୟା ଅଯାଚିତ ଭାବରେ ଧସେଇ ପଶନ୍ତି । ମନକୁ ଓଜନିଆ କରି ଦିଅନ୍ତି । ମନ ରକ୍ଷା ପାଇବାକୁ ବିକଳ ହୁଏ । ଏତିକି ବେଳେ ପରମାତ୍ମାଙ୍କୁ ଚିନ୍ତନ କରିବା ଦରକାର । ବାପା ମାଆ ଅନ୍ୟ ପିଲାଙ୍କୁ ଆଡ଼େଇ ଆଗ ନିଜ ପିଲାଙ୍କୁ ଟୋଳି ନେଲା ଭଳି ପରମାତ୍ମା ଆସିଗଲେ ସମସ୍ୟା ଘୁଞ୍ଚି ଯାଆନ୍ତି । ମନର ସବୁ ଗୋଳମାଳ ଥମିଯାଏ । ସଂସାରରେ ତ ସମସ୍ତଙ୍କ ପାଇଁ ସମସ୍ୟା ଅଛି । କିନ୍ତୁ ଯିଏ ତାଙ୍କୁ ଯେତିକି ସ୍ମରଣ କରେ, ସମସ୍ୟା ସେତିକି ହାଲ୍‌କା ହୁଏ । ସମସ୍ୟା ହାଲ୍‌କା ହେଲେ ସୁଖ ଶାନ୍ତି ଆସି ଯାଆନ୍ତି । ସ୍ମରଣ ଯେତିକି କମ୍, ସମସ୍ୟା ସେତିକି ଭାରି । ତେଣୁ କୁହାଯାଇଛି, ତାଙ୍କୁ ବିସ୍ମରଣରେ ବିପଦ ଓ ସ୍ମରଣରେ ସମ୍ପଦ ଅଛି ।●

**ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ସିଏସ୍ଆର୍ ଫଣ୍ଡ୍‌ର ସହାୟତା ଲୋଡ଼ିଲେ ବିଧାୟକ

**ଜଗତ୍‌ସିଂହପୁର,୨୯।୭/ଏନ୍ଏନ୍ଏସ୍:** ଜଗତସିଂହପୁର ନିର୍ବାଚନ ମଣ୍ଡଳିରେ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ସାଧାରଣଙ୍କ ସୁବିଧା କ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ପାଇଁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାର ପାରାଦୀପ ଠାରେ ଥିବା ବଡବଡ କର୍ପୋରେଟ ସେକ୍ଟର ମାନଙ୍କର ସିଏସ୍ଆର ଫଣ୍ଡ ସହାୟତା ଲୋଡିଛନ୍ତି । ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନିକଟକୁ ଚିଠି ନଂ ୫୦୨/୨ ଜୁଲାଇ ୨୦୨୫ରେ ଜଣାଇଥିଲେ । ସେହି ଉନ୍ନତି କରଣ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର, ମଣ୍ଡାସାହି ଓ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ସିଏଚ୍ସି ସେଣ୍ଟରର ଉନ୍ନତି କରଣ ଅନ୍ତର୍ଭୁକ୍ତ । ସେହିପରି ଶିକ୍ଷା କ୍ଷେତ୍ରରେ ଆଶ୍ରମ ପାଟଣା ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ପୁନଙ୍ଗ ଠାରେ ଥିବା ସିଦ୍ଧ ବାରଙ୍ଗ କଲେଜ, କାଦୁଆପଡା ଠାରେ ଥିବା ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ, ନାଉଗାଁ ବ୍ଲକ ଠାରେ ଥିବା ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ବିରିଡି ଅନନ୍ତବଟ ଠାରେ ଥିବା ଅଳକା ମହାବିଦ୍ୟାଳୟ, ନାଉଗାଁ ଗଙ୍ଗଦା ଠାରେ ଥିବା ମଉଲାଭଞ୍ଜ ଜୁନିୟର କଲେଜର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, କନ୍ତାର ଠାରେ ଥିବା ଅନନ୍ତ ସଂସ୍କୃତ କଲେଜର ଅତିରିକ୍ତ ଶ୍ରେଣୀ ଗୃହ ଓ ବାଉଣ୍ଡରି ୱାଲ ନିର୍ମାଣ, ପ୍ରତି ସ୍କୁଲକୁ ୱାଟର କୁଲର ସହିତ ୟୁଭିଆରଓ ଫିଲଟର, ନିର୍ବାଚନ ମଣ୍ଡଳିର ବିଭିନ୍ନ ପଂଚାୟତରେ ହାଇମାସ୍କ ଏବଂ ଲିଡ୍ ଷ୍ଟ୍ରିଟ୍ ଲାଇଟ୍ ଇତ୍ୟାଦି ନିମନ୍ତେ ଦାବି କରିଥିଲେ । ତେବେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ତା ୨୧ ଜୁଲାଇ ୨୦୨୫ରେ ବିଧାୟକ ଶ୍ରୀ ଦାସଙ୍କ ପତ୍ରକୁ ଅନୁମୋଦନ କରିଛନ୍ତି । ଏଥି ସହିତ ପାରାଦୀପ ସ୍ଥିତ ଜେଏସ୍ଡବ୍ଲୁ ଉତ୍କଳ ଷ୍ଟିଲ ଲିଃର ସଭାପତିଙ୍କୁ କମ୍ପାନୀର ସିଏସ୍ଆର ଫଣ୍ଡ ଜଗତସିଂହପୁର ନିର୍ବାଚନ ମଣ୍ଡଳିର ଉନ୍ନତି ପାଇଁ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀଙ୍କ ଚିଠି ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତି ନିମନ୍ତେ ଆବଶ୍ୟକ ସାମଗ୍ରୀର ୧କୋଟି ୭୨ଲକ୍ଷ ୬୫ହଜାର ଟଙ୍କାର ଏକ ଏଷ୍ଟିମେଟ୍ କପି ମଧ୍ୟ ପ୍ରଦାନ କରାଯାଇଛି । ଏହି ଆକଳନ ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଟଙ୍କ ଦ୍ୱାରା କରାଯାଇଥିବା ଜଣା ଯାଇଛି । ତେବେ ସେହି ୧କୋଟି ୭୨ଲକ୍ଷ ୬୫ହଜାର ଟଙ୍କା ଆକଳନ ମଧ୍ୟରେ ୧ଟି ସି-ଆର୍ମ ମେସିନ ନିମନ୍ତେ ୧୨ଲକ୍ଷ ଟଙ୍କା, ୧ଟି ଭିଡିଓ ଲାପ୍ରୋସ୍କୋକି ସେଟ୍ ନିମନ୍ତେ ୮୦ଲକ୍ଷ ଟଙ୍କା, ୧ଟି ଦାନ୍ତ ଏକ୍ସରେ ମେସିନ ନିମନ୍ତେ ୨ଲକ୍ଷ ୧୫ହଜାର ଟଙ୍କା, ୧ଟି ପୋର୍ଟେବୁଲ ଅଲଟ୍ରା ସାଉଣ୍ଡ ୨୫ଲକ୍ଷ ଟଙ୍କା, ଶିଶୁଙ୍କ ବଲିରୁବିନ ମାପିବା ପାଇଁ ୨ଟି ବଲିରୁବିନ ମିଟର ନିମନ୍ତେ ୩ଲକ୍ଷ ଟଙ୍କା, ୧୦ଟି ମଲଟି ପାରାମିଟର ନିମନ୍ତେ ୧୫ଲକ୍ଷ ଟଙ୍କା, ୨ଟି ଖାଦ୍ୟ ଟ୍ରଲି ନିମନ୍ତେ ୩ଲକ୍ଷ ଟଙ୍କା, ସ୍ୱାସ୍ଥ୍ୟ ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ୨୦ଟି ଏଲଇଡି ଟିଭି ନିମନ୍ତେ ୨୦ଲକ୍ଷ ଟଙ୍କା, ୨ଟି ଡିଫିବ୍ରିଲେଟର ନିମନ୍ତେ ୪ଲକ୍ଷ ଟଙ୍କା, ୫ଟି ଆଦ୍ରତା ଏବଂ କଣିକା ବାୟୁର ଅନ୍ୟ ପାରାମିଟର ଥିବା ଡିଜିଟାଲ ଘଣ୍ଟା ନିମନ୍ତେ ୧୫ଲକ୍ଷ ଟଙ୍କା, ୫ଟି ଏୟାର ପିୟୁରି ଫିଲଟର ଯାହାର ମୂଲ୍ୟ ୫୦ଲକ୍ଷ ଟଙ୍କା ଓ ଗୋଟିଏ ୧୨୫କେଭିଏର ଡିଜି ସେଟ୍ ଯାହାର ମୂଲ୍ୟ ୧୫ଲକ୍ଷଟଙ୍କା ଅନ୍ତର୍ଭୁକ୍ତ । ତେବେ ମନ୍ତ୍ରୀଙ୍କ ଚିଠି ପାଇବା ପରେ ଜେ.ଏସ୍.ଡବ୍ଲୁ କମ୍ପାନି ସଙ୍ଗେ ସଙ୍ଗେ ଏତେ ଆମାଉଣ୍ଟର ଅର୍ଥ ଏକା ସମୟରେ ପ୍ରଦାନ କରା ଯାଇ ପାରିବ ନାହିଁ । ମେଡିକାଲ ଅଫିସର ଦେଇଥିବା ଏଷ୍ଟିମେଣ୍ଟକୁ କମ୍ପାନି ପକ୍ଷରୁ ପୁନର୍ବାର ଆକଳନ କରାଯାଇ ଟେଣ୍ଡର କରାଯିବ । କେତେ ଦିନ ଲାଗିବ ତାହା ଜେଏସ୍ଡବ୍ଲୁ କର୍ତ୍ତୃପକ୍ଷ ସ୍ପଷ୍ଟ କରି ନାହାନ୍ତି । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାଧାରଣ ସୁବିଧା ଲାଗି ବଡ ଆମାଉଣ୍ଟର ଅର୍ଥ ଆବଶ୍ୟକତା କରୁଥିବା ନେଇ କେବଳ ଗୋଟିଏ କମ୍ପାନିର ସିଏସ୍ଆର ଫଣ୍ଡ ଯଥେଷ୍ଟ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି । ତେଣୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜେଏସ୍ଡବ୍ଲୁ ସହିତ ଆଉ କେତେକ କମ୍ପାନୀର ସିଏସ୍ଆର ଫଣ୍ଡ ପ୍ରଦାନ କରାଗଲେ ବିଧାୟକ ଯଥାର୍ଥ ଦାବି କରିଥିବା ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ଦାବି ହୋଇଛି ।

# ଗିଫ୍ଟ କାର୍ଡ ଚୋରି ଘଟଣାର ପର୍ଦ୍ଦାଫାଶ



**ତାଳଚେର,୨୯।୭/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ଗୋପାଳ ପ୍ରସାଦ ଥାନା ଅଞ୍ଚଳରେ କିଛି ଦୁର୍ବୃତ୍ତମାନେ ପ୍ରାୟ ୧.୮୦ କୋଟି ଟଙ୍କା ମୂଲ୍ୟର ଗିଫ୍ଟ କାର୍ଡ ଡକାୟତ ଘଟଣାରେ ସଂଶ୍ଳିଷ୍ଟ ଥିବା ଅପରାଧିମାନଙ୍କୁ ଗୋପାଳ ପ୍ରସାଦ ଥାନା ଏବଂ ଅନୁଗୋଳ ସ୍ପେଶାଲସ୍କ୍ୱାର୍ଡ଼ ଧରିବାରେ ବଡ଼ ସଫଳତା ହାସଲ କରିଛି । ଘଟଣାରୁ ପ୍ରକାଶ କିଛି ଦିନ ପୂର୍ବରୁ ପ୍ରାୟ ୧କୋଟି ୮୦ହଜାର ଟଙ୍କାର ଗିଫ୍ଟ କାର୍ଡ ଚୋରୀ ହେବା ଘଟଣାକୁ କେନ୍ଦ୍ରକରି ଥାନାରେ ଲିଖିତ ଅଭିଯୋଗ ହେବାପରେ ଗୋପାଳ ପ୍ରସାଦ ଥାନା ଅଧିକାରୀ ଏହାର ତଦନ୍ତ ଭାର ହାତକୁ ନେଇଥିଲେ । ବିଶ୍ୱସ୍ତ ସୂଚନା ପାଇବାପରେ ୩ଜଣ ଅଭିଯୁକ୍ତଙ୍କୁ ଧରି ପଚରା ଉଚରା କରିବାପରେ ସେମାନଙ୍କ ନିକଟରୁ ମୋଟ ୨ହଜାର ୪ଶହ ୮ଟି ଗିଫ୍ଟ କାର୍ଡ ମଧ୍ୟରୁ ୨ହଜାର ୨ଶହଟି ଉଦ୍ଧାର କରାଯାଇଛି । ଏହା ବ୍ୟତୀତ ତଦନ୍ତ ସମୟରେ ପୁଲିସ୍ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ମହେନ୍ଦ୍ର ରାଉତ ଯିଏ ଭିପିଆର କମ୍ପାନୀର ଜୁନିଅର ପ୍ରଜେକ୍ଟ ମ୍ୟାନେଜର୍ ଅନନ୍ତ ଫିଓ ଅଫିସ୍ ଡେରାରୁ ଛେଣ୍ଡିପଦାକୁ ୬ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ଗିଫ୍ଟ ଭାଉଚର ଏକ ବୋଲେରୋରେ ଯାଉଥିବା ଖବର ସେ ପୂର୍ବରୁ ଜାଣିବା ପାରିଥିଲା । ଅନୁରୂପ ଭାବେ ସେ ତାଳଚେର ବ୍ଲକ ଅନ୍ତର୍ଗତ ଚାଳଗଡ଼ର ଅଭିଯୁକ୍ତ ମାମିନା ଦାସଙ୍କ ସହ ଏକ ଉପଯୁକ୍ତ ସ୍ଥାନରେ ଗିଫ୍ଟ ଭାଉଚର ସମ୍ପର୍କରେ ଡକାୟତ କରିବାକୁ ଯୋଗାଯୋଗ କରିଥିଲେ । ଏହାପରେ ମାମିନା ଦାସ ଅପରାଧ ଘଟାଇବା ପାଇଁ ସୁତାଂଶୁ ଭୂଷଣ ସ୍ୱାଇଁଙ୍କୁ ଯୋଗଯୋଗ କରିଥିଲେ । ଯୋଜନା ଅନୁଯାୟୀ ମାମିନା ଦାସ ତାଙ୍କ ସ୍କର୍ପିଓ ନଂ- ଓଡ଼ି ୧୯ଏଲ-୬୬୯୯ ନମ୍ବର ପ୍ଲେଟକୁ କାଢ଼ିଦେଇ ସେମାନେ ଉକ୍ତ ବୋଲେରୋକୁ ପିଛା କରିବା ସହ ଏକ ନିର୍ଜନ ସ୍ଥାନରେ ୬କାର୍ଟୁନ ଗିଫ୍ଟକାର୍ଡ଼ ନେଇ ସେଠାରୁ ଚମ୍ପଟ କାରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କ ଠାରୁ ମୋଟ ୨ହଜାର ୨ଶହଟି ଗିଫ୍ଟ କାର୍ଡ଼, ଗୋଟିଏ ସ୍କର୍ପିଓ, ନଗଦ ୬ଲକ୍ଷ ୪୭ହଜାର ୨ଶହ ଟଙ୍କା ପ୍ରାୟ ୩ଶହ ୫ଗ୍ରାମ ସୁନା ଅଳଙ୍କାର ଓ ୩ଟି ମୋବାଇଲ ଫୋନ୍ ଜବତ କରିବା ସହ ଏହି ମାମଲାରେ ଅନ୍ୟ ୩ଜଣ ଫେରାର୍ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଅନୁଗୋଳ ଏସ୍ପି ଆଜି ତାଳଚେର ଟାଉନ ଥାନାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ।

# ଫୌଜଦାରୀ ମାମଲରେ ମା'-ଝିଅଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

**ଚଣ୍ଡିଖୋଲ,ବଡ଼ଚଣା,୨୯।୭/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ଉଭୟ ମା' ଓ ଝିଅଙ୍କୁ ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ପାଞ୍ଚ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି । ପ୍ରକାଶ ଗତ ୬ ନଭେମ୍ବର ୨୦୧୦ ମସିହାରେ କଟକ ଜିଲ୍ଲା ଜଗତପୁର ଥାନା ଚାହାପଦା ନିବାସୀ ଅଞ୍ଜନା ରାଉତ ବଡଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ କି ତାଙ୍କ ସ୍ୱାମୀ ଲକ୍ଷ୍ମୀଧର ରାଉତ ବଡଚଣା ଥାନା ନୂଆଗାଁ ତାଙ୍କ ବାପଘରେ ପୁଅ ସହିତ ରହୁଥିଲେ । ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁ ପୂର୍ବ ରାଗ ରଖି ମୋ ସ୍ୱାମୀ ଓ ମୋତେ ୪ ବର୍ଷ ଧରି ମାନସିକ ନିର୍ଯାତନା ଦେଇ ଆସୁଥିଲେ । ଭଦ୍ର ଲୋକଙ୍କ ଉପସ୍ଥିତିରେ ମୋ ସ୍ୱାମୀଙ୍କୁ ଫେରେଇଦେବା ପାଇଁ ଯେତେ କାକୁତିମିନତି ହୋଇଥିଲେ ବି ସେମାନେ ତାଙ୍କୁ କବଜାରେ ରଖିଛାଡୁ ନ ଥିଲେ । ମୋ ସ୍ୱାମୀ ଲକ୍ଷ୍ମୀଧର ରାଉତ ବିଷକ୍ରିୟାରେ ବଡଚଣା ମେଡିକାଲରେ ମୃତ ଅବସ୍ଥାରେ ପଡିଥିବା ଆସି ଦେଖି ସେ ଏଥିପାଇଁ ସାବତ ମା' ବୁଲି ସ୍ୱାଇଁ ଓ ଭଉଣୀ କବିତା ସ୍ୱାଇଁଙ୍କୁ ଦାୟି କରି ଏତଲା ଦେଇଥିଲେ । ୨୦୬/୨୦୧୦ ରେ ଏକ ମାମଲା ବଡଚଣା ଥାନାରେ ପଞ୍ଜିକୃତ ହୋଇଥିଲା ପରେ ଏହି ମାମଲା ସି ଟି କେସ ନଂ ୨୦୬/୨୦୧୨ ଚଣ୍ଡିଖୋଲ କୋର୍ଟରେ ବିଚାରଧୀନ ଥିଲା । ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆଜି ଚଣ୍ଡିଖୋଲ କୋର୍ଟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଉଭୟ ବୁଲି ସ୍ୱାଇଁ ଓ କବିତା ସ୍ୱାଇଁଙ୍କୁ ଭାରତୀୟ ପିଙ୍ଗଳ କୋଡ୍ ଦଫା ୩୦୬/୩୪ ରେ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ୫ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଜରିମାନା ଓ ଜରିମାନା ଅନାଦେୟ ଆଉ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପି ପି ଦେବରାଜ ବେହେରା ପରିଚାଳନା କରୁଥିଲେ । ତତ୍‌କାଳୀନ ବଡଚଣା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝୀ ଏହି କେସ୍‌ର ତଦନ୍ତକାରୀ ଅଧିକାରୀ ଥିଲେ ।

# ଡାକ୍ତରଙ୍କ ଘରୁ ଡକାୟତି ଘଟଣା, ୬ ଗିରଫ





**ଚାନ୍ଦୋଲ,୨୯।୭/ଏନ୍ଏନ୍ଏସ୍:** ଡେରାବିଶ ଥାନା ଅଧିନସ୍ଥ ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଗ୍ରାମର ଡାକ୍ତର ମହମ୍ମଦ ଜଲିଲ୍ ଖାଁଙ୍କୁ ଘରୁ ଚଳିତ ମାସ ୧୦ ତାରିଖରେ ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ୮ ଜଣ ଦୁର୍ବୃତ୍ତ ଲୁଟିନେଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଆଜି ଡେରାବିଶ ପୁଲିସ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ସଦର ଥାନା ଅଧୀନସ୍ଥ ପୋଇଲୋ ଅଞ୍ଚଳର ଅଭିଳାସ ନାୟକ (୨୦), ଡେରାବିଶ ଥାନା ଅଧିନସ୍ଥ ଓଲଡ଼ି ଅଞ୍ଚଳର ପ୍ରଫୁଲ୍ଲ ବେହେରା (୪୩), ସେକ୍ ସରାଫୁଲ ଅଲ୍ଲି (୩୫), ହଳଦିଆ ଅଞ୍ଚଳର ଜାକିର ଖାନ (୪୧) କେନ୍ଦ୍ରାପଡ଼ା ଟାଉନ ଥାନା ରଣପଡ଼ା ଅଞ୍ଚଳର ସେକ୍ ରାଜୁ (୩୨) ଓ ଗରାପୁର ଅଞ୍ଚଳର ଅବୁଜାଫର ଖାଁ (୩୦) । ସମସ୍ତ ଅଭିଯୁକ୍ତମାନଙ୍କୁ ଡେରାବିଶ ପୁଲିସ୍ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସ ପ୍ରକାଶ କରିଛନ୍ତି । ତେବେ ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ବାଇକ୍, ନଗଦ ୫୦ ହଜାର ଟଙ୍କା ଓ ୪ଟି ମୋବାଇଲ ଜବତ ହୋଇଥିବା ଜଣାପଡ଼ିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଦୁର୍ବୃତ୍ତ ଫେରାର ରହିଥିବା ଜଣାଯାଇଛି । ପ୍ରକାଶ, ଚଳିତ ମାସ ୧୦ ତାରିଖ ଅପରାହ୍ନ ୨ଟା ସମୟରେ ତିନୋଟି ବାଇକ୍‌ରେ ୮ ଜଣ ଲୋକ ଆସି ଡାକ୍ତରଙ୍କ ଘରୁ ଲୁଟ କରିଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ଅଭିଯୁକ୍ତ ଡାକ୍ତରଙ୍କ ଘର ସମ୍ମୁଖରେ ରହିଥିବା ବେଳେ ଅନ୍ୟ ୬ଜଣ ଡାକ୍ତରଙ୍କ ଘରକୁ ପଶିଯାଇଥିଲେ । ସେଠାରେ ସେମାନେ ଭୁବନେଶ୍ୱରରୁ ଆସିଥିବା ଭିଜିଲାନ୍ସ ଅଧିକାରୀର ପରିଚୟ ଦେଇ ଚଢ଼ାଉର ବାହାନା କରିଥିଲେ । ଘରର ସମସ୍ତ ସଦସ୍ୟଙ୍କ ମୋବାଇଲ୍ ନିଜ କବଜାକୁ ନେବା ସହିତ ଘରର ସିସିଟିଭି ସଂଯୋଗକୁ କାଟି ଦେଇଥିଲେ । ପରେ ଘରର ସମସ୍ତ ଆଲମିରା ଓ ଲକର ଖୋଲି ଘରେ ଥିବା ସମସ୍ତ ସୁନା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ । ଏଥିସହିତ ଘରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଘରେ ପୁରାଇ ବାହାରୁ ବନ୍ଦ କରି ସେମାନେ ଆରାମରେ ଘଟଣାସ୍ଥଳରୁ ଚମ୍ପଟ ମଧ୍ୟ ମାରିଥିଲେ । ତେବେ ଏହି ଦୁର୍ବୃତ୍ତମାନେ ଭିଜିଲାନ୍ସ ଚଢ଼ାଉ ଆଳରେ ପାଖାପାଖି ଦେଢ଼ଘଣ୍ଟା ଧରି ଡାକ୍ତରଙ୍କ ଘରେ ଲୁଟପାଟ କରିଥିଲେ ମଧ ନିକଟସ୍ଥ କେହି ପଡ଼ୋଶୀ ଲୁଟର ସୁରକ ମଧ ପାଇନଥିଲେ । ଏ ସମ୍ପର୍କରେ ଡାକ୍ତର ଜଲିଲ ଡେରାବିଶ ଥାନାରେ ଅଭିଯୋଗ କରିବାପରେ ଡେରାବିଶ ପୁଲିସ ୧୧୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ।

# ଆଇଏନ୍‌ଟିୟୁସି ଯୁବ ସଭାପତିଙ୍କୁ ଶୁଭେଚ୍ଛା



**କେନ୍ଦ୍ରାପଡ଼ା,୨୯।୭/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ମଜଦୁର କଂଗ୍ରେସ ଯୁବ ଶାଖାର ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ରଶ୍ମୀ ରଞ୍ଜନ ଚୌଧୁରୀଙ୍କୁ କେନ୍ଦ୍ରାପଡା ଜିଲ୍ଲା ଯୁବଶାଖା ଆଇଏନ୍‌ଟିୟୁସି ର ସଭାପତି ରୂପେ ମନୋନୀତ କରିଛନ୍ତି । ଆଇଏନ୍‌ଟିୟୁସିର ଉପସଭାପତି ମଦନ ମୋହନ ଧଳ, ସାଧାରଣ ସଂପାଦକ କିଶୋର ଚନ୍ଦ୍ର ଜେନା, ଜାତୀୟ ସଂଗଠକ ସତ୍ୟବ୍ରତ ନାୟକ ପ୍ରଭୃତି ଶ୍ରମିକ ନେତା ମାନଙ୍କ ସୁପାରିଶ ଓ ଆଇଏନ୍‌ଟିୟୁସି ଜାତୀୟ ଉପାଧକ୍ଷ ତଥା ଓଡିଶା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଅନୁମୋଦନ କ୍ରମେ ଶ୍ରୀ ଚୌଧୁରୀ ମନୋନୀତ ହୋଇ ଥିବାରୁ ଶ୍ରୀ ଚୌଧୁରୀ ସମସ୍ତଙ୍କ ପ୍ରତି କୃତଜ୍ଞତା ଅର୍ପଣ କରିବା ସହିତ ନିଷ୍ଠାପର ଭାବରେ ଆଇଏନ୍‌ଟିୟୁସିର ସଂଗଠନକୁ ସୁଦୃଢ କରାଇ ଜିଲ୍ଲାର କୃଷକ ଓ ଶ୍ରମିକମାନଙ୍କ ସ୍ୱାର୍ଥ ସାଧନ ପାଇଁ ଅନବରତ ସଂଗ୍ରାମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ଚୌଧୁରୀ ସଭାପତି ଭାବେ ନିଯୁକ୍ତି ପାଇଥିବାରୁ ରାଜ୍ୟଯୁବ କଂଗ୍ରେସ ନେତା ତଥା ବିଧାୟକ ସାଗର ଦାସ ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲାର ବରିଷ୍ଠ ଶ୍ରମିକ ନେତା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୁଲିଆ ସଂଘର ସଭାପତି ଫକୀର ଚରଣ ଖଟୁଆ, ଉପସଭାପତି ବିଧୁଭୂଷଣ ମହାପାତ୍ର, ରାଜ୍ୟ ଗ୍ରାମୀଣ ଚାଷୀ ମୁଲିଆ ସଂଘର ସଭାପତି ବସନ୍ତ କୁମାର ସେଠୀ, ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି ମୁକ୍ତାର ଖାଁ, ଶ୍ରମିକ ନେତା ସଞ୍ଜୀବ କୁମାର ରାଉତରାୟ, ବିରଜା ପ୍ରସାଦ ମହାନ୍ତି, ଉମେଶ ପାଢୀ, ରବିନ୍ଦ୍ର ପରିଡା, ମମତା ଦାସ, ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରୀ ଚୌଧୁରୀଙ୍କୁ ଯଥାର୍ଥ କରି ଚୟନ କରିଥିବାରୁ ଆଇଏନ୍‌ଟିୟୁସି ନେତୃ ମଣ୍ଡଳୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଶ୍ରୀ ଚୌଧୁରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଯୋଗାଣ ମନ୍ତ୍ରୀଙ୍କୁ ଠକେଇ ମାମଲା, ଅଭିଯୁକ୍ତ ଗିରଫ



**ଢେଙ୍କାନାଳ,୨୯।୭/ଏନ୍ଏନ୍ଏସ୍:** ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏକ ଜାଗା କିଣା ବାବଦରେ ୨୫ଲକ୍ଷ ଠକେଇର ଶିକାର ଘଟଣାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଟାଉନ ପୁଲିସ । ତେବେ ଏହି ଘଟଣାର ଅଭିଯୁକ୍ତ କିଛି ଚାଞ୍ଚଲ୍ୟକର ତଥ୍ୟ ଓଗାଳିଥିବା ପରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ନେଇ ରାଜ୍ୟ ରାଜନୀତିରେ ପୁଣି ଚର୍ଚ୍ଚା ଜୋର ଧରିଛି । ଠକେଇ ତ ଠକେଇ , ପୁଣି ମନ୍ତ୍ରୀଙ୍କୁ ଠକେଇ । ରାଜ୍ୟରେ ସବୁବେଳେ ରାଜ୍ୟ ରାଜନୀତିରେ ଚର୍ଚ୍ଚାରେ ରହିଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋଦ ଠକେଇର ଶିକାର । ଜାଗା ଦେବାକୁ କହି ଦଲାଲ ତାଙ୍କଠାରୁ ୨୫ଲକ୍ଷ ଟଙ୍କା ଠକି ନେଇଥିବା ଖୋଦ ମନ୍ତ୍ରୀ ଢେଙ୍କାନାଳ ଟାଉନ ଥାନାରେ ଅଭିଯୋଗ କରିବା ପରେ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହି ମାମଲାରେ ପୁଲିସ ଆଜି ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ବଣସିଂହ ଗ୍ରାମର ନିରଞ୍ଜନ ଶତପଥୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ କେଉଁ ଜାଗା, କେତେ ଜାଗା ଆଉ କେତେ ଟଙ୍କାର ଡିଲ ହୋଇଥିଲା ବୋଲି ମନ୍ତ୍ରୀ ୨୫ଲକ୍ଷ ଠକେଇ ଟଙ୍କାର ହେଲେ ସେ ସମ୍ପର୍କରେ ପୁଲିସ କୌଣସି ସୁଚନା ଦେଉନାହିଁ । କେବଳ ଜାଗା ବାବଦକୁ ୨୫ଲକ୍ଷ ଅଗ୍ରୀମ ନେଇ ଜାଗା ନ ଦେଇ ନଥିଲେ । ଆଉ ଟଙ୍କା ଫେରସ୍ତ ପାଇଁ ଦୁଇଟି ଚେକ ଦେଇଥିଲେ ମଧ ଚେକ୍ ବାଉନସ ହେବା ପରେ ଆଉ ଧରା ଛୁଆଁ ନଦେବା ଅଭିଯୋଗରେ ଉଲ୍ଲେଖ ରହିଛି । ଅଭିଯୋଗକୁ ଭିତିକରି ଟାଉନ ଥାନାରେ ଏକ ଠକେଇ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛୁ ଓ ଜାଗା ସମ୍ପର୍କରେ ତଦନ୍ତ ଚାଲିଛି ଆମେ ଚାର୍ଜସିଟରେ ଦାଖଲ କରିବୁ ବୋଲି ଢେଙ୍କାନାଳ ଏସ ପି ଅଭିନବ ସୋନକର ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର



**ଯାଜପୁର,୨୯।୭/ଏନ୍ଏନ୍ଏସ୍:** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବୃତ୍ତିଗତ ସମସ୍ୟା ଓ କେତେକ ନାର୍ଯ୍ୟ ଦାବିନେଇ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ଶାଖା ନିଷ୍ପତ୍ତି କ୍ରମେ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଚଳିତ ସ୍ୱାସ୍ଥ୍ୟବିମା ଯୋଜନାକୁ ୫ରୁ ୧୦ ଲକ୍ଷକୁ ବୃଦ୍ଧି ସହିତ ସେଥିରେ ପିତାମାତା ଓ ୨୫ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ,ବୃଦ୍ଧ ସାମ୍ବାଦିକମାନଙ୍କୁ ଦେଶର ଅନ୍ୟ ୧୮ଟି ରାଜ୍ୟପରି ମାସିକ ୧୫ ହଜାର ଟଙ୍କା ପେନସନ ପ୍ରଦାନ, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପରି ଦାବି ପୁରଣ ପାଇଁ ଏହି ଦାବିପତ୍ର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ହରିହର ସ୍ୱାଇଁ,ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ବରିଷ୍ଠ ସାମ୍ବାଦିକ ରଙ୍ଗବଲଭ ସାହୁ, ପ୍ରଦୀପ ଚାନ୍ଦ, ପବିତ୍ର ମହାନ୍ତି, ଜୟପ୍ରକାଶ ନାୟକ, ସତ୍ୟ ରଞ୍ଜନ ସାହୁ, କଳ୍ପତରୁ ପଣ୍ଡା,ସଞ୍ଜୟ କର ପ୍ରମୁଖ ନୂତନ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପାରା କ୍ରୀଡବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ



**କେନ୍ଦ୍ରାପଡ଼ା,୨୯।୭/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାର ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଜାତୀୟସ୍ତରୀୟ ପାରା କ୍ରୀଡ଼ାବିତ୍ ସୁଧୀର ମଲିକଙ୍କୁ କ୍ରୀଡା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଆସନ୍ତା ଅକ୍ଟୋବର ମାସରେ ଗୋଆ ଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ବୋସିଆ ନ୍ୟାସନାଲ୍ ଫେଡେରେସନ୍ କପ୍ , ୨୦୨୫ ରେ ଅଂଶଗ୍ରହଣ ଦେୟ ବାବଦେ ଏହି ଆର୍ଥିକ ସହାୟତା ରାଶି ତାଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଚେକ୍ ଆକାରରେ ଏହି ଅର୍ଥ ପାରାକ୍ରୀଡ଼ାବିତ୍ ଙ୍କୁ ପ୍ରଦାନ କରିଥିଲେ । ପ୍ରକାଶ, ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ହାଇଦ୍ରାବାଦ ସହରରେ କମ୍ପାନୀର ମାର୍କେଟିଙ୍ଗ୍ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଭିନ୍ନକ୍ଷମ ହୋଇ ପଡ଼ିଥିଲେ । ମାତ୍ର ପାରାକ୍ରୀଡା ପ୍ରତି ନିଜର ଆଗ୍ରହ ରଖି ସେ ଗତବର୍ଷ ମଧ ଏହି ବୋସିଆ କ୍ରୀଡାରେ ଭାଗ ନେଇ ସଫଳତା ଅର୍ଜନ କରିଥିଲେ । ମାଧପୁରସ୍ଥିତ ପୁନର୍ବାସ କାର୍ଯ୍ୟାଳୟରେ ଏହି ଅଣଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହ ସମ୍ପାଦକ ବଂଶୀଧର ମହାନ୍ତି, କୋଷାଧକ୍ଷ ଆଇନଜୀବି ଶିବ ଚରଣ ସାମଲ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମହମ୍ମଦ ଜାହିଦ୍ ଖାନ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ୍

**ଧର୍ମଶାଳା,୨୯।୭/ଏନ୍ଏନ୍ଏସ୍:** ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବାରୁ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଧର୍ମଶାଳା ଅଞ୍ଚଳରେ କଲେରା ବ୍ୟାପିଥିବା ସମୟରେ ଜୁନ୍ ୧୬ ତାରିଖରେ ଡାକ୍ତରଖାନାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଆଶ୍ୱତି ଏସ ସ୍ଥିତି ପରକ୍ଷୀବାକୁ ଆସିଥିବା ବେଳେ ଏଠାରେ ଥିବା ଡକ୍ତରଖାନା ଅଧିକାରୀ ଡା. ସୁଧିର କୁମାର ସାହୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅନୁଭବ କରିଥିଲେ । ଏନେଇ ସେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ସାହୁଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ସଂଖ୍ୟା ୨୧୭୨୧ରେ ଚିଠି ଜାରି କରାଯାଇଛି । ଏକ ସପ୍ତାହ ମଧ୍ୟରେ ଡା. ସାହୁ ଏସମ୍ପର୍କରେ ସନ୍ତୋଷ ଜନକ ଉତ୍ତର ନରଖିଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ପ୍ରକାଶ, ଗତ ଜୁନ୍ ୧୮ ତାରିଖରେ ସମାନ ଘଟଣାରେ କାର୍ଯ୍ୟ ଅବହେଳା ଯୋଗୁଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ ମହାରଣାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଚିଠି ଜାରି ହେବା ପରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ସରକାରୀ କର୍ମଚାରୀମାନେ ନିଜ ଦାୟିତ୍ୱ ପ୍ରତି ଯତ୍ନବାନ ହେବାକୁ ସରକାରଙ୍କ ତରଫରୁ ନିଆଯାଉଥିବା ଏଭଳି ତ୍ୱରିତ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଶାଶୂ ଓ ଶାଳୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଜ୍ୱାଇଁ ଗିରଫ

**କୁଆଖିଆ,୨୯।୭/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମଖଣ୍ଡ ଗ୍ରାମରେ କେନ୍ଦୁଝର ରାମଚନ୍ଦ୍ରପୁର ଅଞ୍ଚଳର କୃଷ୍ଣ ଚନ୍ଦ୍ର ଗୁମାନ(୩୨) ବର୍ଷେ ହେବ ବିବାହ କରି ସେଠାରେ ରୁହନ୍ତି । ପୁଣି ନିଜ ଘରକୁ ପଳାଇଯାଆନ୍ତି । କୃଷ୍ଣ ଚନ୍ଦ୍ର ୨୭ ତାରିଖ ରାତିରେ ହଟାତ ଆସି ପ୍ରଥମଖଣ୍ଡରେ ପହଞ୍ଚି ଅତର୍କିତ ଭାବେ ଶାଶୁ, ଶାଳୀଙ୍କୁ ମାଡ଼ ମାରିଥିଲେ । ଏ ସମ୍ପର୍କରେ ଶାଶୂ ସୁଷମା ସାମଲ କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ଏସ୍ଆଇ ଜ୍ୟୋତି ମହାପାତ୍ର ଘଟଣାର ତଦନ୍ତ କରିଥିଲେ । ଆଜି କେଶ ନଂ ୨୮୭ରେ ମାମଲା ରୁଜୁ ହୋଇ ଜ୍ୱାଇଁ କୃଷ୍ଣ ଚନ୍ଦ୍ର ଗୁମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଏସ୍ଆଇ ଜ୍ୟୋତି ମହାପାତ୍ର ସୂଚନା ଦେଇଛନ୍ତି ।

# ଧର୍ମଶାଳା ଗସ୍ତରେ କଂଗ୍ରେସ ଅନୁଧାନକାରୀ ଟିମ୍



**ଧର୍ମଶାଳା,୨୯।୭/ଏନ୍ଏନ୍ଏସ୍:** ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ କଂଗ୍ରେସର ତଥ୍ୟ ଅନୁଧାନ କମିଟି ଗସ୍ତ କରି ସେଠାକାର ସମସ୍ୟା ପ୍ରତି ଅବଗତ ହେବା ସହ ଏହାର ସମାଧାନ କରିବାକୁ ଦାବି କରାଯାଇଛି । ପରିବେଷ ବିସ୍ଥାପନ ଓ ଜୀବିକା କମିଟିର ଅଧକ୍ଷ ତଥା କଂଗ୍ରେସ ନେତା ଅଶୋକ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଏଠାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏହି ପ୍ରତିନିଧି ଦଳ ସ୍ଥାନୀୟ ହରିଦାସପୁର ଠାରେ ସ୍ଥାପିତ ରାମକୋ ସିମେଣ୍ଟ କାରଖାନା ବୁଲି ଦେଖିବା ସହିତ ଏହି କାରଖାନା ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଏଠାରେ କୁଶଳି ଓ ଅଣ କୁଶଳୀ କାରିଗରମାନେ ରହୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ସିମେଣ୍ଟ କାରଖାନାରେ ନିଯୁକ୍ତି ନଦେଇ ବାହାର ରାଜ୍ୟର କର୍ମଚାରୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିବାରୁ କ୍ଷୋଭ ବ୍ୟକ୍ତ କରିଥିଲେ । ସେହିପରି ଏଠାରେ ଗଢ଼ିଉଠିଥିବା ବେଆଇନ କ୍ରସର ଗୁଡିକ ବୁଲି ଦେଖିବା ସହିତ କ୍ରସର ଗୁଣ୍ଡରେ ଶହ ଶହ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହେଉଥିବା ଅନୁଭବ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଭେଟି ଆଲୋଚନା କରିଥିଲେ । ସେହିପରି ଏଠାରେ ଚାଷ ଜମିକୁ ଜଳ ସେଚିତ କରିବା ଲାଗିଥିବା କେନାଲ ଗୁଡିକରେ ଏବେ ସୁଦ୍ଧା ପାଣି ନଆସିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପରେ ଏହି ଟିମ ବହୁଚର୍ଚ୍ଚିତ କ୍ରସର ହତ୍ୟାକାଣ୍ଡରେ ମୃତ୍ୟୁ ବରଣ କରିଥିବା ଅର୍ଜିତ ଜେନାଙ୍କ ଘରକୁ ଯାଇ ତାଙ୍କ ବପା ମାଆକୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ପରେ ଏମାନେ ଜାରକା କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଘଟଣା ଉପରେ ଆଲୋଚନା କରିବା ସହ ଏହାର ସମାଧାନ କରିବାକୁ ଚଳିତ ବିଧାନ ସଭା ଗୃହରେ ଉତଥାପନ କରାଯିବ ବୋଲି କହିଥିଲେ । ଏହି ଅନୁଧାନକାରୀ ଦଳରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଆବାହକ ସୁଧାଂଶୁ ଶେଖର ଦେଓ, ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡା, ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ମାଗୁଣି ଜେନା, ସଞ୍ଜୟ କୁମାର ରାଉତ, ରାକେଶ ସାହୁ , କାର୍ତ୍ତିକ ସାହୁ ପ୍ରମୁଖ ସାମିଲ ଥିଲେ ।

# ନଦୀକୁ ଡେଇଁ ଯୁବକ ନିଖୋଜ

**ରାଜନଗର,୨୯।୭/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ଖମାରସାହି ପଞ୍ଚାୟତ ନଳିତାପାଟିଆ ଗ୍ରାମର ଚୈତନ୍ୟ ଚରଣ ନାୟକଙ୍କ ପୁଅ ରାଜୀବ ଲୋଚନ ନାୟକ (୩୨) ସୋମବାର ରାତି ଆଠଟା ସମୟରେ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିବା ଖବର ମିଳିଛି । ରାଜୀବ ନିଜ ଗ୍ରାମ ନିକଟରେ ଥିବା ଲଞ୍ଚ ଓ ଡ଼ଙ୍ଗା ଲାଗୁଥିବା ଜେଟିରେ ନଦୀକୁ ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି । ଖବର ପାଇ ପୁଲିସ ଖୋଜାଖୋଜି କରିଥିଲେ ମଧ୍ୟ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ରିପୋର୍ଟ ଲେଖା ହେବାଯାଏ କୌଣସି ସନ୍ଧାନ ମିଳିନଥିବା ତାଳଚୁଆ ସାମୁଦ୍ରିକ ଥାନାଧିକାରୀ ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ପାରିବାରିକ କଳହରୁ ରାଜୀବ ନଦୀକୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଏ ।

# ବିଦେଶରେ ବନ୍ଦୀ ୪ ଓଡ଼ିଆ



**ଆଳି,୨୯।୭/ଏନ୍ଏନ୍ଏସ୍:** ଠିକାଦାର ଠକିଦେଲା । ଯେଉଁ କାମ କରିବାକୁ କହି ଘରୁ ନେଲା ହେଲେ ଏକ ମାସ କାମ କରିବା ପରେ ଅନ୍ୟ କାମରେ ନିୟୋଜିତ କଲା । ପ୍ରତିବାଦ କଲେ ହେଲା ମାଡ଼ । ଖାଇବା ପିଇବା ବନ୍ଦ ସାଙ୍ଗକୁ ଦରମା ଟଙ୍କା ଦେଉନାହାନ୍ତି । ଘରକୁ ଫେରେଇ ଆଣିବାକୁ ଭିଡିଓ କରି ରାଜ୍ୟ ସରକାରଙ୍କୁ କଲେ ଗୁହାରି । ପ୍ରକାଶ, ଆଳି ଥାନା ଅଞ୍ଚଳର ବଡ଼ଆଙ୍କୋ ଗାଁ ରେ ସନାତନ ବାରିକଙ୍କ ପୁଅ ସତ୍ୟରଞ୍ଜନ, ମେଘୁ ପ୍ରଧାନଙ୍କ ପୁଅ ଗଦାଧର, ଗୋବର୍ଦ୍ଧନ ସାମଲଙ୍କ ପୁଅ ସୁମନ ଓ ରାଜକନିକା ଜୟନଗର ଗାଁ ର ଅନନ୍ତ ଚରଣ ନାୟକଙ୍କ ପୁଅ ଲକ୍ଷ୍ମୀଧର । ପାଞ୍ଚ ମାସ ହେବ ଲାଓସ ସହରର ହଂକଂ ପ୍ଲାଏ ଉଡ ପ୍ରାଇଭେଟ କମ୍ପାନୀରେ କାମ କରାଇ ଅଧିକ ଟଙ୍କା ଦେବ କହି ଘରୁ ବିଦେଶ ନେଇ ଯାଇଥିଲେ । ହେଲେ ସେଠାରେ ପହଞ୍ଚିବା ପରେ ସବୁ ଓଲଟ ପାଲଟ ଏବେ ଭିଡିଓ କରି ଗାଁ କୁ ନେଇଯିବାକୁ ଓଡିଶା ସରକାରଙ୍କୁ କଲେ ନିବେଦନ । ଅନ୍ୟପଟେ ସମସ୍ତଙ୍କ ପରିବାର ଲୋକଙ୍କ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

## ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି, ୪ଘଣ୍ଟା ଦର୍ଶନ ବନ୍ଦ

**କେନ୍ଦ୍ରାପଡ଼ା,୨୯।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି । ଆସନ୍ତାକାଲି (ବୁଧବାର) ସକାଳ ୮ଟା ରୁ ୧୨ଟା ପର୍ଯ୍ୟନ୍ତ ଘଣ୍ଟା ଦର୍ଶନ ବନ୍ଦ । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜିଉଙ୍କର ମୁଖ ଶୃଙ୍ଗାର ନୀତି କରାଯିବ ଛଅ ୩୦ରୁ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି କରାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମାଳ ଓ ଲାଗି କରାଯାଇ ପ୍ରଭୁଙ୍କ ସୁବର୍ଣ୍ଣ ତିଳକ ବଡ଼ ପଣ୍ଡା ଦାୟିତ୍ୱ ହସ୍ତାନ୍ତର ପରେ ଚିତ୍ର କାର ସେବକ ରତ୍ନ ସିଂହାସନକୁ ଯାଇ ଶ୍ରୀଅଙ୍ଗ ସ୍ୱର୍ଣ୍ଣ ପରେ ମୁଖ ଶୃଙ୍ଗାର ନୀତି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହା ସୁପ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ଭକ୍ତ ସର୍ବସାଧାରଣ ପାଇଁ ସକାଳ ୮ ରୁ ୧୨ଟା ଚାରିଘଣ୍ଟା ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା




**ଯାଜପୁର,୨୯।୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ସ୍ତରୀୟ ଏଚ୍‌ଆଇଭି ଏଡସ୍ କୁଇଜ୍ ପ୍ରତିଯୋଗିତା ପିଏମଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ, ଯାଜପୁର ଠାରେ ଓଡ଼ିଶା ଓ କମିଶ ରେଡକ୍ରସର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ୧୦ଗୋଟି ବ୍ଲକ୍‌ର ୨୦ଟି ରେଡ ରିବନ୍ ବିଦ୍ୟାଳୟରୁ ୧୮ ଜଣ ବାଳକବାଳିକା ଅଂଶଗ୍ରହଣ କରିଥିଲେ । ପିଏମ ଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଶାଳିନୀ ରାୟ ପ୍ରଥମ ସ୍ଥାନ ଓ ଶ୍ରୀବତ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର ଛାତ୍ରୀ ସୋନାଲୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଯୋଗଦାନ କରି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଡସ୍ ରୋଗର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯକ୍ଷ୍ମା ଓ ଏଡସ୍ ନୋଡାଲ ଅଫିସର ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଭଦ୍ରକ କ୍ଲଷ୍ଟରର ଦେବବ୍ରତ ମହାପାତ୍ର, ଯାଜପୁର ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସୁପରଭାଇଜର ଅଶୋକ କୁମାର ନାୟକ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଜାଗୁଲେଇ ସେନାପତି, ଜୁନିୟର ରେଡକ୍ରସ୍ ଅଫିସର ଶଙ୍କର୍ଷଣ ବେହେରା ଯୋଗଦାନ କରି ଏଡସ୍ ରୋଗକୁ କିପରି ନିୟନ୍ତ୍ରଣ କରିହେବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଏଡସ୍ ସେଲର କର୍ମକର୍ତ୍ତା ମଧୁସୂଦନ ସାହୁ ଓ ଦେବେନ୍ଦ୍ର ନାଥ ସ୍ୱାଇଁ, ସୁବାସ ଚନ୍ଦ୍ର ବାରିକ, ବିକାଶ ଚନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସହକାରୀ ଯନ୍ତ୍ରୀଙ୍କ ଲାଞ୍ଚମୋହ ଛାଡୁନି

**ଢେଙ୍କାନାଳ,୨୯।୭/ଏନ୍‌ଏନ୍‌ଏସ୍:** ଦୁଇ ଦୁଇ ଥର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣେ ସହକାରୀ ଯନ୍ତ୍ରୀଙ୍କର ଚୋପି ଛାଡୁନି ଲାଞ୍ଚ ମୋହ । ଏପରି ଏକ ଅଭାବନୀୟ ଘଟଣା ହିନ୍ଦୋଳ ବ୍ଲକରେ ଦେଖିବାକୁ ମିଳିଛି । ଯାହାକୁ ନେଇ ସାରା ହିନ୍ଦୋଳରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ପ୍ରକାଶ, ହିନ୍ଦୋଳ ବ୍ଲକର ଜନୈକ ସହକାରୀ ଯନ୍ତ୍ରୀ ସବୁ ପଞ୍ଚାୟତରେ କାମ ପୂର୍ବରୁ ପର୍ସେଣ୍ଟ ଅଗ୍ରୀମ ପିସି ମାଗୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି । ବେଇମାନୀରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ବିଲ୍ ଦିଆଯାଉନାହିଁ । ଯାହାଫଳରେ ପ୍ରାୟ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ତାଙ୍କୁ ଦାୟିତ୍ୱରୁ ହଟାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଯଦି ସଂପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱରୁ ହଟାଯାଇ ନପାରେ ତେବେ ଆଗାମୀଦିନରେ ଏକ ଜନଆନ୍ଦୋଳନ ଦେଖାଦେବ ବୋଲି ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି । ହିନ୍ଦୋଳ ବ୍ଲକରେ ଦୁଇ ଦୁଇଜଣ ସହକାରୀ ଯନ୍ତ୍ରୀ ଥିବା ସତ୍ତ୍ୱେ ପୂର୍ବରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜନୈକ ସହକାରୀ ଯନ୍ତ୍ରୀଙ୍କୁ କିଏ କେଉଁ ଉଦ୍ଦେଶ୍ୟରେ ଦାୟିତ୍ୱ ହସ୍ତାନ୍ତର କରିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ରାଜନଗର,୨୯।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କୋଇଲିପୁର ପଞ୍ଚାୟତର ଜଣେ ମହିଳାଙ୍କୁ ତାଙ୍କର ଘର ପାଖ ଯୁବକ ତାଙ୍କୁ ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ସଂପୃକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଅସଦାଚରଣ କରିଥିଲେ । ରାଜନଗର ପୁଲିସ ୨୦୪/୨୫ରେ ମାମଲା ରୁଜୁ କରିବା ସହ ସଂପୃକ୍ତ ମହିଳାଙ୍କୁ ଡାକ୍ତରୀ ମାଇନା କରାଇଛି । ଅପରପକ୍ଷରେ ଯୁବକ ଜଣକ ଫେରାର ହୋଇଯାଇଛି ।

## ବିଦ୍ୟୁତ୍ ସଂଯୋଗ ଅନୁମତି ପାଇଁ ଦାବିପତ୍ର



**ତାଳଚେର,୨୯।୭/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ ହେଂସମୂଳ ଗ୍ରାମ ସହରସାହିରେ ନୂତନ ବିଦ୍ୟୁତ୍ ସଂଯୋଗ ଅନୁମତି ଦେବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗାର ଠାରେ ଆୟୋଜିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନୁଗୁଳ ଜିଲ୍ଲାପାଳ ମହମଦ୍ ଅବଦାଲ ଅଖତରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହେଂସମୂଳ ଗ୍ରାମ ସହରସାହିଟି ସ୍ଥାୟୀ ବାସିନ୍ଦା ହୋଇଥିବାରୁ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଛି । ଦୀର୍ଘ ୫୦ ବର୍ଷ ହେବ ଗ୍ରାମବାସୀମାନେ ସେଠାରେ ବସବାସ କରିଆସୁଅଛନ୍ତି । ସେମାନଙ୍କର ସ୍ଥାୟୀ ଭୂମି ପଟ୍ଟା ନାହିଁ । ଭୂମିହୀନ ହୋଇଥିବାରୁ କୋଇଲା ଖଣି କର୍ତ୍ତୃପକ୍ଷ ନଗଦ ଆକାରରେ କ୍ଷତିପୂରଣ ଲାଭ ପ୍ରଦାନ କରିଥିଲେ । ଗତ ୨/୩ ବର୍ଷ ହେଲା ସେମାନେ ମୌଜା ଜିଲିଷାରେ ସରକାରୀ ଜମିରେ ରହୁଅଛନ୍ତି । କିନ୍ତୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉଲ୍ଲେଖ କରାଯାଇଛି । ସମାଜସେବୀ ସାନ୍ତ୍ୱନା ଜାଳଙ୍କ ନେତୃତ୍ୱରେ ଗ୍ରାମ ସଭାପତି ପ୍ରାଣବନ୍ଧୁ ବେହେରା, କବି ବେହେରା, ଦୁଃଶାସନ ଦେହୁରୀ, ଚତୁର୍ଭୁଜ ବେହେରା, ରୀନା ଖଟୁଆ, ମମତା ନାହାକ, ଡଲି ବେହେରା, ସୁକାନ୍ତି ଖଟୁଆ, ଗୀତା ବେହେରା, ପୁଟି ବେହେରା, ଯଶୋବନ୍ତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ୪ ୱାରେଣ୍ଟି ଗିରଫ

**କୁଆଖିଆ,୨୯।୭/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ଗ୍ରାମର ପ୍ରଶାନ୍ତ ବେହେରା ବାପା ବାଇଧର, ଦେବବ୍ରତ ବେହେରା ବାପା କ୍ଷେତ୍ରବାସୀ, ଧନେଶ୍ୱର ବେହେରା ବାପା ପଦନ ବେହେରାଙ୍କୁ କୁଆଖିଆ ପୁଲିସ କେଶ ନଂ ୩୮୭/୨୦ ମସିହା ୱାରେଣ୍ଟିରେ ଆଜି ଗିରଫ କରାଯାଇଛି । ସେହିପରି ଗୋପୀନାଥପୁର ଗ୍ରାମର ଅନ୍ତରୀକ୍ଷ ପଟ୍ଟନାୟକ ଚେକ୍‌ବାଉନ୍ସ ମାମଲା ୱାରେଣ୍ଟିରେ ଗିରଫ ହୋଇଛନ୍ତି । ଏହି ୪ ଜଣଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି ।

## ରାସ୍ତା ଅବସ୍ଥା ଶୋଚନୀୟ

**ରାଜନଗର,୨୯।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ହାତିନା ପଞ୍ଚାୟତ କଏଥା ଦଳିତବସ୍ତିରେ ଥିବା ରାସ୍ତା ଅବସ୍ଥା ବର୍ଷାରେ ବେହାଲ ହୋଇପଡିଛି । ଘରୁ ବାହାରିବା ସେମାନଙ୍କୁ କଷ୍ଟକର ହେଉଛି । ମଙ୍ଗଳବାର ସେମାନେ ରାଜନଗର ବିଡିଓ ଅନିରୁଦ୍ଧ ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏହି ବସ୍ତିରେ ୭୦ଟି ପରିବାର ରହୁଛନ୍ତି । ସେମାନଙ୍କ ବସ୍ତିଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାଯାଏ କଚାରାସ୍ତା ରହିଛି । ବର୍ଷାରେ ଟ୍ରାକ୍ଟର ଯାଇ ଗାଡ ସୃଷ୍ଟି କରିଦେଇଛି । ଏପରିକି ଗାଁ ମୁଣ୍ଡରେ ଥିବା ନଳକୂପରୁ ପିଇବା ପାଣି ଆଣିବା କଷ୍ଟକର ହେଉଛି । ବର୍ଷାଜଳ ଜମିରହିବା ସହ କାଦୁଅ ପଙ୍କରେ ଯିବା ଆସିବା କରିହେଉନାହିଁ । ଏହି ଗ୍ରାମର କାମିନୀ ଯେନା, ଚୁମୁକି ଯେନା, ସାନ୍ତିଲତା ଯେନା, କୌଶଲ୍ୟା ଦାସ, ପୁଷ୍ପଲତା ନାୟକ, ପାର୍ବତୀ ଦାସ, କବିତା ଦାସ, ରଞ୍ଜିତା ଯେନା, ରେଖା ଯେନା,ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ମହିଳାମାନେ ବ୍ଲକ ପରିସରକୁ ଆସି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ।

# ଚଳିତ ଖରିଫ୍‌ରେ ୧୦୦୮୧୫ ହେକ୍ଟର୍ ଜମିରେ କୃଷି କାର୍ଯ୍ୟ



**ଜଗତ୍‌ସିଂହପୁର,୨୯।୭/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହ ଠାରେ ଜିଲ୍ଲା କୃଷି ବିଭାଗ ଅନୁକୂଲ୍ୟରେ ଖରିଫ୍ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ଖରିଫ ଋତୁ ୨୦୨୫ରେ ସମସ୍ତ ଫସଲକୁ ମିଶାଇ ମୋଟ ୧୦୦୮୧୫ ହେକ୍ଟର ଜମିରେ କୃଷି କାର୍ଯ୍ୟ ନିର୍ଦ୍ଧାରଣର ଲକ୍ଷ ରଖାଯାଇଛି । ସେଥି ମଧ୍ୟରୁ ୮୯୨୧୦ ହେକ୍ଟର ଜମିରେ ଖାଦ୍ୟଶସ୍ୟ, ୧୭୦ ହେକ୍ଟର ଡାଲି ଜାତୀୟ ଫସଲ, ୯୩୦୦ହେକ୍ଟର ଜମିରେ ପନିପରିବା ଚାଷ, ୧୪୫୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୨୦ହେକ୍ଟର ଜମିରେ ସବୁଜ ଗୋଖାଦ୍ୟ, ୫୯୫ ହେକ୍ଟର ଜମିରେ ଆଖୁ ଚାଷ ନିମନ୍ତେ ଲକ୍ଷ ରଖା ଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଏହା ବ୍ୟତିତ ତାଳଦଣ୍ଡା, ମାଛଗାଁ କେନାଲ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳ ସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୭୫୮୨୨ ହେକ୍ଟର ଜମିରେ ଜଳ ସେଚନ ସୁବିଧା ରହିଛି । ୫୨୦୦ କ୍ୱିଣ୍ଟାଲ ଧାନ ବିହନ, ୪୧୨ କ୍ୱିଣ୍ଟାଲ ଧଣୀଚା ମଞ୍ଜି, ୨କ୍ୱିଣ୍ଟାଲ ବିରି ମଞ୍ଜି ପାଇଁ ଇଟେଣ୍ଡର ଦିଆ ଯାଇଛି । ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ ଜରିଆରେ ୪୨୨୭୫୫.୯୩ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବାର ଲକ୍ଷ ରହିଛି । ଖସଡା ଧାନ ଚାଷ, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ, ଇ-ପେଷ୍ଟ, ସରଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ, ମିଲେଟ୍ ମିଶନ, ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆ ଯାଉଛି । ଚଳିତ ବର୍ଷ ୧.୧୦ କ୍ୱିଣ୍ଟାଲ ମାଣ୍ଡିଆ ବିହନ, ୦.୩୦କ୍ୱିଣ୍ଟାଲ ଯୋଓ୍ୱାର, ୦.୧୦କ୍ୱିଣ୍ଟାଲ ବାଜରା ମଞ୍ଜି ଦିଆ ଯାଇଛି । ଚାଷୀ ମାନଙ୍କୁ ୯୯୫୫ କିଲୋ ଏନ୍.ପି.କେ ସାର ଯୋଗାଇ ଦିଆ ଯିବାର ଲକ୍ଷ ରଖା ଯାଇଥିବା ସୂଚନା ପ୍ରଦାନ କରିଥିଲେ । ଏହାବ୍ୟତିତ ଗତ ରବି ଋତୁରେ ଜିଲ୍ଲାରେ ୮୭୬୮୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର, ବାଦାମ, ରାଶି ଆଦି ଚାଷ କରା ଯାଇଥିଲା । ମୋଟ୍ ୬୮୨୪୧ହେକ୍ଟର ଜମିରେ ଡାଲି ଯାତୀୟ ଫସଲ କରା ଯାଇଥିଲା । ଏହା ବ୍ୟତିତ ସୂର୍ଯ୍ୟମୁଖୀ, ଆଳୁ, ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ, ଧନିଆ, ଆଖୁଚାଷ କରା ଯାଇଥିବା ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲାପାଳ ଜେ ସୋନାଲ ଅଧ୍ୟକ୍ଷତା କରି କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇ ପାରିବେ ସେଥିପ୍ରତି କୃଷି ବିଭାଗର ଅଧିକାରୀମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ସେସବୁ ଯୋଜନା ମଧ୍ୟରେ କୃଷକଙ୍କ ନିମନ୍ତେ ଥିବା ସମସ୍ତ ଯୋଜନା ଓ ସବସିଡ୍ ଯୋଜନାର ବ୍ୟପକ ପ୍ରଚାର ପ୍ରସାର, କୃଷକ ସମ୍ପର୍କରେ ମେଳା, କୃଷି ସଚେତନ କାର୍ଯ୍ୟକ୍ରମ, ଅଡିଓ ଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଇତ୍ୟାଦି ହିତାଧିକାରୀଙ୍କ ପାଖରେ ପହଂଚାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସିଏମ୍ କିଷାନ ଯୋଜନାରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଚାଷୀଙ୍କୁ ସଠିକ୍ ବିହନ ସଠିକ ସମୟରେ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମବାୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅର୍ଗାନିକ ଫାର୍ମିଂ ପଣ୍ଡର ସଦୁପଯୋଗ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଯୋଗ ଦେଇ, ବାତ୍ୟା ଓ ବନ୍ୟା ପ୍ରବଣ ଏହି ଜିଲ୍ଲାର ତଳିଆ ଅଂଚଳ ମାନଙ୍କରେ ଯେପରି ଅଧିକ ପାଣି ଜମି ନରୁହେ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ବ୍ୟତିତ ବୈଠକରେ ବିହନ ଯୋଗାଣ, ରସାୟନ ସାର, ଫସଲ ସୁରକ୍ଷା, ମୃତିକା ସଂରକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକଶ ଯୋଜନା, ଉଦ୍ୟାନ କୃଷି ଓ ମୃତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା କରା ଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଲିଡ୍ ବ୍ୟାଙ୍କ ମ୍ୟାନେଜର, ସହକାରୀ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଅନିଲ କୁମାର ସେଠୀ, ମୃତିକା ସଂରକ୍ଷଣ ଅଧିକାରୀ, ତିର୍ତ୍ତୋଲ ଜିଲ୍ଲା କୃଷି ଅଧିକାରୀ ସୌଭାଗ୍ୟ କୁମାର ମହାନ୍ତି, ଜଗତସିଂହପୁର ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରିୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରାସ୍ତା ସମସ୍ୟାକୁ ନେଇ ଚକ ଅଖ ବନ୍ଦ



**ତାଳଚେର,୨୯।୭/ଏନ୍‌ଏନ୍‌ଏସ୍:** ତାଳଚେର ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଗୋଡିବନ୍ଧ ଠାରୁ ବଆଁରପାଳ ପର୍ଯ୍ୟନ୍ତ ଭାୟା ବହ୍ଳର ରାସ୍ତା ଶୋଚନୀୟକୁ ନେଇ ଆଜି ତାଳଚେରରୁ ବସ୍ ଚଳାଚଳ ବନ୍ଦ ରହିଥିଲା । ତାଳଚେର ବସ୍ ମାଲିକ ସଂଘର ସଭାପତି ଇ. ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକ ମାନେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ଏବଂ ଏହି ଆଧାରରେ ଆଜି ବସ୍ ଚଳାଚଳ ବନ୍ଦ ରହିଥିଲା । ଉଲ୍ଲେଖ କରାଯାଇଅଛି ଯେ, ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ତାଳଚେରରୁ ଯାଉଥିବା ବସ୍ ଗୁଡିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ ଓ ରାସ୍ତା ଅତ୍ୟନ୍ତ ସାଂଘାତିକ ଅବସ୍ଥା ହୋଇପଡ଼ିଥିବାରୁ ବସ୍ ଗୁଡିକର ଯାନ୍ତ୍ରୀକ କ୍ଷତି ହେବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଅଛି । ଯାହା ଫଳରେ ତାଳଚେର ବସ୍ ଗୁଡିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ନପାରିବା, ଅନ୍ୟ ବସଷ୍ଟାଣ୍ଡ ଗୁଡ଼ିକରୁ ଯାତ୍ରୀ ଉଠାଇ ନପାରିବା ହେତୁ ମାଲିକ ମାନଙ୍କର ଆର୍ଥିକ କ୍ଷତି ଘଟୁଅଛି । ଏହାକୁ ସହୃଦୟତାର ସହ ସମାଧାନ ନକରିଲେ ବାଧ ହୋଇ ସଂଘ ପକ୍ଷରୁ ତା୨୯/୦୭/୨୦୨୫ ରିଖ ଠାରୁ ବସ୍ ଗୁଡିକ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇଥିଲେ । ଏହାର ନକଲ ରାଜ୍ୟ ପରିବହନ କମିଶନର, ଜିଲ୍ଲା ଆରକ୍ଷ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ବସ୍ ମାଲିକ ସଂଘ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ ସଭା

**ମୁଷାଟିକିରି,୨୯।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା,ଚଣ୍ଡୀଖୋଲ ସ୍ଥିତ ବି.ବି ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଛାତ୍ର ସଂଗଠନ ପକ୍ଷରୁ ଏଫଏମ କଲେଜ ଛାତ୍ରୀ ସହିଦ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକ ପ୍ରତିବାଦ ସଭା କଲେଜ କ୍ୟାମ୍ପସ ବାହାରେ ରାଜ୍ୟ ନବନିର୍ମାଣ ଯୁବଛାତ୍ର ସଂଗଠକ ସଂଯୋଜକ ଏମଡି,ମନଓ୍ୱର ଅଲିଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ଅଗଷ୍ଟ ମାସ ୪ ତାରିଖରୁ ଆରମ୍ଭ ପଦଯାତ୍ରା ଓ ସତ୍ୟାଗ୍ରହ ବାଲେଶ୍ୱର ଏଫ୍‌ଏମ କଲେଜ ଠାରୁ ବାହାରି ୧୮ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏନଜି ଠାରେ ପହଞ୍ଚିବ ଓ ସମସ୍ତ ଛାତ୍ରଛାତ୍ରୀ ନ୍ୟାୟ ଦାବିରେ ଏହି ପଦଯାତ୍ରାରେ ସାମିଲ ପାଇଁ ଯୁବ-ଛାତ୍ର ସଂଗଠନ ତରଫରୁ ଅମିତ ଜେନା, ରଞ୍ଜିତ ପଟ୍ଟନାୟକ, ଜାହିର ଖାନ, ଅଶ୍ୱିନୀ ଜେନା, ଦିନେଶ ଦାସ, ସ୍ମୃତି ରଞ୍ଜନ ସାମଲ, ପ୍ରମୁଖ କର୍ମକର୍ତ୍ତା ଆହୁତ ଯୁବ ଓ ଛାତ୍ର ସଂଗଠନ ସମାବେଶରେ ଆହ୍ୱାନ ଦେଇ ଅଧ୍ୟାପକ ସମୀର କୁମାର ସାହୁ, ଅଧକ୍ଷ ଦିଲ୍ଲୀପ ଘୋଷଙ୍କୁ କଠୋର ଦଣ୍ଡ ବିଧାନ କରିବା ସହିତ ସେଠାକାର ଆଇଆଇସି,ଏସପି, ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ନୈତିକତା ହରାଇଥିବା ସେଠାକାର ବିଧାୟକ,ସାଂସଦଙ୍କ ଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ,ସୌମ୍ୟାଶ୍ରୀଙ୍କ ଆତ୍ମାଙ୍କୁ ସମ୍ମାନ ଜଣାଇ ପଦଯାତ୍ରା ଓ ସତ୍ୟାଗ୍ରହର ମୂଳମନ୍ତ୍ର ବୋଲି ଛାତ୍ର ସଂଗଠନର କର୍ମକର୍ତ୍ତା ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ପ୍ରତିଷ୍ଠାତା ଅକ୍ଷୟ କୁମାର ଓ ସଂଯୋଜକ ଶେଷଦେବ ନନ୍ଦ ପ୍ରମୁଖ ଅତିଥି ଗଣ ପ୍ରତିବାଦ ସଭାରେ ଯୋଗଦେଇ ଆତ୍ମହତ୍ୟା ରାସ୍ତା ନୁହେଁ ସଂଘର୍ଷ ହି ଏକମାତ୍ର ବିକଳ୍ପ ର ନାରା ପ୍ରଦାନ କରିଥିଲେ ।

## କମ୍ପାନୀ ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବି



**ପରଜଙ୍ଗ,୨୯।୭/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ ଦେଇ ଯାଇଥିବା ପଙ୍ଗାତିରା ବଡ଼ କମର ପୂର୍ତ୍ତ ବିଭାଗ ରାସ୍ତାର କନ୍ଦର ସିଂହା ଶିଳ୍ପ ପ୍ରତିଷ୍ଠାନ ପାଖରେ ଲକ୍ଷ୍ମୀ ସିଭିଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡର ରାସ୍ତା ଉପରେ ଛିଡା ହୋଇଥିବା ଗାଡ଼ିରେ ଗତ ରବିବାର ରାତ୍ର ସମୟରେ ବାଡେଇ ହୋଇ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତି ଜଣଙ୍କ ହେଲେ କନ୍ଦର ସିଂହା ପଞ୍ଚାୟତ କଟରା ପଡ଼ା ଗ୍ରାମର ଜୟ ନାୟକଙ୍କ ପୁଅ ନେତ୍ରାନନ୍ଦ ନାୟକ (୩୫) । ତାଙ୍କ ମୃତଦେହ ଡାକ୍ତରଖାନାରୁ ଘରକୁ ଫେରିବା ପରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀମାନେ ମିଶି କମ୍ପାନୀ ସମ୍ମୁଖରେ ମୃତଦେହକୁ ରଖି କ୍ଷତିପୂରଣ ଦାବି କରିଛନ୍ତି । ଯାହାକୁ ନେଇ ପୂର୍ତ୍ତ ବିଭାଗ ରାସ୍ତା ୩ ରୁ ୪ ଘଣ୍ଟା ଅବରୋଧ ହୋଇ ରହିଥିଲା ପରଜଙ୍ଗ ପୁଲିସ ଖବର ପାଇ ସୁଶ୍ରୀ ଅନାମିକା, ଦେବଗ୍ରହୀ ମହାନ୍ତି ଓ ଯୁଗୋଳ କୁମାର ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ଜଗି ରହିଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚିଲା ପରେ କଥାବାର୍ତ୍ତା ହୋଇ ସମାଧାନ ବାହାରିବା ପାଇଁ ଲୋକମାନେ ଜିଦ୍ ଧରିଛନ୍ତି ।

**NIGAMANANDA SCIENCE HIGHER SECONDARY SCHOOL, CHARICHHAK,NIMAPADA, PURI**

**WALK-IN-INTERVIEW**

Wanted Junior Lecturers / PGTs (Minimum 55% marks in PG/MCA) and Demonstrators (Minimum 55% marks in B.Sc) in Physics, Chemistry, Mathematics, Botany, Zoology, Odia, English, Computer Science., Marketing Executive, Ladies & Gents warden. Candidates may appear in the interview with Bio data, original and photocopy of certificate and mark sheet three passport size photos on dated 10/08/2025 at 10AM in the college premises.

*Salary not a constraints for deserving candidates.

Contact : 9114304040, 7978684196 PRINCIPAL

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

CAD-1314

ପତ୍ର ସଂଖ୍ୟା-୧୫୧ **ବିଜ୍ଞାପନ** ତା.୧୯.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ-ଏଲ.ଆଇ.ଜି-ବି-୧୭ (LIG-B-17), ହୁମୁହୁମା, ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମଧୁସ୍ମିତା ରଥ, ସ୍ୱାମୀ-ଶ୍ରୀ ରଘୁନନ୍ଦନ ଷଡ଼ଙ୍ଗୀ, ସା/ପୋ/ଥାନା/ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଧୁସ୍ମିତା ରଥ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଚିନ୍ମୟୀ ସାମଲ, ସ୍ୱାମୀ-ଶ୍ରୀ କବିନ୍ଦ୍ର ସାମଲ, ସା-ଭଦ୍ରା, ପୋ/ଥାନା-ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/07802526

**AFFIDAVIT**

By virtue of affidavit before the Executive Magistrate, Berhampur, Ganjam, Odisha, I the undersigned S Pooja W/o- S Subrat permanent resident At/Po:Baxipalli, PS:Gopalpur, Dist:Ganjam,PIN-761002, Odisha declare that I have changed my name from **Pooja S** to **S Pooja**. Henceforth, I shall be known as **S Pooja** for all future purposes.

**AFFIDAVIT**

By virtue of an affidavit sl.no-2316, sworn before the Executive Magistrate, Banpur, dated 03/09/2024, I Rasmita Swain, aged about 34 yrs, W/o - Sarat Swain, resident of Vill-Ankulapadar, Po-Narendrapur, Ps-Banpur, Dist-Khordha, Odisha -752031 declare that in my aadhaar card name mentioned Rasmita Swain whereas in ration card mentioned Sarita Swain. So Rasmita Swain and Sarita swain is one and same person. So I have changed my name from Sarita Swain to Rasmita Swain. Henceforth, I shall be known as Rasmita Swain for all purposes.

**Rasmita Swain**

**AFFIDAVIT**

**I, Debadas Khatai, S/o-Dandapani Khatai, resident of Nachunibadi, PO- Subalaya, PS- Kabi Surya Nagar, Dist-Ganjam state that, my College Leaving Certificate, year- 1999 from Ravenshaw Autonomous College, Cuttack which has been completely destroyed by white ants and there is no chance of its recovery by affidavit Sl. No. 13052, Dt. 29. 07.2025 before the Executive Magistrate, Cuttack.**

**AFFIDAVIT**

By virtue of an Affidavit in the court of the Executive Magistrate, Kendrapara Dt. 24.02.2025 that Ramesh Kumar Malik, aged about 41 years, S/o-Raghunath Malik of Village- Deypur, Po-Ostapur, PS- Kendrapara Sadar, Dist- Kendrapara, Pin-754212 do hereby solemnly affirm and state that my son namely Manas Malik study in Class 9th of Govt. Saraswati High School, Deypur but at the time of publication is aadhar card vide no. 260527060286 issued by Govt. of India is name has been wrongly recorded as Manash Malik instead of Manas Malik, I declared that Manas Malik and Manasa Malik, S/o- Ramesh Malik of aforesaid address is one and same person. The facts stated above are all true. He shall be known as **Manas Malik** for all future purpose.

**OFFICE OF THE MUNICIPAL COUNCIL : SUNDARGARH**

C-764

Tender Call Notice No. 1620, Dt.22.07.2025
COMPETITIVE BIDDING THROUGH e-Procurement

**NOTICE INVITING TENDER**

**Bid Reference No. SNGM-05/2025-26 / Dt. 22.07.2025**

1. Total No. of works for which tenders invited : 10 Nos.
2. Place of Execution : Different locations of Sundargarh Municipality
3. Estimated cost of individual works excluding GST : Rs.2,40,000/- to Rs.18,53,000/-
4. Eligible Class of contractors : Registered Contractors of Class - 'D' to Class - 'C' as indicated against each work mentioned in the tender call notice.
5. Intending bidders have to participate through - "On-Line" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from 11.00 AM of dt.29.07.2025 to 5.00 PM of dt.12.08.2025 for online bidding.
7. Bids received will be opened on e-procurement system at 11.00 AM onwards on dt.13.08.2025.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Sd/- Executive Officer
Sundargarh Municipality

OIPR-13130/11/0039/2526

n-109

**OFFICE OF THE DISTRICT PROJECT CO-ORDINATOR, SAMAGRA SHIKSHA, KHORDHA**

**AT/PO-KHORDHA, DIST-KHORDHA, STATE-ODISHA, PIN-752055**

E-mail : dpckhurdassa.opepa@nic.in, Tel: (06755) 223525

**INVITATION FOR BIDS (IFB)**

**e-Procurement Notice**

**Bid Identification No. 01/CW/SS/2025-26**

**Tender Call Notice No. 2510/28.07.2025**

1. Name of the work : Construction of One no. Additional Class room in col. 2 of Annexure as per DTCN)
2. Total no. of work : 33 Nos. (Percentage Rate)
3. Amount put to tender : As mentioned in col. 3 of Annexure as per DTCN
4. Class of Contractor : As mention in col. 5 of Annexure as per DTCN
5. Period of completion : As mentioned in col.7 of Annexure as per DTCN
6. Bid Security / EMD : As mention in col.4 of Annexure as per DTCN
7. Paper cost : As mention in col.6 of Annexure as per DTCN
8. Other details :

| Tender inviting Authority | Bid Identification No. | Availability of tender online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| District Project Co-ordinator, S.S. Khordha | 01/CW/SS/2025-26 | 3.00 PM of 04.08.2025 | 5.00 PM of 19.08.2025 | 5.00 PM of 16.08.2025 | 11.00 AM of 20.08.2025 |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website https://tendersodisha.gov.in

Sd/- District Project Co-ordinator
S.S, Khordha

OIPR-27101/11/0007/2526

## ପ୍ରଥମ ପୃଷ୍ଠାରୁ

## ଆକାଂକ୍ଷୀ ଜିଲ୍ଲାରେ ପୂରଣ ...

ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକ୍‌ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି) କାର୍ଯ୍ୟକାରୀ ହେଉଛି। ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ, ସାରା ଭାରତବର୍ଷର ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍‌ଗୁଡ଼ିକରେ ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି ।ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟର ୧୦ ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଯେଉଁ ଜିଲ୍ଲାଗୁଡ଼ିକ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି, ସେମାନେ ନିରାଶ ନହୋଇ ଆହୁରି ଅଧିକ କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକଗୁଡ଼ିକ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ଆଜି ପ୍ରଦାନ କରିଛନ୍ତି। ଆସପିରେସ୍‌ନାଲ୍ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟପଦକ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟପଦକ ହାସଲ କରିଛନ୍ତି। ସେହିପରି ଆସପିରେସ୍‌ନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ -ଏହି ଚାରିଟି ବ୍ଲକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟ ୭ ବ୍ଲକ ରୌପ୍ୟପଦକ ଏବଂ ୩ ବ୍ଲକ କାଂସ୍ୟପଦକ ଏବଂ ୧୧ ବ୍ଲକ ତାମ୍ରପଦକ ପାଇଛନ୍ତି। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତଙ୍କୁ ନେଇ ଟିମ୍ ୱାର୍କ କରିବା ଏକ ବହୁତ ବଡ଼ ଉପଲବ୍ଧି। ଜିଲ୍ଲାରେ ଗ୍ରୋଥ୍ କରିବାର ମାନସିକତା ସହିତ କାମ କରିବା ହିଁ ପ୍ରକୃତ କାର୍ଯ୍ୟ ଦକ୍ଷତା। ସମସ୍ତ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଜି ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ପୁରସ୍କୃତ ହେଉଛନ୍ତି ଏହା ଜାଣି ଅନେକ ଖୁସି ଲାଗୁଛି ଏବଂ ଏହା ହିଁ ଆଉ ଟିମ୍ ୱାର୍କର ଲକ୍ଷଣ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଅସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମରୁ ଅତିଦୁର୍ଗମ ଅଞ୍ଚଳରେ ପହଞ୍ଚି ଯୋଜନା କାର୍ଯ୍ୟକାରୀ କରାଯାଇପାରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲରେ ଏହି ଯୋଜନା ସହାୟକ ହେବ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ସମସ୍ତ ଜନକଲ୍ୟାଣକାରୀ ଯୋଜନା କିପରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିବ ସେ ଦିଗରେ କାର୍ଯ୍ୟକରିବା। ପରିଶେଷରେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡିଓମାନେ ଉପସ୍ଥିତ ଥିଲେ।

## ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି ...

ଓ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକସଭାର ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ। ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ଓଡ଼ିଶା 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ଏଣୁ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ। ଏହିସବୁ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଲୋକସଭାର ନିର୍ଦ୍ଦେଶକ ଡ. ୟମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ଅଛନ୍ତି। ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୁଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୮ କାଉଡ଼ିଆ ମୃତ, ୨୦ ...

ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣାର କାରଣ ଅତ୍ୟଧିକ ବେଗ ଓ ଚାଳକଙ୍କ ଅସାବଧାନତା ହୋଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଅଧିକାରୀମାନେ ଅତି କମ୍‌ରେ ୯ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଥିବା ବେଳେ, ବିଜେପି ସାଂସଦ ନିଶିକାନ୍ତ ଦୁବେ କିନ୍ତୁ ଦାବି କରିଛନ୍ତି ଯେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ତେବେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ବାସିନ୍ଦାମାନେ ପ୍ରଥମେ ମୋହନପୁର ପୁଲିସ୍ ଷ୍ଟେସନ୍ ପ୍ରଭାରୀ ପ୍ରିୟରଞ୍ଜନଙ୍କୁ ସୂଚନା ଦେଇଥିଲେ, ଯିଏ ତାଙ୍କ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ବ୍ଲକ ବିକାଶ ଅଧିକାରୀଙ୍କୁ ଜଣାଇଥିଲେ। ଆହତମାନଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ମୋହନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ନିଆଯାଇଥିଲା, ଏବଂ ପରେ ଅଧିକ ଚିକିତ୍ସା ପାଇଁ ଦେଓଘର ସଦର ହସ୍ପିଟାଲ୍‌କୁ ପଠାଯାଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଆହତମାନଙ୍କ ପାଇଁ ଚିକିତ୍ସା ସୁବିଧା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୋଗାଇଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାବା ବୈଦ୍ୟନାଥ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଭକ୍ତଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖଦ ମୁହୂର୍ତ୍ତକୁ ସହ୍ୟ କରିବା ପାଇଁ ଶକ୍ତି ଦିଅନ୍ତୁ ବୋଲି ସେ କହିଛନ୍ତି।

## ୨୪ ଘଣ୍ଟାରେ ୫ ଜିଲ୍ଲାକୁ ...

ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏସବୁ ଜିଲ୍ଲାରେ ଝଟକା ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ଆସନ୍ତାକାଲି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୱାର୍ଣ୍ଣିଂ ହୋଇଥିବା ଜିଲ୍ଲାଗୁଡିକରେ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ମୌସୁମୀ ବାୟୁ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଏବଂ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଗତି କରୁଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୫୯୬.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି ଯାହା ସ୍ୱାଭାବିକ ବର୍ଷା ୫୨୬.୪ ମିଲିମିଟର ଠାରୁ ୧୩ % ଅଧିକ। ଏହି ସମୟ ମଧ୍ୟରେ ୧ ଜିଲ୍ଲାରେ ଅତି ଅତିରିକ୍ତ, ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍‌ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୫.୦ ଡିଗ୍ରୀ ଓ ସର୍ବନିମ୍ନ ଫୁଲବାଣୀରେ ୨୦.୦ ଡିଗ୍ରୀ ରେକର୍ଡ କରାଯାଇଛି।

## ଶ୍ରୀମନ୍ଦିର ଭିତରେ ହିଡେନ୍ ...

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀମନ୍ଦିରକୁ ହିଡେନ୍ କ୍ୟାମେରା ନେଇ ଯୁବକଙ୍କ ପ୍ରବେଶ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ପୁଲିସ ପଚରାଉଚରା କରିବା ସହିତ ନୋଟିସ୍ ଦେଇ ଛାଡ଼ି ଦେଇଛି। ତେବେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀର ଅତିରିକ୍ତ ଏସ୍‌ପି ଶୁଶିଲ କୁମାର ମିଶ୍ର ସୂଚନା ଦେଇଥିଲେ।

## ୨୨ ମିନିଟ୍‌ରେ ନେଇଛୁ ...

ଭାରତର ପକ୍ଷ ଦେଖି ପାରୁନାହାନ୍ତି, ସେମାନଙ୍କୁ ଆଇନା ଦେଖାଇବା ପାଇଁ ଛିଡ଼ା ହୋଇଛନ୍ତି ବୋଲି ମୋଦୀ କହିଛନ୍ତି। ନିଜର ୧ଘଣ୍ଟା ୪୦ମିନିଟ୍ ଅବଧିର ଭାଷଣ ଅବସରରେ ମୋଦୀ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ପହଲଗାମ୍ ଘଟଣାରେ ଭାରତ କେବଳ ଅପରେସନ୍ ସିନ୍ଦୂର ପର୍ଯ୍ୟନ୍ତ ସୀମିତ ରହିନାହିଁ ବରଂ ପାକିସ୍ତାନ ବିପକ୍ଷରେ ସିନ୍ଧୁଜଳ ଚୁକ୍ତି ଭଳି ଅନେକ କୂଟନୈତିକ ନିଷ୍ପତ୍ତି ନେଇଛି ଯାହା ପାକିସ୍ତାନକୁ ବିକଳ ସ୍ଥିତିରେ ପକାଇଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ ଗୃହରେ ଉପସ୍ଥିତ ସମସ୍ତ ବିରୋଧୀ ତଥା ଦଳୀୟ ସାଂସଦଙ୍କୁ ସୂଚନା ଦେଇ କହିଛନ୍ତି ଯେ ୨୨ ଏପ୍ରିଲ୍‌ରେ ପହଲଗାମରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି ମାରିଥିଲେ। ଏହା ଆତଙ୍କବାଦର ନିର୍ମମତାର ଚରମ ସୀମା ଥିଲା। ଭାରତ ମଧ୍ୟ ଏହାର ଦୃଢ଼ ଜବାବ ଦେବାକୁ ଶପଥ ନେଇଥିଲା। ଦେଶବାସୀଙ୍କ ଏକତା ଏବଂ ସେନାର ସାମର୍ଥ୍ୟରୁ ସୃଷ୍ଟି ହୋଇଥିଲା ଅପରେସନ୍ ସିନ୍ଦୂର। ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ୨୨ ଏପ୍ରିଲ୍ ଘଟଣାକୁ ଦୃଷ୍ଟିରେ ରଖି ପରେ ସେନାକୁ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ସେନାବାହିନୀ ହିଁ ନିଷ୍ପତ୍ତି ନେଇଥିଲେ କେବେ, କେଉଁଠାରେ ଓ କିପରି ଜବାବ ଦେବେ। ପହଲଗାମ୍ ଘଟଣା ପରେ ପାକିସ୍ତାନ ମଧ୍ୟ ଏତେମାତ୍ରାରେ ଭୟଭୀତ ହୋଇପଡ଼ିଥିଲା ଯେ ଏହା ଭାରତକୁ ପରମାଣୁ ଆକ୍ରମଣର ଧମକ ମଧ୍ୟ ଦେଇଥିଲା। କିନ୍ତୁ ଭାରତ ପରମାଣୁ ଆକ୍ରମଣ ଧମକ ଆଗରେ ମୁଣ୍ଡ ନୁଆଁଇନଥିଲା ଏବଂ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଆତଙ୍କବାଦୀମାନଙ୍କୁ ଏଭଳି ଶାସ୍ତି ଦିଆଯାଇଛି ଯେ ସେମାନଙ୍କ ପାଳନକର୍ତ୍ତା ଏବଂ ଭାଗ୍ୟ ବିଧାତାଙ୍କ ନିଦ ହଜିଯାଇଛି। ଅପରେସନ୍ ସିନ୍ଦୂର' ପରିପ୍ରେକ୍ଷୀରେ ୧୬୦ରୁ ଊର୍ଦ୍ଧ୍ୱ ଦେଶ ଭାରତକୁ ସମର୍ଥନ କରିଛନ୍ତି ବୋଲି ମୋଦୀ କହିଛନ୍ତି। ତେବେ ଅପରେସନ୍ ସିନ୍ଦୂର ସମୟରେ ଦେଶବାସୀଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ସେ ସର୍ବଦା ଋଣୀ ରହିବେ ବୋଲି କହିବାକୁ ମୋଦୀ ଭୁଲିନାହାନ୍ତି। ତେବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ବିରୋଧୀ ସାଂସଦଙ୍କ ଅନେକ ପ୍ରଶ୍ନର ଉତ୍ତର ମୋଦୀ ସିଧାସଳଖ ନଦେଇ ଡିପ୍ଲୋମାଟିକ୍ ଉତ୍ତର ଦେବା ଦେଖିବାକୁ ମିଳିଥିଲା। ରାହୁଲ କହିଥିଲେ ସାହସ ଅଛି ଯଦି ମୋଦୀ ସିଧାସିଧା କୁହନ୍ତୁ ଯେ ପାକିସ୍ତାନ ସହ ଅସ୍ତ୍ରବିରତି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଛ କହୁଛନ୍ତି। ଏହାର ଜବାବରେ ମୋଦୀ ଉତ୍ତର ଦେଇଥିଲେ ଯେ, ବିଶ୍ୱର କୌଣସି ଦେଶ ଅସ୍ତ୍ରବିରତି ପାଇଁ ଭାରତ ଉପରେ ଚାପ ପକାଇବାକୁ ସାହସ କରିନଥିଲେ କିମ୍ବା ଭାରତ କେଉଁ ଦେଶର ଚାପରେ ଆସି ଅସ୍ତ୍ରବିରତି କରିନାହିଁ। ମୋଦୀ ଦୋହରାଇଥିଲେ ଯେ ପାକିସ୍ତାନ ସେନାର ଡିଜିଏମ୍‌ଓ ସ୍ତରୀୟ ଅଧିକାରୀମାନେ ଏକାଧିକ ଥର ଫୋନ୍ କରି ଅସ୍ତ୍ରବିରତି ପାଇଁ ଗୁହାରି କରିଥିଲେ। ଭାରତ ମଧ୍ୟ ନିଜ ଲକ୍ଷ୍ୟ ସାଧନ କରିସାରିଥିବାରୁ ଏହା ଉପରେ ବିଚାର କରିଥିଲା ଏବଂ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲା। ସେହିପରି ରାହୁଲ କହିଥିଲେ ଯେ ପାକିସ୍ତାନକୁ ଅନ୍ତର୍ଜାତୀୟସ୍ତରରେ ସମର୍ଥନ ମିଳିଥିଲା। ଜବାବରେ ମୋଦୀ କହିଥିଲେ ଯେ ବିଶ୍ୱର ୧୯୬ଟି ଦେଶ ମଧ୍ୟରୁ କେବଳ ୩ଟି ଦେଶ ପାକିସ୍ତାନ ସପକ୍ଷରେ ମତ ଦେଇଥିଲେ, କିନ୍ତୁ ଭାରତ ପ୍ରତି ୧୬୦ରୁ ଊର୍ଦ୍ଧ୍ୱ ଦେଶ ସମର୍ଥନ ବ୍ୟକ୍ତ କରିଥିଲେ। ସେହିପରି ଭାରତୀୟ ସେନାର ଯୁଦ୍ଧ ବିମାନ ଖସିଥିବା ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା ହେଉଛି ସେ ସମ୍ପର୍କିତ ରାହୁଲଙ୍କ ପ୍ରଶ୍ନ ଉପରେ ପ୍ରଧାନମନ୍ତ୍ରୀ କିଛି ବି କହିନଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ନିଜ ଭାଷଣ ରଖିଥିଲେ। ଶାହ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାହ କହିଥିଲେ ଯେ ଯେଉଁ କଂଗ୍ରେସ ଆଜି ପିଓକେ କଥା ଉଠାଉଛି ସେହି କଂଗ୍ରେସ ହିଁ ପିଓକେ ପାଇଁ ଦାୟୀ। ଇତିହାସ ଏହାର ସାକ୍ଷୀ ହୋଇ ରହିଛି। ନେହରୁଙ୍କ ସମୟରୁ ହିଁ ଭାରତ ପାକିସ୍ତାନ ମଧ୍ୟରେ ପିଓକେ ବିବାଦୀୟ ପ୍ରସଙ୍ଗ ହୋଇ ଉଭା ହୋଇଥିଲା। ସେହିପରି ଦିନକ ପୂର୍ବେ ଭାରତୀୟ ସେନାର ଏନ୍‌କାଉଣ୍ଟର୍‌ରେ ପ୍ରାଣ ହରାଇଥିବା ୩ ଆତଙ୍କବାଦୀଙ୍କ ସମ୍ପର୍କରେ ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ଶାହ। ଶାହ କହିଛନ୍ତି, ପହଲଗାମ୍ ଘଟଣାରେ ସମ୍ପୃକ୍ତ ଏହି ୩ ଆତଙ୍କବାଦୀଙ୍କୁ ସେନା ଖୋଜିବା ଜାରି ରଖିଥିଲା। ସୁଚିନ୍ତିତ ଯୋଜନା କ୍ରମେ ସେମାନଙ୍କୁ ନିପାତ କରାଯାଇଛି। ପହଲଗାମ୍ ଘଟଣାର ୩ ମାସ ମଧ୍ୟରେ ଏମାନଙ୍କୁ ନିପାତ କରିବା ଭାରତୀୟ ସେନାର ସାମର୍ଥ୍ୟ ପ୍ରତିପାଦିତ କରୁଛି। ଯେତେବେଳେ ଏମାନେ ଲୁଚି ରହିଥିଲେ ସେତେବେଳେ ବିରୋଧୀ ଦଳ ପ୍ରଶ୍ନ କରୁଥିଲେ ଆଜି ପର୍ଯ୍ୟନ୍ତ କାହିଁକି ଆତଙ୍କବାଦୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ଆଉ ଆଜି ଯେତେବେଳେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେତେବେଳେ ମଧ୍ୟ ବିରୋଧୀ ପ୍ରଶ୍ନ କରୁଛନ୍ତି ଯେ, ସଂସଦରେ ଆଲୋଚନା ଚାଲିଥିବା ବେଳେ ଏହି ଆତଙ୍କବାଦୀଙ୍କୁ ସେନା କିପରି ଏନ୍‌କାଉଣ୍ଟର କରିପାରିଲା। ବିରୋଧୀଙ୍କ ଚରିତ୍ର ହେଉଛି ସେନାର ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା। ଏହାର କୌଣସି ଉତ୍ତର କିମ୍ବା ସମାଧାନ ନାହିଁ ବୋଲି ଶାହ କହିଛନ୍ତି।

# ଶେଷରେ ସୂର୍ଯ୍ୟମନ୍ଦିର ପ୍ରବେଶପଥରୁ ହଟିଲା ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍



**କୋଣାର୍କ,୨୯।୭/ଏନ୍‌ଏନ୍‌ଏସ୍:** ସୂର୍ଯ୍ୟମନ୍ଦିର ସମ୍ମୁଖରେ ନିର୍ମାଣ କରାଯାଉଥିବା ଟେନସାଇଲ୍ ଫାବ୍ରିକ୍ ସେଡ କୁ ସ୍ଥାନୀୟ କେତେକ ଗୋଷ୍ଠୀଙ୍କ ବିରୋଧକୁ ନଜରରେ ରଖି ଶେଷରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏଏସଆଇ ପକ୍ଷରୁ ଏହାକୁ ଖୋଲିଦିଆଯାଇଛି।

ଦେଶ ବିଦେଶ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ଟେନସାଇଲ୍ ଫାବ୍ରିକ୍ ସେଡ୍‌କୁ ମନ୍ଦିର ସମ୍ମୁଖ ରେ ଥିବା ଟିକେଟ କାଉଣ୍ଟର ଓ ପିଇବା ପାଣି ନିକଟରେ ଏହାକୁ ସ୍ଥାପିତ କରାଯିବ ବୋଲି ଏଏସ୍‌ଆଇର ପୁରୀ ସର୍କଲ ସୁପେରିଟେଣ୍ଡେଣ୍ଟ ଡକ୍ଟର ଡିବି ଗଡନାୟକ ସୂଚନା ଦେଇଛନ୍ତି। ସୂଚନାଥାଉ କି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ପ୍ରତିଦିନ ଦେଶ ବିଦେଶର ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଖରା ବର୍ଷାରେ ଟିକେଟ ଧରି ଲମ୍ବା ଧାଡିରେ ସୁରକ୍ଷିତ ଭାବେ ଧାଡିରେ ଠିଆ ହୋଇ ସୂର୍ଯ୍ୟମନ୍ଦିରକୁ ସ୍ୱତନ୍ତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ୍ ୧୦ଗୋଟି ଟର୍ଣ୍ଣଷ୍ଟାଇଲି ପ୍ରବେଶ ଗେଟ୍ ମାଧ୍ୟମରେ ପ୍ରବେଶ କରିବାପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ୩୦ମିଟର ଲମ୍ବା ଓ ୧୧ମିଟର ଚଉଡା ସହ ୫.୫ଫୁଟ ଉଚ୍ଚତା ବିଶିଷ୍ଟ ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍ ଗତ କିଛି ଦିନ ହେବ ନିର୍ମାଣ କରାଯାଇଥିଲା। ମାତ୍ର ଏହାକୁ ସ୍ଥାନୀୟ କେତେକ ଗୋଷ୍ଠୀ ସୂର୍ଯ୍ୟମନ୍ଦିରର ବାହାରର ସୌନ୍ଦର୍ଯ୍ୟ କମିଯିବା ଅଭିଯୋଗ କରି ବିରୋଧ କରିବାରୁ ତୁରନ୍ତ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

## ସ୍କୁଲ୍ ଗେଟ୍‌ରେ ତାଲାପକାଇ ଧାରଣା



**ବାରଙ୍ଗ,୨୯।୭/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ ରତାଗଡ଼ ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଜଗନ୍ନାଥ ମାରାଣ୍ଡିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୩ ମସିହାରେ ଜଗନ୍ନାଥ ମାରଣ୍ଡି ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭଲ ମନ୍ଦ ବୁଝି ସେ କ୍ରମାଗତ ଭାବରେ ଶିକ୍ଷାଦାନ କରିଆସୁଥିଲେ। ଯେଉଁଥି ପାଇଁ ସେ ପିଲାମାନଙ୍କର ପ୍ରିୟ ହୋଇପାରିଥିଲେ। ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବିନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ଶୀଘ୍ର ସମାଧାନ ନିମନ୍ତେ ଉପରିସ୍ଥ ଅଧିକାରୀ ଓ ବିଇଓ କହିବା ପରେ ୧୨ଟା ସମୟରେ ଛାତ୍ରଛାତ୍ରୀମାନେ ଗେଟ୍ ଖୋଲି ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ସାନମୁଣ୍ଡଳୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ପାଣ୍ଡବ ବେହେରା, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସି ରହିଥିଲେ।

## କଦଳୀବନ୍ଧ ବିଦ୍ୟାଳୟରେ ବୃକ୍ଷରୋପଣ

## ଗଛ ଲଗାଇଲେ ତହସିଲଦାର୍

**ଓଡ଼ଗାଁ,୨୯।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦଳୀବନ୍ଧରେ ମଙ୍ଗଳବାର 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ, ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ସାହୁ, ଖେଳମଣିଷ ଦିବାକର ନାୟକ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା,ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ, ବନରକ୍ଷୀ ସୌମ୍ୟରଂଜନ ଦଳେଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେଶ ପାଣିଗ୍ରାହୀ, ଯଶୋବନ୍ତ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ଗଣେଶ୍ୱର ସାହୁ, ସାରସ କୁମାର ମିଶ୍ର, ରାମକୃଷ୍ଣ ପରିଡା, ଫକିର ମହାରଣା ଏବଂ ଯୁବସଂଗଠକ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରାଭିଭାବକ, ଛାତ୍ରଛାତ୍ରୀ ମାନଙ୍କ ଗହଣରେ ବିଦ୍ୟାଳୟ ହତାମଧ୍ୟରେ ଆମ୍ବ, ନଡ଼ିଆ, ପିଜୁଳି, ଚମ୍ପା, ବଉଳ, ଅମୃତଭଣ୍ଡା, ସଜନା, ଜାମୁ, କରମଙ୍ଗା, ଅଶୋକ, କଦଳୀ ଇତ୍ୟାଦି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପରିବେଶ ସଫାସୁତୁରା, ମଧ୍ୟାହ୍ନ ଭୋଜନ ବଗିଚା, ଛାତ୍ରଛାତ୍ରୀଙ୍କ ବ୍ୟବହାର ଦେଖି ଅତିଥିମାନେ ବହୁତ ଖୁସିବ୍ୟକ୍ତ କରିଥିଲେ। ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷୟିତ୍ରୀ ରିତା ପଣ୍ଡା ବିଦ୍ୟାଳୟରେ ଲଗାଯାଇଥିବା ଗଛର ଯତ୍ନନେବା, ପିଲାମାନଙ୍କୁ ମୋବାଇଲ ରୂପକ ସୈତାନ ଠାରୁ ଦୂରେଇ ରଖିବା, ପଲିଥିନର ବ୍ୟବହାର ନକରିବା ପାଇଁ ଶପଥପାଠ କରାଇଥିଲେ। ଜରିମୁଣାର ବ୍ୟବହାର ନକରିବା ପାଇଁ ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ଗୋଟିଏ ଲେଖାଏଁ ସୁତୁଲିବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବୃକ୍ଷର ଯତ୍ନ ନେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ କଲମ ପୁରସ୍କାର ଦିଆଯାଇଥିଲା।




## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଜଟଣୀ,୨୯।୭/ଏନ୍‌ଏନ୍‌ଏସ୍:** ଜଟଣୀ ଥାନା ଅନ୍ତର୍ଗତ ଗ୍ୟାସ ଫ୍ୟାକ୍ଟ୍ରି ରାସ୍ତାରେ ଥିବା ତାରିଣୀ ମନ୍ଦିର ନିକଟ ମଧୁସୂଦନ ନଗରରେ ନିଜର ବାସଭବନରେ ରୁବି ବିବି ନାମକ ୩୭ ବର୍ଷୀୟ ମହିଳା ପାରିବାରିକ କଳହ କାରଣରୁ ଘର କବାଟ ବନ୍ଦ କରି ନିଜ ଦେହରେ କିସରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ମହିଳା ଜଣକ ପାରିବାରିକ କଳହ କାରଣରୁ ନିଜ ଦେହରେ କିରିସିନ୍ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ ସମୟରେ ମହିଳା ଜଣକର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶ୍ରମ ବାହିନୀ ଏବଂ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଜଳନ୍ତା ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ସେମାନେ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲକୁ ରେଫର କରିଥିଲେ। ଜଟଣୀ ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଉଥିବା ପ୍ରକାଶ ପାଇଛି।

## ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ଜେଲ୍‌ଗଲେ ଯୁବକ

**ଜଟଣୀ,୨୯।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଟ୍ରାଫିକ କଲୋନୀ କ୍ୱାଟର ନଂ ଡି.୧୭/ସି ନିକଟରେ ଥିବା ଫୁଲ ତୋଳୁଥିବା ସମୟରେ ମହିଳାଙ୍କ ବେକରୁ ହୋଇଛି ସୁନା ଚେନ ଛିନ୍‌ତାଇ। ସୂଚନା ମୁତାବକ ଟ୍ରାଫିକ କଲୋନୀ କ୍ୱାର୍ଟର ନିକଟରେ ଥିବା ଫୁଲ ଗଛରୁ ସକାଳ ୯ ଘଟିକା ସମୟରେ ସାରଦାମଣି ସାହୁ ପୂଜା ନିମନ୍ତେ ଫୁଲ ତୋଳୁଥିବା ସମୟରେ ନିଶାସକ୍ତ ଅଭିଯୁକ୍ତ ସିମାଞ୍ଚଳ ବାରିକ ଓରଫ କୁଇନ ହଠାତ ଆସି ବେକରୁ ସୁନା ଚେନ ଛିଡାଇ ମହିଳାଙ୍କୁ ଧକା ପକାଇ ଦୌଡ଼ି ପଳାଇଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ମହିଳାଙ୍କ ପୁଅ ରବୀନ୍ଦ୍ର କୁମାର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗକୁ ଆଧାର କରି ପୁଲିସ ଏହି ଘଟଣାର ତଦନ୍ତକରି ବିଶେଷ ସୂତ୍ରରୁ ଖବର ପାଇ ଅଚାନକ ଚଢ଼ାଉକରି ସ୍ଥାନୀୟ ଲୋକକଲୋନୀସ୍ଥିତ ସାଇ ବାବା ମନ୍ଦିର ନିକଟରୁ କାବୁ କରି ଥାନାକୁ ଆଣି ପଚାରିବାରୁ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଗଞ୍ଜେଇ ଜବତ, ବେପାରୀ ଗିରଫ

**ମୁଣ୍ଡମୁହାଣ,୨୯।୭/ଏନ୍‌ଏନ୍‌ଏସ୍:** ତମାଣ୍ଡୋ ଥାନାର ଏସ.ଆଇ ଉମାକାନ୍ତ ସାହୁଙ୍କ ରିପୋର୍ଟ ଆଧାରରେ, ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଶଙ୍କର୍ଷଣ ପାଇକରାୟଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ସୋମବାର ରାତି ପ୍ରାୟ ୯ଟା ସମୟରେ ତମାଣ୍ଡୋ ଥାନାଧିକାରୀ, କଳିଙ୍ଗ ବିହାରର ଡିଏନ ମଲର ପଛ ପାର୍ଶ୍ୱରେ ଏକ ଜରି ବ୍ୟାଗରେ ଚୋରା ଗଞ୍ଜେଇ ନେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ଜଣେ ବ୍ୟକ୍ତି ବିଷୟରେ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ନିର୍ଦ୍ଦେଶକ୍ରମେ ଏସ.ଆଇ ଉମାକାନ୍ତ ସାହୁ ତାଙ୍କର ଟୀମଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ, ଅଭିଯୁକ୍ତ ଶଙ୍କର୍ଷଣଙ୍କୁ, ଏକ ଜରି ବ୍ୟାଗ ସହିତ ଏକ ପାନ ଦୋକାନ ନିକଟରୁ ଗିରଫ କରିଥିଲେ। ତଲାସି ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ୧.୧୦୦ କିଲୋଗ୍ରାମ ଓଜନର ଗଞ୍ଜେଇ ଥିବା ଏକ ଧଳା ବ୍ୟାଗ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କ ଜେରା ସମୟରେ, ସେ ଗତ ଦୁଇ ମାସ ଧରି ଏପରି ଚୋରା ଦ୍ରବ୍ୟ ବ୍ୟବସାୟ କରିଆସୁଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି।

## ବୃହତ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମରେ ମନ୍ଥରତା

**ନୟାଗଡ଼,୨୯।୭/ଏନ୍‌ଏନ୍‌ଏସ୍:** ନୟାଗଡ଼କୁ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବସୁଧା ଓ ଜଳ ଜୀବନ ମିସନ ଜରିଆରେ ୬ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଏହି ପ୍ରକଳ୍ପର ମନ୍ଥରା ନେଇ ସମସ୍ତେ ଏବେ ଦ୍ୱନ୍ଦ୍ୱରେ ଅଛନ୍ତି। ଅବଧି ପରେ ଅବଧି ଗଡ଼ି ଚାଲୁଥିଲେ ମଧ୍ୟଏହି ପ୍ରକଳ୍ପଗୁଡ଼ିକ ଶେଷ ହୋଇପାରୁନାହିଁ।

ଚଳିତ ବର୍ଷ ଶେଷ ସୁଦ୍ଧା ଗୋଟିଏ ପ୍ରକଳ୍ପ ଓ ବାକି ୫ଟା ଆସନ୍ତା ୨୦୨୬ରେ ଶେଷ ହେବ ବୋଲି ପାନୀୟ ଜଳ ଓ ପରିମଳ ବିଭାଗ ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ ଏବେ ବି ଆଶଙ୍କା ରହିଛି।ଜିଲ୍ଲାର ସବୁଠାରୁ ବୃହତ୍ତ ମେଗା ପାନୀୟଜଳ ପ୍ରକଳ୍ପ ଖଣ୍ଡପଡ଼ା ବ୍ଲକ୍‌ରେ ନିର୍ମାଣ କରାଯାଉଛି। ଏଥିପାଇଁ ୬୦୩,୪୪ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଯୋଗୁ ନୟାଗଡ଼, ଖଣ୍ଡପଡ଼ା, ନୂଆଗାଁ ଓ ଭାପୁର ବ୍ଲକ୍‌ର ୭୯ଟି ପଞ୍ଚାୟତର ୪୯୮ଟି ଗାଁ ଉପକୃତ ହେବେ ବୋଲି ଆକଳନ କରାଯାଉଛି। ୨୦୧୯ମସିହାରେ ଏହି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୨୧ ଡିସେମ୍ବର ୫ ତାରିଖରେ ଏହା ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୁଇଟି ଅବଧି ପରିବର୍ଦ୍ଧିତ ହୋଇ ସମୟସୀମା ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ ବିଭିନ୍ନ ସମସ୍ୟାରେ ଏହି ପ୍ରକଳ୍ପଟି ରହିଥିଲେ ମଧ୍ୟ ଚଳିତବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଜଳ ଜୀବନ ମିସନ ଅଧୀନରେ ଓଡ଼ଗାଁରେ ଆଉ ଏକ ପ୍ରକଳ୍ପ ତିଆରି ଚାଲିଛି। ଏହା ଦ୍ୱାରା ଓଡ଼ଗାଁର ୩୬ ଓ ରଣପୁର ବ୍ଲକ୍‌ର ୬ଟିକୁ ମିଶାଇ ମୋଟ୍ ୪୨ଟି ପଞ୍ଚାୟତ ଉପକୃତ ହେବା ସେଥିପାଇଁ ୨୩୬.୬୭ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ୨୫୧.୮୭ କୋଟି ଟଙ୍କା ବ୍ୟୟରେ ରଣପୁର ବ୍ଲକ୍‌ର ୩୧ ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ ଏହି ପ୍ରକଳ୍ପ ଦୁଇଟିକୁ ଆସନ୍ତା ୨୦୨୬ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୯୭.୬୬ କୋଟି ଟଙ୍କାରେ ଗଣିଆ ବ୍ଲକ୍‌ରେ ୮ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇଦେବା ପାଇଁ ଆଉ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଦଶପଲ୍ଲା ବ୍ଲକର ୨୦ଟି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ୨୪୨.୭୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଯାଉଛି। ନୂଆଗାଁ ବ୍ଲକରେ ୧୪୪.୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ତିନି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭହୋଇଥିବା ବେଳେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏହା ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ସଦୃଶ ହୋଇଛି।

## ଆଜିର ଇତିହାସ

- ୧୮୮୬-ପ୍ରଥମ ମହିଳା ଚିକିତ୍ସକ, ସାମାଜିକ କାର୍ଯ୍ୟକର୍ତ୍ତା ଓ ପଦ୍ମଭୂଷଣ ମୁଥୁ ଲକ୍ଷ୍ମୀଙ୍କ ଜନ୍ମଦିନ।
- ୧୯୨୩-ବିଂଶ ଶତାବ୍ଦୀର ଜଣାଶୁଣା ଚିନ୍ତକ, ସଂସ୍କୃତଜ୍ଞ ତଥା ସୌନ୍ଦର୍ଯ୍ୟଶାସ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଣ୍ଡେଙ୍କ ଜନ୍ମଦିନ।
- ୨୦୦୪-ଭାରତ-ପାକିସ୍ତାନ ମଧ୍ୟରେ ତୁଲବୁଲ୍ ପରିଯୋଜନା ଉପରେ କଥାବାର୍ତ୍ତା ହୋଇଥିଲା।
- ୨୦୧୨-ଆନ୍ଧ୍ରପ୍ରଦେଶରେ ଏକ ରେଳଗାଡ଼ିରେ ନିଆଁ ଲାଗିବାରୁ ୩୨ ଜଣ ଲୋକଙ୍କର ମୃତ୍ୟୁ ହେବା ସହିତ ୨୭ ଜଣ ଆଘାତପ୍ରାପ୍ତ ହୋଇଥିଲେ।
- ୨୦୧୨-ଦେଶରେ ପାୱାର ଗ୍ରିଡ୍ ଖରାପ ହେବା କାରଣରୁ ୩୦କୋଟି ଲୋକଙ୍କୁ ବିଜୁଳି ବିନା ରହିବାକୁ ପଡ଼ିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିତ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ପ୍ରୟାସ ଉପରେ ଧ୍ୟାନ ଦେବେ। ପ୍ରଲୋଭନରେ ପଡ଼ିବେ ନାହିଁ। ପରିବାର ସଦସ୍ୟଙ୍କ ଠାରୁ କଟୁ ବଚନ ଶୁଣିବେ। ଯୋଜନା ପ୍ରସ୍ତୁତ କରିବେ।

**ବୃଷ** - ମିଶ୍ରିତ ଫଳ ପ୍ରାପ୍ତି ହେବ। କୌଣସି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ସମ୍ମିଳିତ ହେବେ। ଭାବୁକ ହୋଇ ନିର୍ଣ୍ଣୟ ନେଲେ ଭଲ ନୁହେଁ। ଛୋଟ ପିଲାଙ୍କ ସହିତ ମଉଜମଜଲିସ କରିବେ। ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବ।

**ମିଥୁନ** - ବାତାବରଣ ଆଜି ଆନନ୍ଦମୟ ହେବ। କାମ ଗପ ପାଇଁ ଟେନ୍‌ସନ୍ ରହିବ। ବାହନର ପ୍ରୟୋଗ ସାବଧାନ ହୋଇ କରିବେ। ଖର୍ଚ୍ଚ ବଢ଼ିବ। ଦାୟିତ୍ୱରେ ଢିଲା କରିବେ ନାହିଁ। ଆଜି ଧୋକା ହୋଇପାରେ।

**କର୍କଟ** - ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ। ମନରେ କାମକୁ ନେଇ ଟେନ୍‌ସନ୍ ରହିବ। କୌଣସି ପଦ ପ୍ରାପ୍ତି ହୋଇପାରେ। ପାରିବାରିକ ସମ୍ପର୍କ ଖୁବ୍ ଭଲ ରହିବ।

**ସିଂହ** - ଦିନଟି ଆନନ୍ଦମୟ ରହିବ। ଅତିଥିଙ୍କ ଆଗମନ ହୋଇପାରେ। ମନର ଇଚ୍ଛା ପୂରା ହୋଇପାରେ। ଅଜଣା ଲୋକଙ୍କ ଉପରେ ଭରସା ନକଲେ ଭଲ। ପ୍ରେମୀମାନେ ଗନ୍ତିଭୋଜନ ପାଇଁ ଯାଇପାରନ୍ତି।

**କନ୍ୟା** - ରଚନାତ୍ମକ କାର୍ଯ୍ୟ ସହିତ ଜଡ଼ିତ ହୋଇ ରହିବେ। କିଛି ନୂଆ ଲୋକଙ୍କ ସହିତ ସମ୍ପର୍କ ବଢ଼ିବ। କ୍ୟାରିୟରରେ ଲାଭ ମିଳିବ। ପରିବାରରେ ଏକଜୁଟତା ରହିବ। ସମୟ ଥାଉ ଥାଉ ପ୍ରତିଜ୍ଞା ପୂରା କରିବେ।

**ତୁଳା** - ବ୍ୟବସାୟୀମାନେ ସାବଧାନ ରହିବେ। ଜାଗୃତୀ ମାମଲାରୁ ମୁକ୍ତି ମିଳିବ। ବାତାବରଣ ଆନନ୍ଦମୟ ରହିବ। ପାରିବାରିକ ସମ୍ପର୍କ ମଜଭୁତ ରହିବ। ଶତ୍ରୁଙ୍କଠାରୁ ପ୍ରତି ସାବଧାନ ରହିବେ।

**ବିଛା** - ଧାର କରନ୍ତୁ ନାହିଁ। ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ବଜାୟ ରଖିବେ। କୌଣସି ବଡ଼ ନିବେଶ କରିଲେ କ୍ଷତି ସହିବେ। ଭାଗୀଦାରୀ କାମ ନକଲେ ଭଲ। ଭାଇ-ଭଉଣୀଙ୍କ ସହ ପାଇବେ।

**ଧନୁ** - ଧନଲାଭ ବୃଦ୍ଧି ଯୋଗ ଅଛି। ଚାକିରି ପରିବର୍ତ୍ତନ କରିପାରନ୍ତି। ମିତ୍ରଙ୍କ ସହିତ ସାକ୍ଷାତ ଆନନ୍ଦ ଦେବ। ସନ୍ତାନଙ୍କୁ ସନ୍ଧିଗ୍ଧ ଦେଲେ କ୍ଷତି ସହିବେ। ଶୀଘ୍ରତା ପାଇଁ କାମରେ ଭୁଲ୍ କରିବେ।

**ମକର** - କୌଣସି ବଡ଼ ଲକ୍ଷ୍ୟକୁ ପୂରା କରିବେ। ନିକଟ ସମ୍ପର୍କୀୟଙ୍କ ସହିତ ତାଳମେଳ ରକ୍ଷା କରିବେ। ଦୂର ଯାତ୍ରାରେ ଯାଇପାରନ୍ତି। ସାଥୀ ସହିତ ସାକ୍ଷାତ ହୋଇପାରେ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ।

**କୁମ୍ଭ** - ଆଜି ଉର୍ଜ୍ଜାବାନ ରହିବେ। ଅନେକ ଦିନରୁ ଅଟକି ଥିବା କାମ ହାତକୁ ଆସିପାରେ। ସମସ୍ୟାକୁ ନେଇ କଥାବାର୍ତ୍ତା ହେବେ। କାମକୁ ନେଇ ଭ୍ରମଣ କରିପାରନ୍ତି। ଯୋଜନା ପ୍ରସ୍ତୁତ କରି ଆଗକୁ ବଢ଼ିବେ।

**ମୀନ** - ଔଦ୍ୟୋଗିକ କ୍ଷେତ୍ରରେ ଲୋକପ୍ରିୟ ହେବେ। ଟିମ୍ ୱର୍କ କରିବାରେ ଖୁବ୍ ନାମ କମେଇବେ। ସନ୍ତାନ ମନ ଲଗେଇ କାମ କରିବେ। ନୂଆ କାମ କରିବାର ଇଚ୍ଛା ଜାଗ୍ରତ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍। (୧୧/୧୦)
ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍। (୧୧/୧୧)

ସେହି ଐଶ୍ୱରିକ ରୂପରେ ଅନେକ ମୁଖ, ଅନେକ ନେତ୍ର, ଅନେକ ଅଦ୍ଭୁତ ଦର୍ଶନୀୟ ବସ୍ତୁ, ଅନେକ ଦିବ୍ୟ ଅଳଙ୍କାର ଓ ଅନେକ ସଜ୍ଜିତ ଦିବ୍ୟାସ୍ତ୍ର ବିଦ୍ୟମାନ।

ସେହି ବିଶ୍ୱରୂପ ଦିବ୍ୟମାଲ୍ୟ ଓ ଦିବ୍ୟବସ୍ତ୍ର ଦ୍ୱାରା ସୁଶୋଭିତ। ଦିବ୍ୟଗନ୍ଧ ଦ୍ୱାରା ଅନୁଲିପ୍ତ। ଅତି ଅଦ୍ଭୁତ ଦୀପ୍ତିଶାଳୀ ଓ ସର୍ବତ୍ର ମୁଖବିଶିଷ୍ଟ ବୃଷ୍ଟିମାନ ହେଉଥିଲା।

ଶ୍ରୀ ରାମକୃଷ୍ଣ କହନ୍ତି - ମହାପୁରୁଷମାନେ ଭକ୍ତିର ଅଞ୍ଜନ ନେତ୍ରବିନ୍ଦୁରେ ଲେପନ କରିଥାନ୍ତି। ଶ୍ରୀମତୀ ରାଧା ତାଙ୍କର ସଖୀମାନଙ୍କୁ ଏକଦା କହିଥିଲେ ଯେ ସେ ଯେଉଁଆଡ଼କୁ ଚାହାନ୍ତି, ଦେଖନ୍ତି କେବଳ ଶ୍ରୀକୃଷ୍ଣଙ୍କୁ। ଏ କଥା ଶୁଣି ତାଙ୍କର ସଖୀମାନେ କହିଲେ - ଯେହେତୁ ତୁମର ନେତ୍ରବିନ୍ଦୁ ଭକ୍ତିର ଦିବ୍ୟ ଅଞ୍ଜନ ଦ୍ୱାରା ଅଭିଷିକ୍ତ, ସେଥିପାଇଁ ତୁମେ ତୁମର ପ୍ରିୟ ଶ୍ରୀକୃଷ୍ଣଙ୍କୁ ଏପରି ଭାବରେ ଦେଖୁଅଛ।

# ଲଞ୍ଚ୍ ହେବ ନୂଆ ଉପଗ୍ରହ



ଇସ୍ରୋ ଓ ନାସାର ସଂଯୁକ୍ତ ମିଶନ, ନାସା-ଇସ୍ରୋ ସିନ୍ଥେଟିକ୍ ଆପେର୍ଚ୍ୟୋର୍ ରାଡାର (ନିସାର)କୁ ଆଜି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ୍ ଅନ୍ତରୀକ୍ଷ କେନ୍ଦ୍ରରୁ ଲଞ୍ଚ୍ କରାଯିବାର ଯୋଜନା ରହିଛି। ଦେଶରେ ନିର୍ମିତ ଜିଏସ୍ଏଲ୍‌ଭି-ଏଫ୍୧୬ ରକେଟ୍ ଜରିଆରେ ଏହାକୁ ଅନ୍ତରୀକ୍ଷକୁ ପଠାଯିବ। ଏହି ଆଧୁନିକ ରାଡାର ଉପଗ୍ରହଟିକୁ ୭୪୦ କି.ମି ଉଚ୍ଚରେ ସ୍ଥାପିତ କରାଯିବ। ବାଦଲ ଓ ବର୍ଷା ସତ୍ତ୍ୱେ ବି ଏହା ୨୪ ଘଣ୍ଟା ପୃଥିବୀର ଫଟୋ ଉଠେଇପାରିବ। ଭୂସ୍ଖଳନ, ବିପର୍ଯ୍ୟୟ ପ୍ରବନ୍ଧନ ଓ ଜଳବାୟୁ ପରିବର୍ତ୍ତନ ଉପରେ ମଧ୍ୟ ଦୃଷ୍ଟି ରଖିପାରିବ ଏହି ଉପଗ୍ରହ। ତେବେ ଏହି ଉପଗ୍ରହ କେବଳ ଯେ ଭାରତ, ଆମେରିକା ପାଇଁ ଲାଭଦାୟକ ପ୍ରମାଣିତ ହେବ ତାହା ନୁହେଁ ପୂରା ଦୁନିଆ ପାଇଁ ମଧ୍ୟ ଲାଭକାରୀ ସାବ୍ୟସ୍ତ ହେବ ବୋଲି ଇସ୍ରୋର ଅଧ୍ୟକ୍ଷ କହିଛନ୍ତି। ଏହା ପୂର୍ବରୁ ୨୬ ଜାନୁଆରୀରେ ୧.୫ କି.ଗ୍ରା ଓଜନ ସହିତ ଲଞ୍ଚ କରାଯାଇଥିବା ଆଦିତ୍ୟ ଏଲ୍୧ ଉପଗ୍ରହ ସୂର୍ଯ୍ୟଙ୍କ ସମ୍ପର୍କରେ ତଥ୍ୟ ଦେଉଛି ଯେଉଁଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଉଛି। ଇସ୍ରୋ କେବଳ ତାମିଲନାଡୁ, କେରଳ ବା ଉତ୍ତର ଭାରତର ରାଜ୍ୟଗୁଡ଼ିକ ପାଇଁ ଅଲଗା ଅଲଗା ଭାବରେ କାମ ନକରି ପୂରା ଦେଶର ଆବଶ୍ୟକତା ଉପରେ ଅଧ୍ୟୟନ କରିଥାଏ। ଡିସେମ୍ବରରେ ଏକ ମାନବରହିତ ମିଶନ ଅନ୍ତରୀକ୍ଷକୁ ପଠାଯିବ। ଯଦି ଏହା ସଫଳ ରହିବ ତେବେ ଆସନ୍ତା ବର୍ଷ ଆଉ ଦୁଇଟି ମାନବରହିତ ମିଶନ ପଠାଯିବାର ଯୋଜନା ରହିଛି। ଏହାପରେ ୨୦୨୭ରେ ମାନବଯୁକ୍ତ ମିଶନ ଲଞ୍ଚ୍ କରାଯିବ।

ଇସ୍ରୋର ଅଧ୍ୟକ୍ଷ 'ଚନ୍ଦ୍ରଯାନ-୪' ମିଶନକୁ ନେଇ ମଧ୍ୟ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ମିଶନ ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ସେଠାରୁ ନମୁନା ଆଣିବ। ଏହାକୁ ସଫଳ କରିବା ପାଇଁ ଇସ୍ରୋ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ ରହିଛି।


# କଫି ଓ ବ୍ଲଡ୍ ସୁଗାର୍



ଦୁନିଆର ଲକ୍ଷାଧିକ ଲୋକଙ୍କ ପରି ଏକ କପ୍ କଫିରୁ ଆପଣଙ୍କର ସକାଳ ଆରମ୍ଭ ହେଉଛି କି ? କିମ୍ବା ଦିନସାରା କାମ ବୋଝରୁ ମୁକ୍ତି ପାଇବା ପାଇଁ କଫି ବ୍ରେକ୍ ନେଉଛନ୍ତି କି ? କଫି କେବଳ ଏକ ପାନୀୟ ନୁହେଁ ଅନେକ ଲୋକଙ୍କ ପାଇଁ ଏହା ଏନର୍ଜିର ସୋର୍ସ। ଦିନସାରା କ୍ଳାନ୍ତି ଦୂର କରିବାର ଏକ ଉପାୟ। କିନ୍ତୁ ଏହି ପସନ୍ଦଯୋଗ୍ୟ ପାନୀୟ ଆପଣଙ୍କ ବ୍ଲଡ୍ ସୁଗାର ଉପରେ କ'ଣ ପ୍ରଭାବ ପକଉଛି ସେ ବିଷୟରେ ଜାଣିଛନ୍ତି କି ?

କିଛି ଅଧ୍ୟୟନ ଅନୁସାରେ କଫିରେ ଥିବା କ୍ୟାଫିନ୍ କିଛି ସମୟ ପାଇଁ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରେ। କାରଣ କଫି ଚାପ ସୃଷ୍ଟି କରୁଥିବା ହର୍ମୋନ୍ ଆଡ୍ରେନାଲାଇନ୍‌କୁ ବୃଦ୍ଧି କରାଏ ଯାହା କୋଷିକାଗୁଡ଼ିକର ସୁଗାର୍ ସ୍ତରକୁ ପ୍ରୋସେସ୍ କରିବାର କ୍ଷମତାକୁ ଅସ୍ଥାୟୀ ଭାବରେ କମ୍ କରିଥାନ୍ତି। ଏହା ଇନ୍‌ସୁଲିନ୍ ସେନ୍ସିଟିଭିଟିକୁ ମଧ୍ୟ ପ୍ରଭାବିତ କରିପାରେ। ଏହାର ଅର୍ଥ କୋଷିକାଗୁଡ଼ିକ ଇନ୍‌ସୁଲିନ୍ ହର୍ମୋନ୍ ପ୍ରତି ସେତିକି ଭଲ ପ୍ରତିକ୍ରିୟା ଦିଅନ୍ତି ନାହିଁ ଯେତିକି ଦେବା ଉଚିତ। କଫିରେ କେବଳ କ୍ୟାଫିନ୍ ନଥାଏ ଅନ୍ୟ ବାୟୋଆକ୍ଟିଭ୍ ଯୌଗିକ ଆଣ୍ଟିଅକ୍ସିଡେଣ୍ଟ ଓ ମ୍ୟାଗ୍ନେସିୟମ୍ ପରି ତତ୍ତ୍ୱଗୁଡ଼ିକ ଥାଆନ୍ତି। ଏହି ତତ୍ତ୍ୱଗୁଡ଼ିକ ଶରୀରରୁ ସ୍ୱେଲିଂ କମ୍ କରି ଇନ୍‌ସୁଲିନ୍ ସେନ୍ସିଟିଭିଟିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିପାରନ୍ତି ଯେଉଁ କାରଣରୁ ଦୀର୍ଘ ସମୟ ଧରି ସୁଗାର୍ ସ୍ତରରେ ସୁଧାର ହୋଇପାରେ। ତେବେ କଫିରେ ଆପଣ ମିଶଉଥିବା ଚିନି, କ୍ରିମ୍ ବା ଫ୍ଲେଭର୍ଡ ସିରପ୍ ପରି ଜିନିଷ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରନ୍ତି। କିନ୍ତୁ ବିନା ଚିନି ଓ କ୍ଷୀରରେ ତିଆରି ବ୍ଲାକ୍ କଫିରେ କ୍ୟାଲୋରୀ ଓ କାର୍ବୋହାଇଡ୍ରେଟ୍ ବହୁତ କମ୍ ପରିମାଣରେ ଥାଏ। ତେଣୁ କଫି ପିଇବାର ସମୟ ଓ ମାତ୍ରା ଉପରେ ମଧ୍ୟ ଧ୍ୟାନ ଦେବା ଜରୁରୀ।

# ମହାଦେବ ପାହାଡ଼ର ଧାର୍ମିକ ମହତ୍ତ୍ୱ



କାଶ୍ମୀରର ମହାଦେବ ପାହାଡ଼ ପାଖରେ ହୋଇଥିବା ଏକ ବଡ଼ ଅପରେସନ୍ ଅନ୍ତର୍ଗତ ସୁରକ୍ଷା ବଳ ୨୨ ଏପ୍ରିଲ୍‌ରେ ପହଲଗାମ୍ ଆକ୍ରମଣରେ ସାମିଲ ହୋଇଥିବା ତିନି ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଦେଇଛନ୍ତି। ଏହି ପବିତ୍ର ପାହାଡ଼ ଉପରେ ହୋଇଥିବା ଏହି ଅପରେସନ୍‌ର ନାମ ରଖାଯାଇଥିଲା 'ଅପରେସନ୍ ମହାଦେବ'। ପ୍ରାଚୀନ ଗ୍ରନ୍ଥ ଓ କାଶ୍ମୀରର ଲୋକକଥାଗୁଡ଼ିକରେ ଉଲ୍ଲେଖ ଥିବା ଏକ ପବିତ୍ର ସ୍ଥାନ ହେଉଛି ମହାଦେବ ପାହାଡ଼। ୧୩,୦୦୦ ଫୁଟ୍ ଉଚ୍ଚରେ ଥିବା ଏହି ପାହାଡ଼କୁ ଶ୍ରୀନଗରର ସବୁଠାରୁ ଉଚ୍ଚ ବିନ୍ଦୁ ବୋଲି କୁହାଯାଏ ଓ କାଶ୍ମୀର ପରମ୍ପରା ମଧ୍ୟରେ ଏହା ଏକ ପୂଜନୀୟ ସ୍ଥାନ। ପହଲଗାମ୍ ଆକ୍ରମଣରେ ଧର୍ମ ଆଧାରରେ ଆତଙ୍କୀମାନେ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ସେହିପରି 'ଅପରେସନ୍ ମହାଦେବ'ର ସମୟ ମଧ୍ୟ ବହୁତ ଖାସ୍ ଥିଲା। ଶ୍ରାବଣ ପୂର୍ଣ୍ଣିମାର ଠିକ୍ ପୂର୍ବରୁ ଏହି ଅପରେସନ୍ କରାଯାଇଥିଲା। ହିନ୍ଦୁ ଧର୍ମରେ ଭଗବାନ ଶିବଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ପାଇଁ ଶ୍ରାବଣ ମାସରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଇତିହାସକାରଙ୍କ ଅନୁସାରେ କାଶ୍ମୀରୀ ପଣ୍ଡିତମାନେ ଏହି ପର୍ବତକୁ ତୀର୍ଥଯାତ୍ରା କରିବାକୁ ଯାଆନ୍ତି। ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପବିତ୍ର ସ୍ଥାନରେ ଏକ ପ୍ରାଚୀନ ଗ୍ଲାସିୟର ରହିଛି ଯାହା ବର୍ଷସାରା ଜମାଟ ବାନ୍ଧି ରହିଥାଏ ଯେଉଁଠାରୁ ବରଫ ଆଣି ଶ୍ରୀନଗରର ରାସ୍ତାରେ ଲୋକମାନେ ବିକ୍ରି କରନ୍ତି। ମହାଦେବ ପର୍ବତ ଶ୍ରୀନଗରର ଜବରୱାନ୍ ରେଞ୍ଜର ଅଂଶବିଶେଷ ଯାହାକୁ ସ୍ଥାନୀୟ ଭାଷାରେ ମହାଦେବ ଗଳି ବୋଲି କୁହାଯାଏ ଓ କାଶ୍ମୀରୀ ପଣ୍ଡିତମାନେ ଏହାକୁ ଭଗବାନ ଶିବଙ୍କ ନିବାସ ସ୍ଥାନ ଭାବରେ ମାନନ୍ତି। ଲୋକକଥା ଅନୁସାରେ ଭଗବାନ ଶିବ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ସମୟରେ ଏହି ରାସ୍ତା ଦେଇ ଅତିକ୍ରମ କରିଥିଲେ ଯେଉଁଠାରେ ସେ ମାତା ପାର୍ବତୀଙ୍କୁ ଶୁଣାଇଥିଲେ ଅମର କଥା। ତେବେ ପ୍ରାଚୀନ ଗ୍ରନ୍ଥ, ପୁରାଣ ଆଦିରେ ଓ ଦ୍ୱାଦଶ ଶତାବ୍ଦୀର 'ରାଜତରଙ୍ଗିଣୀ'ରେ ମହାଦେବଗିରି ବିଷୟରେ ଉଲ୍ଲେଖ ରହିଛି।


# ବନ୍ଧୁତା ଦିବସ




**ଦୁନିଆକୁ ଆସିବା ପୂର୍ବରୁ ଆମ ଜୀବନର ସବୁ ସମ୍ପର୍କ ସ୍ଥିର ହୋଇଥାଏ। କିନ୍ତୁ ବନ୍ଧୁତା ପରି ସମ୍ପର୍କକୁ ଆମେ ନିଜେ ଚୟନ କରିଥାନ୍ତି ଓ ସମୟ ସହିତ ଏହି ସମ୍ପର୍କ ଆମ ପାଇଁ ଖାସ୍ ହୋଇଯାଏ। ଏହି ବନ୍ଧୁ ଖରାପ ପରିସ୍ଥିତିରେ କାନ୍ଧକୁ କାନ୍ଧ ମିଶାଇ ଆମ ପାଖରେ ଛିଡ଼ା ହୋଇଥାଏ। ନିଜକୁ ସମସ୍ୟାରେ ପକାଇ ଆମକୁ ବିପଦ ଭିତରୁ ଟାଣି ଆଣିଥାଏ। ବନ୍ଧୁତାର ଏହି ସମ୍ପର୍କକୁ ସେଲିବ୍ରେଟ୍ କରିବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ବନ୍ଧୁତା ଦିବସ।**



**ଇତିହାସ-**୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ସଂଗଠନ, ୱାର୍ଲଡ ଫ୍ରେଣ୍ଡସିପ୍ କ୍ରୁସେଡ୍ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରଖିବା ପାଇଁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ରଖିଥିଲା। ୨୦୧୧ରେ ମିଳିତ ଜାତିସଂଘ ଆଜିର ଦିନରେ ଔପଚାରିକ ଭାବରେ ଏହି ଦିବସ ପାଳନ କରିବା ନେଇ ଘୋଷଣା କରିଥିଲେ। ଏହାପରେ ସମୟ ସହିତ ଧୀରେ ଧୀରେ ଏହି ଦିବସର ମହତ୍ତ୍ୱକୁ ବୁଝିବା ସହିତ ଲୋକମାନେ ପରସ୍ପର ପ୍ରତି ସ୍ନେହଭାବକୁ ବୃଦ୍ଧି କରିବା ପାଇଁ ଖାସ୍ ଉପାୟରେ ବନ୍ଧୁତା ଦିବସ ପାଳନ କରିବାକୁ ଲାଗିଲେ। ତେବେ କିଛି ଅନ୍ୟ ଦେଶ ଆର୍ଜେଣ୍ଟିନା, ଉରୁଗ୍ୱେ ଓ ବ୍ରାଜିଲ୍‌ରେ ଅଲଗା ଅଲଗା ଦିନରେ ବନ୍ଧୁତା ଦିବସ ପାଳନ କରାଯାଏ। ଆମ ଦେଶରେ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ବନ୍ଧୁତା ଦିବସ ପାଳନ କରାଯାଏ। ଲୋକମାନେ ଏହିଦିନ ସାଙ୍ଗସାଥିଙ୍କୁ ଶୁଭେଚ୍ଛା ଜଣାଇ ଉପହାର ଆଦି ଦିଅନ୍ତି ଯେପରି ସେମାନଙ୍କର ସମ୍ପର୍କ ଆହୁରି ମଜଭୁତ ହୋଇପାରିବ।






# ମାନବ ତସ୍କରୀ



ଆମ ଦେଶ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ମାନବ ତସ୍କରୀ ଖୁବ୍ ସଫଳତାର ସହିତ ଚାଲିଛି। ଦକ୍ଷିଣ ଏସିଆ ଓ ପ୍ରଶାନ୍ତ କ୍ଷେତ୍ର ଆଜି ଦୁନିଆର ଅନ୍ୟ କୌଣସି ସ୍ଥାନ ତୁଳନାରେ ମାନବ ତସ୍କରୀ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। କିଛି ରିପୋର୍ଟ ଅନୁସାରେ ଆଧୁନିକ ଦାସତ୍ୱ ଦ୍ୱାରା ପ୍ରଭାବିତ ୬୨ ପ୍ରତିଶତ ଲୋକ ଏକାକୀ ଏହି କ୍ଷେତ୍ରରେ ରହନ୍ତି। ମିଳିତ ଜାତିସଂଘ ଅନୁସାରେ ବିଶେଷ ଭାବରେ ଦକ୍ଷିଣ ଏସିଆ ଯେଉଁଥିରେ ବାଂଲାଦେଶ, ଭୁଟାନ, ଭାରତ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କା ପରି ଦେଶଗୁଡ଼ିକ ସାମିଲ ଅଛନ୍ତି ସେଠାରେ ମାନବ ତସ୍କରୀରେ ଫସିଥିବା ପିଲାମାନଙ୍କର ସଂଖ୍ୟା ସବୁଠାରୁ ଅଧିକ ଯାହା ଉପ-ସାହାରା ଆଫ୍ରିକା ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଆମ ଦେଶରେ ମାନବ ତସ୍କରୀ ଦ୍ୱାରା ପୀଡ଼ିତମାନଙ୍କର ସଂଖ୍ୟା ଅଧିକ ରହିଛି ଯେଉଁମାନେ ଜବରଦସ୍ତି ଭାବରେ ବା ବନ୍ଧୁଆ ମଜଦୁରୀ କାମ କରୁଛନ୍ତି। ସେମାନେ ଇଟାଭାଟି, କପଡ଼ା କାରଖାନା, କୃଷି ବା ପଥର ଖଣିଗୁଡ଼ିକରେ ଦିନରେ ୧୨ ଘଣ୍ଟା ବା ତା'ଠାରୁ ଅଧିକ ଘଣ୍ଟା ଧରି କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାକିରି ଓ ବଡ଼ ସ୍ତରରେ ପ୍ରମୋଶନ ଦେବାର ପ୍ରତିଜ୍ଞା କରି ଉତ୍ସାହିତ କରାଯାଇଥାଏ। ସେମାନଙ୍କର ଜୀବନ, ସେମାନଙ୍କର ପରିବାରର ଜୀବନ, ଆମାନବୀୟ କାର୍ଯ୍ୟକଳାପ ଓ ଜୀବନର ସ୍ଥିତିଗୁଡ଼ିକ ଦ୍ୱାରା ଭରି ରହିଥାଏ ଯାହା ମାଲିକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ଓ ସେମାନଙ୍କୁ ଏକ ବସ୍ତୁ ପରି ବ୍ୟବହାର କରାଯାଏ। କିଛି ପରିବାର ପିଢ଼ି ପରେ ପିଢ଼ି ଏହି କ୍ଷେତ୍ରରେ କାମ କରିବାକୁ ବାଧ୍ୟ ହୋଇଥାନ୍ତି। ଏଥିରେ ଶିକାର ହେଉଥିବା ଲୋକମାନଙ୍କ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କର ଅଧିକାରଗୁଡ଼ିକୁ ପ୍ରଚାର ଓ ସଂରକ୍ଷଣ କରିବା ପାଇଁ ଆଜିର ଦିନରେ ମିଳିତ ଜାତିସଂଘ ବିଶ୍ୱ ମାନବ ତସ୍କରୀ ନିଷେଧ ଦିବସ ପାଳନ କରେ।

# 'ବର୍ଡର୍-୨'ରେ ମେଧାଙ୍କ ଏଣ୍ଟ୍ରି





ସନି ଦେଓଲ ଅଭିନୀତ ଫିଲ୍ମ 'ବର୍ଡର୍-୨' ଆସନ୍ତା ବର୍ଷ ୨୩ ଜାନୁଆରୀରେ ବଡ଼ ପରଦାରେ ଦସ୍ତକ ଦେବ। ଏଥିରେ ସନିଙ୍କ ସହିତ ବରୁଣ ଧୱନ୍, ଦିଲଜିତ୍ ଦୋସାଂଝ ଓ ଅହାନ ସେଟ୍ଟି ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ନିର୍ମାତାମାନେ ସୋସିଆଲ୍ ମିଡିଆରେ ଏକ ଖବର ସେୟାର୍ କରିଛନ୍ତି ଯାହା ଖୁବ୍ ଭାଇରାଲ୍ ହେଉଛି। ଏହି ଖବର ପରେ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି 'ବର୍ଡର-୨'। ଫିଲ୍ମରେ ବରୁଣଙ୍କ ଲଭ୍ ଇଣ୍ଟେରେଷ୍ଟ ଭାବରେ ଅଭିନେତ୍ରୀ ମେଧା ରାଣାଙ୍କୁ କାଷ୍ଟ କରାଯାଇଛି ଯେଉଁ ଖବର ପାଇବା ପରେ ମେଧାଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଖେଳିଯାଇଛି ଖୁସିର ଲହର। ନିକଟରେ ଫିଲ୍ମର ସୁଟିଂକୁ ନେଇ ଖବର ଆସିଥିଲା ଓ ଦିଲ୍‌ଜିତ ଏକ ଭିଡିଓ ମଧ୍ୟ ସେୟାର୍ କରିଥିଲେ। ଏହାପରେ ପୁଣି ଥରେ ମେଧାଙ୍କ ଏଣ୍ଟ୍ରି ନେଇ ଆସିଥିବା ଖବର ଦର୍ଶକମାନଙ୍କ ଉତ୍ସାହକୁ ଦୁଇ ଗୁଣ କରିଦେଇଛି। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଏହା ପୂର୍ବରୁ ମେଧା ଫିଲ୍ମ ଇସ୍କ୍ ଦି ଏୟାର୍, ଫ୍ରାଇଡେ ନାଇଟ୍ ପ୍ଲାନ୍‌ରେ କାମ କରିସାରିଛନ୍ତି। ଓଟିଟି ଦୁନିଆରେ ମେଧା ୨୦୨୨ରେ ଆସିଥିବା ୱେବ୍ ସିରିଜ 'ଲଣ୍ଡନ ଫାଇଲ୍ସ' ଜରିଆରେ ଡେବ୍ୟୁ କରିସାରିଛନ୍ତି। ଏହି ସିରିଜ ଜରିଆରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ ମେଧା। ଏଥିରେ ତାଙ୍କ ସହିତ ଥିଲେ ଅର୍ଜୁନ ରାମପାଲ୍ ଓ ପୂରବ କୋହଲି। ଅଭିନୟ ଜଗତକୁ ଆସିବା ପୂର୍ବରୁ ମେଧା ମଡେଲିଂ ଦୁନିଆରେ ମଧ୍ୟ ନିଜର ଛାପ ଛାଡ଼ିସାରିଛନ୍ତି। କେତେକ ମ୍ୟୁଜିକ୍ ଭିଡିଓଜ୍‌ରେ ମଧ୍ୟ କାମ କରିଛନ୍ତି ମେଧା। ଅର୍‌ମାନ ମଲିକଙ୍କ ଗୀତ 'ବରସାତ୍' ଓ ଅନୁଭ ଜୈନଙ୍କ ଗୀତ 'ଗୁଲ୍'ରେ ବି ମେଧା ନଜର ଆସିଥିଲେ। ଅଚାନକ ଚର୍ଚ୍ଚାର ପରିସରକୁ ଆସିଥିବା ମେଧାଙ୍କ ତୁଳନା କରାଯାଉଛି 'ସୈୟାରା' ଗାର୍ଲ ଅନୀତ ପଡ୍ଡାଙ୍କ ସହିତ। କିନ୍ତୁ ଦର୍ଶକଙ୍କ ଅନୁସାରେ ମେଧା ରାଣା ବଲିଉଡ୍‌ର ନୂଆ ବେଯୋଡ଼ ଫ୍ରେସ୍ ଫେସ୍ ହୋଇଯିବେ।

# ନାରୀ ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ଧାରଣା



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି । ଜଣେ ମହିଳା ଘରୁ ବାହାରିଲେ ତା'ର କର୍ମ କ୍ଷେତ୍ରକୁ ସୁରକ୍ଷିତରେ ଘରକୁ ଫେରିବ ବୋଲି ଏହି ବିଜେପି ସରକାରରେ କୌଣସି ଗ୍ୟାରେଣ୍ଟି ନାହିଁ । ବିଗତ ଦିନରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଗଭୀରତାର ସହ ନେଇ ବିଜୁ ଜନତା ଦଳର ସାଂସଦମାନେ ଆଜି ସଂସଦ ଭବନର ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ । ଏସ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି କରିବା ସହ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ ଦାବି କରିଥିଲେ । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

## ବୁଣାକାର ସେବା କେନ୍ଦ୍ର ସହ ମିଶନ୍ ଶକ୍ତିର ବୁଝାମଣା ସ୍ୱାକ୍ଷରିତ

# ବୟନ ପରମ୍ପରାକୁ ଆଗକୁ ନେଉଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମତବ୍ୟକ୍ତ କରିଛନ୍ତି । ଆଜି ମିଶନ୍ ଶକ୍ତି ଭବନର ଅଡିଟରିୟମ ହଲ୍‌ରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ବୁଣାକାର ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ୍ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ରର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି ।

ନିକଟରେ ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିବା ମୟୂରଭଞ୍ଜର ସାନ୍ତାଳି ବୟନ ଶିଳ୍ପର ପୁନରୁଦ୍ଧାର ଓ କେଉଁଝର ଜିଲ୍ଲାର ମହିଳା ସଂକୀର୍ତ୍ତନ କଥାକୁ ଦୋହରାଇ ଶ୍ରୀମତୀ ପରିଡ଼ା କହିଲେ ଯେ ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ପୂର୍ଣ୍ଣ ଭାବେ ହାସଲ କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ଲକ୍ଷପତି ଦିଦି ମା' ମାନଙ୍କୁ ଏବେ କୋଟିପତି କରିବାକୁ ପ୍ରୟାସ ଜାରି ରଖିଛୁ ବୋଲି ଶ୍ରୀମତୀ ପରିଡ଼ା ଦୃଢ଼ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଓଡ଼ିଶାର ଉଦ୍ୟୋଗୀ ମହିଳାଙ୍କ ପାଇଁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ଏକ ଉଦୀୟମାନ କ୍ଷେତ୍ର ଅଟେ । ହଜାର ହଜାର ଏସଏଚଜି ସଦସ୍ୟା ତନ୍ତ ବୁଣା, ସିଲାଇ, ଏମ୍ବ୍ରୋଇଡାରି ଏବଂ ଘରୋଇ ଉତ୍ପାଦକୁ ନିଜର ଜୀବନଜୀବିକା ଭାବେ ଗ୍ରହଣ କରିଥିବା ବେଳେ ଏହି ବୁଝାବଣା ପତ୍ର ଆଧୁନିକ, ଡିଜାଇନ୍ ଏବଂ ବଜାର ପ୍ରସ୍ତୁତ ଇକୋସିଷ୍ଟମ ନିର୍ମାଣ ଦିଗରେ ସହାୟକ ହେବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି । ବିଭାଗୀୟ ସହଭାଗିତାରେ ଏହି ପଦକ୍ଷେପ ଡିଜାଇନ୍ ମେଣ୍ଟରସିପ୍, ନମୁନା ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବ ସହ ଏକ ସ୍ଥାୟୀ ମହିଳା-ନେତୃତ୍ୱାଧୀନ ବୟନ ଉଦ୍ୟୋଗ ନିର୍ମାଣ ଏବଂ ବୟନ ମୂଲ୍ୟ ଶୃଙ୍ଖଳ ଗଢ଼ିବାରେ ସହାୟକ ହେବ ବୋଲି ବିଭାଗର ନିର୍ଦ୍ଦେଶକ, ଡ. ମୋନିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ଆଲୋକପାତ କରି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିକାଶ କୁମାର, ଉପନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟସ୍ତରରେ ସ୍ୱୀକୃତି ପାଇଛନ୍ତି । ରାଜ୍ୟ ସରକାରଙ୍କ ସହିତ ଏହି ସହଭାଗିତା, ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ । ଏହି ପଦକ୍ଷେପ ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଯୋଡ଼ି ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଏବଂ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ ପ୍ରଦାନ କରିବ ।



## ବିଜେଡି, କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟକୁ ବିଜେପିର ନିନ୍ଦା

# ପଦାରେ ପଡ଼ିଛି ଉଭୟ ଦଳର ଦୋମୁହାଁ ନୀତି

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡ଼ିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡ଼ିଶାବାସୀ ଦେଖୁଛନ୍ତି । ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ । ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି । ନିଜ ଅସଲ ଚିତ୍ର ଧରାପଡ଼ିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ ।

ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୂରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ନିରଞ୍ଜନ ମିଶ୍ର କହିଛନ୍ତି । ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମୀରେଖା ଦାସ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାସିନୀ ପୃଷ୍ଟିଙ୍କ ସମେତ ଜିଲ୍ଲା ଓ ରାଜ୍ୟର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ ।



# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ବୁଝାମଣା

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଭିତ୍ତିଭୂମି ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିଷ୍ଠାନ ପରିସର ମଧ୍ୟରେ ପାଠାଗାର କୋଠା, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ବାସଗୃହ, ହଷ୍ଟେଲ ଓ ଏକାଡେମିକ୍ ବ୍ଲକ୍‌ର ଅତିରିକ୍ତ ମହଲା ନିର୍ମାଣ ନିମନ୍ତେ ଏକ ବୁଝାମଣାପତ୍ର ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ନିର୍ମାଣ ନିଗମ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଓ ଓଡ଼ିଶା ନିର୍ମାଣ ନିଗମ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଚୌଧରୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମୋଟ ୨୬ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ଏହି ସବୁ ନିର୍ମାଣ କାର୍ଯ୍ୟ କରାଯିବ । ଏଥି ନିମନ୍ତେ ଦୁଇବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଓଡ଼ିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଅଧ୍ୟାପକ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଅସୁରକ୍ଷିତ ମହିଳା

# ଅଗଷ୍ଟ ୧ରୁ ୧୪ ଦୁଇ ପର୍ଯ୍ୟାୟରେ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଯୁବ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।



ବ୍ୟୋମକେଶ ରାୟ କହିଥିଲେ, ଗତ ୧୩ ମାସ ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ସହିତ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ଛାତ୍ରୀମାନେ ବେଳାଭୂମିଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସରେ ମଧ୍ୟ ସୁରକ୍ଷିତ ନାହାନ୍ତି । ବିଭିନ୍ନ ଛାତ୍ରୀ ନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି । ଛାତ୍ରୀ ଓ ନାରୀମାନେ ଅସୁରକ୍ଷିତ ହୋଇ ପଡ଼ିଥିଲା ବେଳେ ରାଜ୍ୟ ବିଜେପି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜ ଷ୍ଟ୍ରାଇକ କରିଥିଲା । ବିଜୁ ଜନତା ଦଳ ତରଫରୁ ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ସହିତ ତିନି ଆର୍‌ଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯିବ । ଏଥିରେ ଛାତ୍ରଛାତ୍ରୀମାନେ ତାଙ୍କ ଅଞ୍ଚଳର ଥାନା ଓ ଏସ୍‌ପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୁଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ । ସେହିପରି, ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ରଛାତ୍ରୀମାନେ ରାଜ୍ୟର ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲକ୍ଷାଧିକ ଚିଠି ପଠାଯିବ ବୋଲି ଶ୍ରୀ ରାୟ କହିଥିଲେ । ଅନ୍ୟପକ୍ଷରେ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ନିକଟରେ ଘଟି ଯାଇଥିବା ଘଟଣାମାନଙ୍କୁ ନେଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜା ଓ ନିନ୍ଦା ସାଉଁଟିଛି । ଆମେରିକା ରାଷ୍ଟ୍ରପତିଙ୍କ ଅଫିସରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜେରିରେ ଓଡ଼ିଶା ସମେତ ଦେଶର ଛଅଟି ରାଜ୍ୟକୁ ନଯିବା ପାଇଁ ଏହାର ନାଗରିକ ମାନଙ୍କୁ କହିଥିଲେ । ବିଶେଷକରି ନାରୀ ଅସୁରକ୍ଷିତ ଓ ଉଗ୍ରବାଦ ବୃଦ୍ଧି ଦର୍ଶାଇ ଏହି ବାରଣ କରା ଯାଇଥିବାରୁ ଓଡ଼ିଶା ପାଇଁ ଏହା ଲଜ୍ଜା ଓ ନିନ୍ଦା ଆଣିଥିଲା । ସେହିପରି ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି କହିଥିଲେ । ଏତେ ନିନ୍ଦା ଓ ଲଜ୍ଜା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ । ନାରୀ ନିର୍ଯାତନାର ପ୍ରତିବାଦରେ ବିଜୁ ଜନତା ଦଳ ତରଫରୁ ଅଗଷ୍ଟ ୧ ତାରିଖରୁ ଦୁଇ ଥାକିଆ ଆନ୍ଦୋଳନ କରାଯିବ । ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଆନ୍ଦୋଳନ ଜାରି ରଖିବ ।

# ସଂସଦରେ 'ଅପରେସନ୍ ସିନ୍ଦୂର' ଆଲୋଚନା: ଚର୍ଚ୍ଚାରେ ଦେବାଶିଷ ଓ ମୁନ୍ନା

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ସଂସଦରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହେବାପରେ ଦଳର ଆଭିମୁଖ୍ୟ କ'ଣ ରହିବ ସେ ସମ୍ପର୍କରେ ବିଜେଡି ସାଂସଦମାନଙ୍କୁ ନବୀନ ନିବାସରୁ ହ୍ୱାଟସଅପ୍ ମାଧ୍ୟମରେ ୬ସୂତ୍ରୀୟ ଗୁରୁମନ୍ତ୍ର ଜାରି କରାଯାଇଛି । ବିଜେଡି ଲୋକସଭାରେ ମୂଳପୋଛ ହୋଇଥିବାବେଳେ ରାଜ୍ୟସଭାରେ ୭ଜଣ ସାଂସଦ ଅଛନ୍ତି । ନବୀନ ନିବାସରୁ ଯାଇଥିବା ହ୍ୱାଟସଅପ୍ ସନ୍ଦେଶକୁ ଦଳର ସମସ୍ତ ୭ ସାଂସଦଙ୍କୁ ବଣ୍ଟନ କରାଯିବା ପରେ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ଚିହିଁକି ଉଠିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।

ସେମାନେ ହ୍ୱାଟସଆପରେ ଯାଇଥିବା ସନ୍ଦେଶକୁ ସିଧାସଳଖ ଖାରଜ କରି 'ଅପରେସନ୍ ସିନ୍ଦୂର' ଆଲୋଚନାରେ ଦଳ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟିକୁ ଗୃହ ବିବରଣୀରେ ରେକର୍ଡ କରୁ ବୋଲି ଚାହୁଁଥିଲେ । ବିଜେଡି ସୂତ୍ର ଅନୁସାରେ, ଦଳର ଏହି ଦୁଇ ବରିଷ୍ଠ ନେତାଙ୍କ ଏଭଳି ଆଭିମୁଖ୍ୟ ଦେଖି ଆଉ କେତେକ ବିଜେଡି ସାଂସଦ ସଙ୍ଗେସଙ୍ଗେ ନବୀନ ନିବାସକୁ ଅବଗତ କରାଇଥିଲେ । ଆଉ ସେଠାରୁ ଯେଉଁ ସନ୍ଦେଶ ଯାଇଥିଲା ତାହା ଦଳରେ ପୁଣିଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଉଭୟ ସାଂସଦଙ୍କୁ ଏହି ଆଲୋଚନାରୁ ଦୂରେଇ ରଖିବାକୁ ନବୀନ ନିବାସରୁ ଅଘୋଷିତ ସର୍ବେସର୍ବା ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି ।

ସୂଚନା ଯୋଗ୍ୟ ଯେ ରାଜ୍ୟସଭାରେ ଆଜି 'ଅପରେସନ୍ ସିନ୍ଦୁର'କୁ ନେଇ ହେବାକୁ ଥିବା ଆଲୋଚନା ପୂର୍ବରୁ ବିଜେଡିକୁ ପୁଣିଥରେ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ସୂଚନା ମିଳିଛି । ଗତ ଏପ୍ରିଲ ମାସରେ ୱାକଫ୍ ବିଲ୍‌କୁ ସମର୍ଥନ କରିବା ପ୍ରସଙ୍ଗରେ ବିଜେଡିର ସଂସଦୀୟ ଦଳରେ ଫାଟ ଯେଭଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା ଏବେ ଅନୁରୂପ ସ୍ଥିତି ପୁଣିଥରେ ଉପୁଜିବାର ଆଶଙ୍କା ଦେଖାଦେଇଛି । ଲୋକସଭାରେ ମୂଳପୋଛ ହୋଇସାରିଥିବା ବିଜେଡି ରାଜ୍ୟସଭାରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନାରେ କେଉଁ ଆଭିମୁଖ୍ୟ ଆପଣାଉଛି ତାକୁ ନେଇ ସଂଶୟ ଲାଗି ରହିଛି । ତେବେ ରାଜ୍ୟସଭାରେ ଆଲୋଚନାବେଳେ 'ଅପରେସନ୍ ସିନ୍ଦୂର'କୁ ପ୍ରଶଂସା ଓ ସକାରାତ୍ମକ ଚର୍ଚ୍ଚା କରିବା ନିମନ୍ତେ ବିଜେଡି ଜାରି କରିଥିବା ଫତୱାକୁ ଦଳର ଦୁଇ ସାଂସଦ ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ତୀବ୍ର ବିରୋଧ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଯେଉଁଥିପାଇଁ ଏହି ଦୁଇ ବରିଷ୍ଠ ନେତା ତଥା ଉଭୟ ସାଂସଦଙ୍କୁ ରାଜ୍ୟସଭାରେ ଆଲୋଚନାରୁ ଦୂରେଇ ରଖିବାକୁ ଅଘୋଷିତ ନିର୍ଦ୍ଦେଶନାମା ଜାରି ହୋଇଥିବା ବିଜେଡି ସୂତ୍ରରୁ ସୂଚନା ମିଳିଛି । ବିଜେଡିର ଅଘୋଷିତ ସର୍ବେସର୍ବାଙ୍କ ଦ୍ୱାରା ଜାରି ୬ସୂତ୍ରୀୟ ଗୁରୁମନ୍ତ୍ର ମଧ୍ୟ ଏବେ ଦଳୀୟ ମହଲରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି,ଯେଉଁଥିରେ ସାଂସଦମାନେ କିଭଳି କହିବେ, କ'ଣ ଓ କେତେ କହିବେ ସେସବୁକୁ ନବୀନ ନିବାସରୁ ନିୟନ୍ତ୍ରିତ ପାଇଁ ପ୍ରୟାସ ହୋଇଥିବା ଜଣାପଡ଼ିଛି ।



ଚଳିତ ଥର ସଂସଦ ଅଧିବେଶନ ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇନାହିଁ । ମାତ୍ର ଅପରେସନ୍ ସିନ୍ଦୂର ଆଲୋଚନାରେ ଦଳର ଆଭିମୁଖ୍ୟ କ'ଣ ରହିବ ତାକୁ ନେଇ ନବୀନ ନିବାସ ପକ୍ଷରୁ ସାଂସଦମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନା ମାଟି ଦଳର ନେତୃତ୍ୱଙ୍କ ଅନୁମୋଦନ କରାଯାଇଛି ବୋଲି ଉଲ୍ଲେଖ ଅଛି । ଯେଉଁ ୬ଟି ସୂତ୍ରୀୟ ଗୁରୁମନ୍ତ୍ର ପଠାଯାଇଛି ତାହା କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ସିଧାସଳଖ ଶ୍ରେୟ ଦେବା ପରିବର୍ତ୍ତେ 'ଭାରତୀୟ ସଶସ୍ତ୍ର ବାହିନୀ'ର ସାହସିକତା ଓ ପ୍ରଶଂସା କରି ପରୋକ୍ଷରେ ସମର୍ଥନ ଦେବା ଭଳି ହୋଇଛି । ସୂଚନା ଥାଉ କି ବିଜେଡି ନିଜର ମୌଳିକ ବିଚାରଧାରାରୁ ଓହରି ଗତ ଏପ୍ରିଲ ମାସରେ ଯେଉଁଭଳି ଢଙ୍ଗରେ କେନ୍ଦ୍ର ସରକାରଙ୍କ ୱାକଫ୍ ବିଲକୁ ସମର୍ଥନ କଲା ତାକୁ ନେଇ ଦଳ ଭିତରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଥିଲା । କିଏ ସାଂସଦମାନଙ୍କୁ ଏଭଳି ନିଷ୍ପତ୍ତି ନେବାକୁ କହିଥିଲା ତାହା ସମସ୍ତେ ଜାଣିଥିଲେ ମଧ୍ୟ କେହି ସିଧାସଳଖ ମୁହଁ ଖୋଲିନଥିଲେ । ଏବେ ସେହି ପ୍ରସଙ୍ଗ ଥମି ନଥିବାବେଳେ 'ଅପରେସନ ସିନ୍ଦୂର'କୁ ନେଇ ଦଳର ଆଭିମୁଖ୍ୟ ପୁଣିଥରେ ସାଂସଦମାନଙ୍କ ଭିତରେ ଫାଟ ଓ ଆକ୍ରୋଶର କାରଣ ପାଲଟିଥିବା ଚର୍ଚ୍ଚା । ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହୋଇଥିବାରୁ ବିଭିନ୍ନ ପ୍ରସଙ୍ଗରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସିଧାସଳଖ ସମର୍ଥନ ଦେବା ଦ୍ୱାରା ରାଜ୍ୟରେ ଦଳୀୟ ସଂଗଠନ ଦୁର୍ବଳ ହେଉଥିବା କର୍ମୀ-ନେତାମାନେ ଅନୁଭବ କରୁଛନ୍ତି । ଯାହାକୁ ଆକଳନ କରି ଦେବାଶିଷ ଓ ମୁନ୍ନାଙ୍କ ଭଳି ପୁରୁଖା ବିଜେଡି ନେତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବଢୁଥିବା ମହିଳା ବିରୁଦ୍ଧ ହିଂସାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ଜାତୀୟସ୍ତରରେ ଲୋକଲୋଚନକୁ ଆଣିବା ପାଇଁ ସଂସଦ ଭବନ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ଦଳୀୟ ସାଂସଦମାନଙ୍କୁ ପ୍ରତିବାଦ କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା । ସଂସଦ ଅଧିବେଶନ ଆରମ୍ଭରୁ ଏହି କାର୍ଯ୍ୟକ୍ରମ କରିବାକୁ ଦଳୀୟସ୍ତରରେ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଅଘୋଷିତ ସର୍ବେସର୍ବାଙ୍କ ଗ୍ରୀନ୍ ସିଗନାଲ ନମିଳିବାରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ପ୍ରାୟ ଏକ ସପ୍ତାହ ଧରି ସମ୍ଭବପର ହୋଇପାରିନଥିଲା । ତେବେ ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବାଦ୍ ଦେଇ ଦଳର ସାଂସଦମାନେ ଗାନ୍ଧିମୂର୍ତ୍ତି ତଳେ ଆଜି ମଙ୍ଗଳବାର ପୋଷ୍ଟରବ୍ୟାନର ଧରି ପ୍ରତିବାଦ କରିଥିବା ସୂଚନା ମିଳିଛି ।

## ରତ୍ନଭଣ୍ଡାର ମରାମତି ପରର ଫଟୋ ପ୍ରଘଟ ଘଟଣା

# ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ଉପରେ ଦେଇଛି ଆଘାତ : ବିଜେଡି

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଏଏସଆଇ ଦ୍ୱାରା ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମରାମତି ପରର ଫଟୋ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜୁ ଜନତା ଦଳ ଆଜି ଏହାକୁ ଦୃଢ଼ ନିନ୍ଦା କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିର ଭିତରକୁ କ୍ୟାମେରା ବା କୌଣସି ଇଲେକ୍ଟ୍ରୋନିକ ଗ୍ୟାଜେଟ ନେବା ଆଇନ ଅନୁଯାୟୀ ଅସିଦ୍ଧ ହୋଇଥିବା ବେଳେ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ଏଏସଆଇ କିପରି ରତ୍ନ ଭଣ୍ଡାର ଓ ଭୋଗ ମଣ୍ଡପର ପ୍ରବେଶ ଦ୍ୱାରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶ କଲା, ତାହା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶ୍ରୀମନ୍ଦିରର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ଯୋଗୁ ବିଶ୍ୱର ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଛି । ଏହି ଗୁରୁତର ତ୍ରୁଟି ପାଇଁ ଏଏସଆଇ ଅଧିକାରୀ ଜଗନ୍ନାଥ ପ୍ରେମୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ଏହି ତ୍ରୁଟି ପାଇଁ ଦାୟୀ ଥିବା ଅଧିକାରୀଙ୍କୁ ନିଲମ୍ବନ କରାଯାଉ । ଏହାଛଡା ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ଆଇନ ମନ୍ତ୍ରୀ ଏହି ତ୍ରୁଟି ସମ୍ପର୍କରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ. ଲେନିନ ମହାନ୍ତି ଦାବି କରିଛନ୍ତି ।



# କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତକଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀରେ କେନ୍ଦ୍ର ଶକ୍ତି, ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ବିଚାର ପାଇଁ ଅନୁରୋଧ ମଧ୍ୟ କରିଛନ୍ତି । ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଆଲୋଚନା ରହିଛି ।

ସୁନ୍ଦରଗଡ଼ ଜିଲ୍ଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ ଏନ୍‌ଏଲ୍‌ସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ୍ ଆବଣ୍ଟନ କରିବାକୁ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏହା ଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ । ଏନ୍‌ଏଲ୍‌ସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା । ଓଡ଼ିଶା ଏହାର ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି ।

## ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟି-୨୦ ସିରିଜ୍

# ୫-୦ରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍




**ବାସେଟେରେ, ୨୯।୭/ଏଜେନ୍ସି:** ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟିକିଆ ଟି-୨୦ ସିରିଜ୍ ଶେଷ ହୋଇଛି। ପୂର୍ବ ୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟ ଲାଭ କରିଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ୍ ଟି-୨୦ ମ୍ୟାଚ୍‌କୁ ମଧ୍ୟ ଜିତିବାରେ ସଫଳ ହୋଇଛି। ୫ମ ତଥା ଅନ୍ତିମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୩ ୱିକେଟରେ ପରାସ୍ତ କରି ସିରିଜ୍‌କୁ ୫-୦ରେ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ ଦଳ। ବାସେଟେରେ ଠାରେ ଖେଳାଯାଇଥିବା ପଞ୍ଚମ ତଥା ଶେଷ ମ୍ୟାଚ୍‌ରେ ଟିମ୍ ଡେଭିଡ୍, ମିଚେଲ୍ ଓୱେନ୍ ଏବଂ କ୍ୟାମେରନ୍ ଗ୍ରୀନ୍‌ଙ୍କ ଚମତ୍କାର ବ୍ୟାଟିଂ ପାଇଁ ଅଷ୍ଟ୍ରେଲିଆ ସହଜ ବିଜୟ ଲାଭ କରିପାରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୧୯.୪ ଓଭରରେ ୧୭୦ ରନ୍ ହିଁ କରିପାରିଥିଲା। ଜବାବରେ, ଅଷ୍ଟ୍ରେଲିଆ ୧୬ ଓଭରରେ ୭ ୱିକେଟ୍ ହରାଇ ୧୭୩ ରନ୍ କରି ଲକ୍ଷ୍ୟ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ପ୍ରଦର୍ଶନ ଆରମ୍ଭରୁ ଖରାପ ଥିଲା। ଓପନର୍ ଶାଇ ହୋପ୍ ମାତ୍ର ୧୪ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ, ଦ୍ୱିତୀୟ ଓପନର୍ ବ୍ରାଣ୍ଡନ୍ କିଙ୍ଗ୍ ୨୨ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପାୱାରପ୍ଲେରେ, ୱେଷ୍ଟଇଣ୍ଡିଜ୍ ୩ ୱିକେଟ ହରାଇ ୪୯ ରନ୍ କରିଥିଲା। ୧୦ ଓଭର (ଡ୍ରିଙ୍କସ୍) ପର୍ଯ୍ୟନ୍ତ ସ୍କୋର ୪ ୱିକେଟ ହରାଇ ୮୪ ରନ୍ ଥିଲା। ତେବେ ଶିମ୍ରନ୍ ହିଟମାୟାର୍‌ଙ୍କ ବିସ୍ଫୋରକ ଇନିଂସ ଯୋଗୁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୫୦ ଅତିକ୍ରମ କରିପାରିଥିଲା। ହିଟ୍‌ମାୟାର ୩୧ ବଲ୍ ଖେଳି ୫୨ ରନ୍‌ର ପାଳି ଖେଳିଥିଲେ। ନିଜ ପାଳିରେ ସେ ୩ ଚୌକା ଏବଂ ୩ଟି ଛକା ମାରିଥିଲେ। ହିଟମାୟାରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ସେପରି ଆଖିଦୃଶିଆ ସ୍କୋର କରିପାରିନଥିଲେ। ତେବେ ରଦରଫୋର୍ଡ କେବଳ ୩୫ରନ୍‌ର ଚମତ୍କାର ଇନିଂସ ଖେଳିବାରେ ସଫଳ ହୋଇଥିଲେ। ସେ ୧୭ବଲ୍‌ରୁ ୩୫ ରନ୍ କରିଥିଲେ। ହୋଲ୍ଡର ୧୫ ବଲ୍‌ରେ ୨୦ ରନ୍ କରିଥିଲେ। ତେବେ ଏହି ଭାଗୀଦାରୀ ଯୋଗୁଁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୭୦ରେ ପହଞ୍ଚିଥିଲା।

୧୭୧ ରନ୍‌ର ଟାର୍ଗେଟକୁ ପିଛା କରିବା ସମୟରେ ଅଷ୍ଟ୍ରେଲିଆର ଆରମ୍ଭ ମଧ୍ୟ ଭଲ ନଥିଲା। ଓପନର ଗ୍ଲେନ୍ ମ୍ୟାକ୍ସୱେଲ୍ ୧୨ ରନ୍ କରି ଆଉଟ୍ ହୋଇଥିଲେ। ଜୋଶ୍ ଇଙ୍ଗଲିସ୍ ୨୩ ରନ୍ ଏବଂ ମିଚେଲ୍ ମାର୍ଶ ୨୫ ରନ୍ କରି ପାଭିଲିୟନ୍ ଫେରିଥିଲେ। ପାୱାରପ୍ଲେରେ ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇ ୬୭ ରନ୍ କରିଥିଲା। ତେବେ କାମେରନ୍ ଗ୍ରୀନ୍ ଇନିଂସ ସମ୍ଭାଳିଥିଲେ କ୍ୟାମରନ୍ ଗ୍ରୀନ୍ ଅଷ୍ଟ୍ରେଲିଆ ଇନିଂସ ସମ୍ଭାଳିଥିଲେ ଏବଂ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ସେ ଟିମ୍ ଡେଭିଡ୍ ସହିତ ଚତୁର୍ଥ ୱିକେଟ୍ ପାଇଁ ୧୪ବଲ୍ ରେ ୩୫ ରନ୍ ଏବଂ ମିଚେଲ୍ ଓ୍ୱେନ୍ ସହିତ ପଞ୍ଚମ ୱିକେଟ୍ ପାଇଁ ୨୯ ବଲ୍‌ରେ ୬୩ ରନ୍ ର ଭାଗୀଦାରି କରିଥିଲେ। ଗ୍ରୀନ୍ ୧୮ ବଲ୍‌ରେ ୩୨ ରନ୍, ଡେଭିଡ୍ ୧୨ ବଲ୍‌ରେ ୩୦ ରନ୍ ଏବଂ ଓ୍ୱେନ୍ ୧୭ ବଲ୍‌ରେ ୩୭ ରନ୍ କରିଥିଲେ। ଉତ୍କର୍ଷ ପ୍ରଦର୍ଶନ ପାଇଁ ବେନ୍ ଦ୍ୱାରଶୁଇସ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ କ୍ୟାମେରନ୍ ଗ୍ରୀନ୍ ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷିତ ହୋଇଛନ୍ତି।

## ଗୁରୁବାର ଅନ୍ତିମ ଟେଷ୍ଟ: ଅପେକ୍ଷାରେ ଓଭାଲ୍ ଗ୍ରାଉଣ୍ଡ

# ନେଟ୍ସରେ ଝାଳ ବୁହାଇଲେ ଭାରତୀୟ ଖେଳାଳି



**ଲଣ୍ଡନ,୨୯।୭/ଏଜେନ୍ସି:** ଇଂଲଣ୍ଡ-ଭାରତ ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆସନ୍ତା ଗୁରୁବାର (୩୧ ଜୁଲାଇ) ଖେଳାଯିବ। ଏଥିଲାଗି ଉଭୟ ଦଳର ଖେଳାଳିମାନେ ନେଟ୍ସରେ ଜବରଦସ୍ତ ଅଭ୍ୟାସ କରିବା ସହ ଝାଳ ବୁହାଉଥିବାର ଦେଖିବାକୁ ମିଳିଛି। ଭାରତୀୟ ଦଳର ଖେଳାଳିମାନେ ମଙ୍ଗଳବାର ଦି ଓଭାଲ ଗ୍ରାଉଣ୍ଡରେ ପ୍ରାକ୍ଟିସ ଆରମ୍ଭ କରିଛନ୍ତି। ଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ସାଇ ସୁଦର୍ଶନ ପ୍ରଥମ ଖେଳାଳି ଭାବେ ନେଟ୍ସରେ ପହଞ୍ଚିଥିଲେ। ଗତ ୪ଟି ଯାକ୍ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇନଥିବା ଯୁବ ସ୍ପିନର କୁଲଦୀପ ଯାଦବ ମଧ୍ୟ ସାଥୀ ଖେଳାଳିଙ୍କ ସହ ନେଟ୍ସରେ ଝାଳ ବୁହାଇଥିଲେ। ବୋଲିଂ କୋଚ ମର୍ନେ ମୋର୍କେଲଙ୍କ ତତ୍ତ୍ୱାବଧାନରେ ପଦାର୍ପଣ ଅପେକ୍ଷାରେ ଥିବା ବାମହାତୀ ପେସର ଅର୍ଶଦୀପ ସିଂହ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ବୋଲିଂ କରିଥିଲେ। ସେହିପରି ଶୁଭମନ୍ ଗିଲ୍, ରବୀନ୍ଦ୍ର ଜାଡେଜା ଆଦି ନେଟ୍ସରେ ଦୀର୍ଘସମୟ ଧରି ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।

ରିପୋର୍ଟ ଅନୁସାରେ ଭାରତ ବର୍ତ୍ତମାନ ସୁଦ୍ଧା ଓଭାଲ୍ ଷ୍ଟାଡିୟମ୍‌ରେ ଖେଳିଥିବା ୧୫ଟି ଟେଷ୍ଟମ୍ୟାଚ୍ ମଧ୍ୟରୁ ମାତ୍ର ୨ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ସେହିପରି ୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଥିବା ବେଳେ ୬ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଅନ୍ୟପକ୍ଷେ ଇଂଲଣ୍ଡ ଏହି ଗ୍ରାଉଣ୍ଡରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୦୬ଟି ମ୍ୟାଚ୍ ଖେଳିଥିବା ବେଳେ ୪୫ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ୨୪ଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିବା ଇଂଲଣ୍ଡ ୩୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଛି। ଏହି ଦୃଷ୍ଟିକୋଣରୁ ଓଭାଲ୍ ଟେଷ୍ଟରେ ଭାରତ ତୁଳନାରେ ଇଲଣ୍ଡର ପଲ୍ଲା ଭାରି ରହିଥିବା ଅନୁମାନ କରାଯାଉଛି। କିନ୍ତୁ ୪ର୍ଥ ଟେଷ୍ଟରେ (ମାଞ୍ଚେଷ୍ଟର) ଭାରତ ଯେଉଁଭଳି ଲଢୁଆ ପ୍ରଦର୍ଶନ ପୂର୍ବକ ମ୍ୟାଚ୍‌କୁ ଫେରିଥିଲା ଏବଂ ହାର୍‌କୁ ସହଜରେ ଗ୍ରହଣ ନକରିବାର ମନୋଭାବ ପୋଷଣ କରିଥିଲା ସେଥିରୁ ଓଭାଲ୍ ଟେଷ୍ଟରେ ଭାରତର ପ୍ରଦର୍ଶନ ଇଂଲଣ୍ଡକୁ କଡା ଟକ୍କର ଦେବା ଭଳି ହେବ ବୋଲି ଆଶା କରାଯାଉଛି।

# ବିସିସିଆଇ ଅଫିସ୍‌ରୁ ଚୋରି

**ମୁମ୍ବାଇ,୨୯।୭/ଏଜେନ୍ସି:** ମୁମ୍ବାଇ ସ୍ଥିତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୱାଙ୍ଖେଡେ ଷ୍ଟାଡିୟମ କାର୍ଯ୍ୟାଳୟରେ ଚୋରି ହୋଇଥିବା ସମ୍ପର୍କରେ ସୂଚନା ମିଳିଛି। ତେବେ କୌଣସି ଟଙ୍କାପଇସା କିମ୍ବା ମୂଲ୍ୟବାନ ସାମଗ୍ରୀ ବଦଳରେ ଆଇପିଏଲ ଜର୍ସି ହୋଇଥିବା କୁହାଯାଇଛି। ତେବେ ଏହି ଚୋରି ପଛରେ କାର୍ଯ୍ୟାଳୟର ଜଣେ ୪୦ବର୍ଷୀୟ କର୍ମଚାରୀର ହାତ ଥିବା ଜଣାଯାଇଛି। ଫାରୁକ ଅସଲମ୍ ଖାନ୍ ନାମକ ଏହି କର୍ମଚାରୀ ବିସିସିଆଇ ଅଫିସ୍‌ରୁ ପ୍ରାୟ ୨୬୧ଟି ଜର୍ସି ଚୋରି କରିଛି। ଗୋଟିଏ ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହିସାବରେ ସେ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିଥିବା ବିସିସିଆଇ ସୂତ୍ରରୁ ଜଣାପଡିଛି।

ବିସିସିଆଇ ଅଫିସ୍‌ରେ ହୋଇଥିବା ଏହି ଚୋରି ସମ୍ପର୍କରେ ପୁଲିସ କହିଛି ଯେ ଫାରୁକ୍ ଅନ୍‌ଲାଇନରେ ଜୁଆ ଖେଳୁଥିଲା ଏବଂ ସେ ତାର ଜୁଆ ନିଶା ପାଇଁ ଏହି ଆଇପିଏଲ୍ ଜର୍ସି ଚୋରି କରିଥିଲା। ଫାରୁକ୍ ସୋସିଆଲ ମିଡିଆ ମାଧ୍ୟମରେ ହରିୟାଣାର ଜଣେ ଅନଲାଇନ୍ ଜର୍ସି ଡିଲରଙ୍କ ସହ ଯୋଗାଯୋଗରେ ଥିଲା, ଯାହାପାଖକୁ ସେ ଏସବୁ ଚୋରି ସାମଗ୍ରୀ କୋରିଅର ମାଧ୍ୟମରେ ପଠାଉଥିଲା। ତେବେ ଏହା ପୂର୍ବରୁ ମଧ୍ୟ ଫାରୁକ୍ ଅନେକ ଜର୍ସି ଏହିପ୍ରକାରେ ଚୋରି କରୁଥିଲା ଏବଂ ସେସବୁକୁ ବିକ୍ରି କରି ଭଲ ଟଙ୍କା ପାଉଥିଲା। କିନ୍ତୁ ଏସବୁ ସମ୍ପର୍କରେ ସେତେବେଳେ ଜଣାପଡୁନଥିଲା। ଏବେ ଯେତେବେଳେ ବିସିସିଆଇ ପକ୍ଷରୁ ଷ୍ଟକ୍ ଅଡିଟ୍ କରାଯାଇଛି ସେତେବେଳେ ଏହି କଥା ଧରାପଡ଼ିଛି। ଏହା ପରେ ସିସିଟିଭି ଫୁଟେଜ୍‌ରୁ ଫାରୁକ୍ ଏକ କାର୍ଟୁନ ବାହାରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ଏହା ପରେ ବିସିସିଆଇ ପକ୍ଷରୁ ମେରିନ ଡ୍ରାଇଭ୍ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ପୁଲିସ ଏପର୍ଯ୍ୟନ୍ତ ୫୦ଟି ଜର୍ସି ଜବତ କରିସାରିଥିବା ବେଳେ ଫାରୁକ୍‌କୁ ହେପାଜତ୍‌କୁ ନେଇଛି। ସେହିପରି ସେ ଯେଉଁ ଅନ୍‌ଲାଇନ୍ ଜର୍ସି ଡିଲରଙ୍କୁ ଏସବୁ ଚୋରି ସାମଗ୍ରୀ ବିକ୍ରି କରୁଥିଲା ତାଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ୍ ଉଦ୍ୟମ ଆରମ୍ଭ କରିଛି।

# ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦୁଇ ଓଡ଼ିଆ ଖେଳାଳି




**ଭୁବନେଶ୍ୱର,୨୯।୭/ଏଜେନ୍ସି:** ୨୯ ଜୁଲାଇରୁ ୧ ଅଗଷ୍ଟ ୨୦୨୫ ଚେନ୍ନାଇ ଠାରେ ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣମେଣ୍ଟରେ ତିନୋଟି ଦଳ ଯଥା ଇଣ୍ଡିଆ ରେଡ୍, ଇଣ୍ଡିଆ ବ୍ଲୁ ଏବଂ ଇଣ୍ଡିଆ ଗ୍ରୀନ୍ ସାମିଲ ହେବେ। ତେବେ ଏହି ଟୁର୍ଣ୍ଣମେଣ୍ଟ ପାଇଁ ଓଡିଶାର ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏମାନେ ହେଲେ ଦେବେନ୍ଦ୍ର ମେହେର ଏବଂ ରାଜେଶ କୁମାର ପ୍ରଧାନ। ଦେବେନ୍ଦ୍ରଙ୍କୁ ଇଣ୍ଡିଆ ବ୍ଲୁ' ପାଇଁ ଚୟନ କରାଯାଇଥିବା ବେଳେ ରାଜେଶ କୁମାରଙ୍କୁ ଇଣ୍ଡିଆ ରେଡ୍ ପାଇଁ ଚୟନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନକାରୀଙ୍କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ରେ ସାମିଲ ହୋଇପାରିବେ ବୋଲି ଜଣାପଡିଛି। ଏହି ଦୁଇ ଓଡ଼ିଆ ଖେଳାଳିଙ୍କୁ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସୱାଲ୍ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଜାର ଓ ଅଧିନାୟକ ରାଖାଲ୍ କୁମାର ସେଠି ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଓଭାଲ ପିଚ୍ କ୍ୟୁରେଟର୍‌ଙ୍କ ଉପରେ ରାଗିଗଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ପଞ୍ଚମ ଏବଂ ଶେଷ ମ୍ୟାଚ ଜୁଲାଇ ୩୧ରୁ ଖେଳାଯିବ। ପଞ୍ଚମ ଟେଷ୍ଟ ମ୍ୟାଚର ଦୁଇ ଦିନ ପୂର୍ବରୁ, ମଙ୍ଗଳବାର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଓଭାଲ ପିଚ୍ କ୍ୟୁରେଟରଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିବା ଜଣାପଡିଛି। ଏହି ଯୁକ୍ତିତର୍କ ସେତେବେଳେ ହୋଇଥିଲା ଯେତେବେଳେ ଟିମ ଇଣ୍ଡିଆ ଅଭ୍ୟାସ ସେସନ ପାଇଁ ଗ୍ରାଉଣ୍ଡରେ ପହଞ୍ଚିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ବିବାଦ ଏତେ ବଢ଼ି ଯାଇଥିଲା ଯେ ଗୌତମ ଗମ୍ଭୀର ପିଚ କ୍ୟୁରେଟରଙ୍କ ଉପରେ କ୍ରୋଧରେ ଚିତ୍କାର କରି କହିଥିଲେ ତୁମେ ଆମକୁ କ'ଣ କରିବାକୁ ହେବ ତାହା କହିବା ଦରକାର ନାହିଁ। ଓଭାଲ ଗ୍ରାଉଣ୍ଡ ଷ୍ଟାଫ୍ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ବିରୋଧରେ ଅଭିଯୋଗ କରିବାକୁ ମଧ୍ୟ ଧମକ ଦେଇଥିଲେ। ସୂଚନାଯୋଗ୍ୟ, କ୍ୟୁରେଟର ଲି ଫୋର୍ଟିସଙ୍କ ଆଚରଣ ଭ୍ରମଣକାରୀ ଦଳଙ୍କ ପାଇଁ ସର୍ବଦା ଖରାପ ରହିଆସିଛି।

## ଦେଶ ବିଦେଶ

# ନ୍ୟୁୟର୍କରେ ଅତର୍କିତ ଗୁଳିକାଣ୍ଡ: ୫ ମୃତ

**ନ୍ୟୁୟର୍କ, ୨୯।୭/ଏଜେନ୍ସି:** ଆମେରିକାର ନ୍ୟୁୟର୍କ ସହରରେ ପୁଣିଥରେ ଗୁଳିଫୁଟିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଆତତାୟୀ ଅତର୍କିତ ଭାବେ ଗୁଳିକାଣ୍ଡ ଭିଆଇଥିବା ବେଳେ ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ତେବେ ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ଆତତାୟୀଜଣକ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଛି। ନ୍ୟୁୟର୍କର ସେଣ୍ଟ୍ରାଲ ମନହାଟନରେ ଗୁଳିକାଣ୍ଡର ଭିଜୁଆଲ ସାମ୍ନାକୁ ଆସିଛି। ଆତତାୟୀଜଣକର ନାମ ସେନ୍ ତାମୁରା (୨୭) ଏବଂ ସେ ଲସ୍ ଭେଗାସର ସ୍ଥାୟୀବାସିନ୍ଦା ବୋଲି ଜଣାପଡିଛି। ଏନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ସିଏନଏନ ପକ୍ଷରୁ ରିପୋର୍ଟ ପ୍ରକାଶ କରିଛି। ଆତତାୟୀଜଣକ ମନହାଟନରେ ମଝି ସହରରେ ଥିବା ପାର୍କ ଆଭେନ୍ୟୁ ଲବିରୁ ପାଖରେ ଥିବା ଏକ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୪୦ ମିନିଟ ସମୟରେ ଗୁଳିକାଣ୍ଡ ଘଟିଛି।

# ଆଣ୍ଡାମାନ୍ ନିକୋବରରେ ୬.୨ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ମଙ୍ଗଳବାର ସକାଳେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୬.୨ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ସରକାରୀ ସୂଚନା ଅନୁଯାୟୀ, ଏହି ଭୂମିକମ୍ପ ପ୍ରାୟ ୧୨:୧୧ ସମୟରେ ଅନୁଭୂତ ହୋଇଥିଲା ଏବଂ ଏହାର ଉତ୍ପତ୍ତି ସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିବା ରେକର୍ଡ କରାଯାଇଛି। ତେବେ ଏହି ଭୂକମ୍ପନ ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ, କୌଣସି ଆହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ସାମ୍ନାକୁ ଆସିନାହିଁ। ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬:୪୪ ସମୟରେ ମଧ୍ୟ ଆଣ୍ଡାମାନ ସାଗରରେ ସମାନ ଗଭୀରତାରେ ଅନୁଭୂତ ହୋଇଥିଲା, କିନ୍ତୁ ଏହାର ତୀବ୍ରତା ୪.୯ କମ୍ ଥିଲା। ଅନ୍ୟପକ୍ଷେ ସୋମବାର ସନ୍ଧ୍ୟା ୬:୩୬ ସମୟରେ ଅରୁଣାଚଳ ପ୍ରଦେଶର ତିରପ ଜିଲ୍ଲାରେ ୩.୫ ତୀବ୍ରତାର ଆଉ ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ, ୨୧ ଜୁଲାଇରେ, ଅରୁଣାଚଳପ୍ରଦେଶର ଉପର ସୁବାନସିରି ଜିଲ୍ଲାରେ ୩.୪ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ସାରା ବିଶ୍ୱରେ ପ୍ରାୟ ପ୍ରତିଦିନ ଭୂମିକମ୍ପ ଅନୁଭୂତ ହେଉଛି। ୨୦ ଜୁଲାଇରେ, ରୁଷର କାମଚଟକା ଅଞ୍ଚଳରେ ୧୦ କିଲୋମିଟର ଗଭୀରତାରେ ୭.୪ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ୟୁରୋପୀୟ-ଭୂମଧ୍ୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏବଂ ଜର୍ମାନୀର ଜିଏଫ୍‌ଜେଡ୍ ଉଭୟ ୭.୪ ତୀବ୍ରତାର ଭୂମିକମ୍ପ ରିପୋର୍ଟ କରିଛନ୍ତି। ହାୱାଇରେ, ଆମେରିକାର ଜାତୀୟ ସୁନାମି ଚେତାବନୀ କେନ୍ଦ୍ର ଦ୍ୱାରା ପ୍ରଥମେ ସୁନାମି ଚେତାବନୀ ଜାରି କରାଯାଇଥିଲା କିନ୍ତୁ ପରେ ଏହାକୁ ବାତିଲ କରାଯାଇଥିଲା।

## ବିମାନବନ୍ଦରକୁ ଫେରିଲା ବୋଇଂ ୭୮୭ ଡ୍ରିମ୍‌ଲାଇନର

# ପୁଣି ବୋଇଂ ବିମାନ ଇଞ୍ଜିନ୍‌ରେ ତ୍ରୁଟି

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଆଉ ଏକ ବୋଇଂ ବିମାନ ସମ୍ପର୍କରେ ସୂଚନା ମିଳିଛି ଯାହାକି ଯାନ୍ତ୍ରିକ ତ୍ରୁଟିର ଶିକାର ହୋଇ ବିମାନବନ୍ଦରକୁ ଫେରିବାକୁ ବାଧ୍ୟ ହୋଇଛି। ରିପୋର୍ଟ ଅନୁସାରେ ଗତ ଶୁକ୍ରବାର, ମଝି ଆକାଶରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବା ପରେ ମ୍ୟୁନିକ୍ ଯାଉଥିବା ୟୁନାଇଟେଡ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ୱାଶିଂଟନ୍ ଡଲେସ୍ ବିମାନବନ୍ଦରକୁ ଫେରିବାକୁ ବାଧ୍ୟ ହୋଇଥିଲା। ଉଡ଼ାଣର କିଛି ମିନିଟ୍ ପରେ ବିମାନର ବାମ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏକ 'ମେ ଡେ' ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପ୍ରାୟ ୫ ହଜାର ଫୁଟ ଉଚ୍ଚତାରେ ଏହି ଘଟଣା ଘଟିଥିଲା, ଯାହା ଫଳରେ ବିମାନ କର୍ମଚାରୀମାନେ ଏକ ଜରୁରୀକାଳୀନ ଘୋଷଣା ଜାରି କରିଥିଲେ ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ବିମାନ ଟ୍ରାଫିକ୍ ନିୟନ୍ତ୍ରକଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ମୂଳତଃ ମ୍ୟୁନିକ ବିମାନବନ୍ଦରକୁ ଯାଉଥିବା ବିମାନଟି ୱାଶିଂଟନର ଉତ୍ତର-ପଶ୍ଚିମରେ ସୁରକ୍ଷିତ ଭାବରେ ଇନ୍ଧନ ପକାଇବା ଏବଂ ଅବତରଣ ପାଇଁ ରଖାଯାଇଥିଲା। ସୂଚନା ଅନୁସାରେ, ଇନ୍ଧନ ଡମ୍ପିଂ ଚାଲିଥିବା ସମୟରେ ପାଇଲଟ୍ ୬ ହଜାର ଫୁଟ ଉଚ୍ଚତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ବିମାନ ଟ୍ରାଫିକ୍ ନିୟନ୍ତ୍ରକମାନଙ୍କୁ ଏୟାରସ୍ପେସ୍ ସଫା କରିଥିଲେ ଏବଂ ବିମାନକୁ ୨୦ ଡିଗ୍ରୀ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଇନ୍ଧନ ଡମ୍ପିଂ ସମାପ୍ତ ହେବା ପରେ, କ୍ରୁ ରନୱେ ୧୯ ସେଣ୍ଟରରେ ଲ୍ୟାଣ୍ଡିଂ ପାଇଁ ଅନୁରୋଧ କରିଥିଲେ। ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟରେ କୁହାଯାଇଛି।

# ୨୨ ପିଲାଙ୍କୁ ପୋଷ୍ୟ ଗ୍ରହଣ କରିବେ ରାହୁଲ

**ଶ୍ରୀନଗର,୨୯।୭/ଏଜେନ୍ସି:** ଅପରେଶନ ସିନ୍ଦୂର ବେଳେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ଅନାଥ ହୋଇଥିବା ୨୨ ଜଣ ପିଲାଙ୍କୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୋଷ୍ୟ ଭାବେ ଗ୍ରହଣ କରିବେ। ଏହି ପିଲାମାନେ ପାକିସ୍ତାନୀ ସେଲ୍ ମାଡ଼ରେ ସେମାନଙ୍କ ମା'ବାପାଙ୍କୁ ହରାଇଥିବା ଜମ୍ମୁ-କାଶ୍ମୀର କଂଗ୍ରେସର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି। ରାହୁଲ ଉକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ମେ' ୭ରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିବା ବେଳେ ପାକିସ୍ତାନୀ ସେନା ୪ ଦିନ ଧରି ଜୋରଦାର ସେଲ୍ ମାଡ଼ କରିଥିଲା। ଏଥିରେ ସୀମାନ୍ତ ଜିଲ୍ଲା ପୁଞ୍ଛ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ୧୩ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ ୭୫ ଜଣ ଆହତ ହୋଇଥିଲେ ଏବଂ ଶତାଧିକ ଘର ଧ୍ୱଂସ ହୋଇଥିଲା।

# ଆଜି ଉତ୍କ୍ଷେପଣ ହେବ 'ନିସାର'

## ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବ ନାସା-ଇସ୍ରୋର ଏହି ମିଳିତ ଉପଗ୍ରହ



**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ନାସା ଓ ଇସ୍ରୋ ଦ୍ୱାରା ମିଳିତ ଭାବରେ ବିକଶିତ ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ନିସାର', ଜୁଲାଇ ୩୦ରେ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଉତ୍କ୍ଷେପଣ କରାଯିବ। ଏହି ଉପଗ୍ରହକୁ ଜିଏସ୍‌ଏଲ୍‌ଭି-ଏଫ୧୬ରେ ଉତକ୍ଷେପଣ କରାଯିବ ଏବଂ ଏହାକୁ ୭୩୪ କିଲୋମିଟର ଦୂର ସୂର୍ଯ୍ୟର ସମାନ କକ୍ଷପଥରେ ରଖାଯିବ। ଏହି ଉପଗ୍ରହ ପ୍ରତି ୧୨ ଦିନରେ ସମଗ୍ର ବିଶ୍ୱକୁ ସ୍କାନ କରିବ, ଯାହା ପୃଥିବୀ ପୃଷ୍ଠର ଏକ ବିସ୍ତୃତ ଚିତ୍ରର ଏକ ଶୃଙ୍ଖଳା ପ୍ରଦାନ କରିବ। ଦୁଇଟି ରାଡାର ସିଷ୍ଟମ୍ ସହିତ, ଏହି ଉପଗ୍ରହ ସମସ୍ତ ପ୍ରକାରର ପାଣିପାଗ ପରିସ୍ଥିତିରେ ଏବଂ ଦିନ ଏବଂ ରାତି ଉଭୟ ସମୟରେ ବହୁତ ଉଚ୍ଚ-ରିଜୋଲ୍ୟୁସନ୍‌ଯୁକ୍ତ ତଥ୍ୟ ପ୍ରଦାନ କରିପାରିବ। ଏହି ଉପଗ୍ରହ ସମାନ ଭୂଖଣ୍ଡରେ ବାରମ୍ବାର ପର୍ଯ୍ୟବେକ୍ଷଣ ସମୟରେ ଏକ ସେଣ୍ଟିମିଟର ଆକାରର ଛୋଟ ପରିବର୍ତ୍ତନଗୁଡ଼ିକୁ କଏଦ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ। ସୁତରାଂ ଏହା ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟାଗୁଡ଼ିକ, ଯେପରିକି ହିମବାହ, ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଏବଂ ଜଙ୍ଗଲରେ ପରିବର୍ତ୍ତନ, ଏବଂ ଭୂମିକମ୍ପ ଓ ଆଗ୍ନେୟଗିରିର ଗତିବିଧି ଅଧ୍ୟୟନ କରିପାରିବ। ଏହି ଉପଗ୍ରହ ଜଳବାୟୁ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପଦ ଭଳି ପ୍ରକ୍ରିୟାଗୁଡ଼ିକ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ୨୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ, ନିସାର ଏକ ଭିନ୍ନ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମ ଥର ପାଇଁ ଦୁଇଟି ଫ୍ରିକ୍ୱେନ୍ସିରେ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏହା ନାସା ଓ ଇସ୍ରୋ ସିନ୍ଥେଟିକ୍ ଆପର୍ଚର ରାଡାର ପାଇଁ ବ୍ୟବହୃତ ହୁଏ। ନିସାର ନାସାର ଏଲ-ବ୍ୟାଣ୍ଡ ଏବଂ ଇସ୍ରୋର ଏସ-ବ୍ୟାଣ୍ଡ ଫ୍ରିକ୍ୱେନ୍ସିରେ ପୃଥିବୀକୁ ପରିକ୍ରମା କରିବ। ଗୋଟିଏ ଉପଗ୍ରହରେ ଦୁଇଟି ରାଡାର ସିଷ୍ଟମ ରଖିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା କାରଣ ଦୁଇଟି ସିଷ୍ଟମକୁ ହାର୍ଡୱେରର ବିଭିନ୍ନ ସେଟ୍ ଆବଶ୍ୟକ, ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ଢଙ୍ଗରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ପ୍ରାୟ ୧.୫ ବିଲିଅନ୍ ଆମେରିକୀୟ ଡଲାର ମୂଲ୍ୟର ଏହି ଉପଗ୍ରହ ବିଶ୍ୱର ସବୁଠାରୁ ମହଙ୍ଗା ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଇସ୍ରୋ ଏହି ସାଟେଲାଇଟ୍ ପାଇଁ ୪୬୯.୪ କୋଟି ଟଙ୍କା ପ୍ରଦାନ କରିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra